RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 • ISSUE-141 • MONDAY • 17 NOVEMBER 2025 • PAGE-12 • ₹ 6.00 | BHUBANESWAR | ବର୍ଷ-୪୩ • ସଂଖ୍ୟା-୧୪୧ • ସୋମବାର • ୧୭ ନଭେମ୍ବର ୨୦୨୫ • ପୃଷ୍ଠା-୧୨ • ଟ.୬.୦୦




ଆସିପାରେ 'କୁଛ କୁଛ ହୋତା ହୈ'ର ସିକ୍ୱେଲ

ପୃଷ୍ଠା ୧୧ ଦେଖନ୍ତୁ...




# SN ECO RESORT & WATER PARK

*Where Adventure Meets Peace*

**DESTINATION WEDDINGS || CORPORATE EVENTS || WEEKEND GETAWAYS**

• Luxury Rooms • Premium Cottages • Multi-cusine Restaurant • Swimming Pool
• SPA • Open GYM • Water Park • Boating • Children's Park
• Adventure Activities • Indoor & Outdoor Games



Premium Cottages



Comfortable Rooms



In-house Restaurant



Banquet Hall



Ayurvedic SPA



Destination Weeding Venue



Swimming Pool



Fun Filled Water Park



20+ Adventure Activities

*Celebrate the magic of Christmas and the joy of New Year with us this holiday season..*

For Bookings | +91 8144584399 / 9237379453 | www.snecoresort.com


SN Eco Resort & Waterpark, Dhirapatana, Dhenkanal

# ଉଜୁଡ଼ି ଗଲା ଲାଲୁ ପରିବାର

## ରୋହିଣୀଙ୍କ ପରେ ଘର ଛାଡ଼ିଲେ ଆଉ ତିନି ଝିଅ, ଦିଲ୍ଲୀ ପଳାଇଲେ

ପାଟନା, ୧୬।୧୧ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନରେ ବଡ଼ ପରାଜୟ ପରେ ଆର୍‌ଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବଙ୍କ ଘରେ ଅଦିନିଆ ଝଡ଼ ଆସିଛି। ପରିବାରର ସଦସ୍ୟଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଛି। ବଡ଼ ପୁଅ ତେଜପ୍ରତାପ ଯାଦବଙ୍କ ପରେ ଏବେ ବାପାଙ୍କୁ କିଡ୍‌ନୀ ଦେଇଥିବା ଝିଅ ରୋହିଣୀ ଆଚାର୍ଯ୍ୟ ପରିବାର ଏବଂ ପାର୍ଟି ଛାଡ଼ି ପଳାଇଛନ୍ତି। ତାଙ୍କୁ ସମର୍ଥନ କରି ଲାଲୁଙ୍କ ଆଉ ତିନି ଝିଅ ମଧ୍ୟ ଆଜି ପାଟନା ଘର ଛାଡ଼ି ପିଲାମାନଙ୍କୁ ନେଇ ଦିଲ୍ଲୀ ପଳାଇଛନ୍ତି। ଏହି ତିନି ଝିଅ ହେଲେ ରାଜଲକ୍ଷ୍ମୀ, ରାଗିନୀ ଏବଂ ଚନ୍ଦା। ସେମାନେ ମଧ୍ୟ ପରିବାର ସହିତ ସଂପର୍କ ତୁଟାଇବାକୁ ଘୋଷଣା କରିଛନ୍ତି।

ବାହାରର ଦୁଇ ବ୍ୟକ୍ତିଙ୍କ ଯୋଗୁଁ ଏବେ ଜଣଙ୍କ ପରେ ଜଣେ ଆରଜେଡି ଏବଂ ଲାଲୁଙ୍କୁ ଛାଡ଼ି ଚାଲି ଯାଉଛନ୍ତି। ରାଜନୀତି ଏବଂ ପରିବାର ଛାଡ଼ିବାର ଦିନକ ପରେ ରବିବାର ରୋହିଣୀ ସାମାଜିକ ଗଣମାଧ୍ୟମ ପୋଷ୍ଟ ମାଧ୍ୟମରେ ଗୁମର ଖୋଲିଛନ୍ତି। ସେ ତେଜସ୍ୱୀ ଯାଦବ ଏବଂ ସଞ୍ଜୟ ଯାଦବଙ୍କ ବିରୋଧରେ ଗମ୍ଭୀର ଅଭିଯୋଗ ଲଗାଇଛନ୍ତି। ରୋହିଣୀ ଏକ କୋହଭରା ପୋଷ୍ଟରେ କହିଛନ୍ତି ଯେ ମୋତେ ଶ୍ୱଶୁର ଘରଠାରୁ ଅଲଗା କରି ଅନାଥ ବନାଇ ଦିଆଗଲା। କାନ୍ଦି କାନ୍ଦି ଘର ଛାଡ଼ିବାକୁ ପଡ଼ିଲା। ମୋ ଉପରକୁ ମଧ୍ୟ ଚପଲ ଉଠାଗଲା। ଆତ୍ମସମ୍ମାନ ସହ ସାଲିସ ନ କରି ମୁଁ ବାହାରି ଆସିଲି। ଆଉ କେହି ମୋ ଭଳି ଦୁର୍ଦ୍ଦଶା ନଭୋଗନ୍ତୁ। କୌଣସି ଘରେ ମୋ ଭଳି ଭାଇ-ଭଉଣୀ ନ ରୁହନ୍ତୁ। ଏହି ପୋଷ୍ଟ ରୋହିଣୀ କିଡ୍‌ନୀ ଦେଇଥିବାର ଭିଡିଓ ପୋଷ୍ଟ କରିଛନ୍ତି।



ମୋ ସହିତ ଖରାପ ବ୍ୟବହାର କରାଯାଉଥିଲା: ରୋହିଣୀ
ଭଉଣୀଙ୍କ ପ୍ରତି ଅପମାନ ସହିବି ନାହିଁ: ତେଜପ୍ରତାପ

ଅନ୍ୟ ଏକ ପୋଷ୍ଟରେ ରୋହିଣୀ ଲେଖିଛନ୍ତି ଯେ ଶନିବାର ମତେ ଗାଳିଗୁଲଜ କରାଯାଇଥିଲା। ବାପାଙ୍କୁ ଖରାପ କିଡନୀ ଦେଇ କୋଟି କୋଟି ଟଙ୍କା ଏବଂ ଟିକଟ ନେଇଥିବା କୁହାଯାଇଥିଲା।

ନିର୍ବାଚନରେ ପରାଜୟକୁ ନେଇ ତେଜସ୍ୱୀ ଏବଂ ରୋହିଣୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଶନିବାର ଅପରାହ୍ଣରେ ଇଣ୍ଡିଆ ମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଥିବା ତେଜସ୍ୱୀ ପରାଜୟ ପାଇଁ ରୋହିଣୀଙ୍କୁ ଦାୟୀ କରିଥିଲେ। ତେଜସ୍ୱୀ ତାଙ୍କ ଉପରକୁ ଚପଲ ଫୋପାଡ଼ି ଥିଲେ। ଲାଲୁ ପରିବାରର ଏହି ବିବାଦ ପଛରେ ବାହାରର ଦୁଇ ଜଣ ବ୍ୟକ୍ତିଙ୍କ ହାତ ଥିବା କୁହାଯାଉଛି। ସେମାନେ ହେଲେ ତେଜସ୍ୱୀଙ୍କ ଘନିଷ୍ଠ ସଞ୍ଜୟ ଯାଦବ ଏବଂ ରମିଜ ଖାନ। ଉଭୟଙ୍କ ପାଇଁ ଭାଇ ତାଙ୍କୁ ଏଭଳି ବ୍ୟବହାର କଲା ବୋଲି ରୋହିଣୀ ଅଭିଯୋଗ କରିଛନ୍ତି। ଆଜି ମୁମ୍ବାଇ ଯିବା ସମୟରେ ରୋହିଣୀ କହିଛନ୍ତି, ସେ ତାଙ୍କର ସଂପର୍କ କେବଳ ତେଜସ୍ୱୀଙ୍କ ସହ ତୁଟାଇଛନ୍ତି। ବାପା ମାଆ ଏବଂ ଅନ୍ୟ ଭାଇ ଭଉଣୀ ତାଙ୍କ ସହିତ ଅଛନ୍ତି ବୋଲି ସେ କହିଛନ୍ତି। ଏହି ବିବାଦ ଉପରେ ସେ ଅଧିକ କିଛି କହିବାକୁ ମନା କରିଦେଇଥିଲେ।

ଇତିମଧ୍ୟରେ ଏହି ବିବାଦକୁ ନେଇ ମୁହଁ ।।ଖୋଲିଛନ୍ତି ଲାଲୁଙ୍କ ବଡ଼ ପୁଅ ତେଜପ୍ରତାପ। ସେ କହିଛନ୍ତି ଯେ ତାଙ୍କ ପ୍ରତି ହୋଇଥିବା ଅନ୍ୟାୟକୁ ସେ ସହିଛନ୍ତି। କିନ୍ତୁ ତାଙ୍କ ଭଉଣୀ ରୋହିଣୀଙ୍କ ପ୍ରତି ହୋଇଥିବା ଅପମାନକୁ ସେ ଆଦୌ ସହିବେ ନାହିଁ। ବାହାର ଲୋକଙ୍କ ପାଇଁ ତାଙ୍କ ଘରେ ଝଗଡ଼ା ହେଉଛି ଏବଂ ଏହା ଗ୍ରହଣୀୟ ନୁହେଁ। ବାପା (ଲାଲୁ)ଙ୍କ ଇସାରା ମିଳିବା ମାତ୍ରେ ରାଜ୍ୟବାସୀ ଏହି ବାହାର ଲୋକଙ୍କୁ ସାବାଡ଼ କରିଦେବେ। ସୂଚନାଯୋଗ୍ୟ ଯେ ନିର୍ବାଚନ ପୂର୍ବରୁ ଲାଲୁ ତାଙ୍କ ପରିବାର ଓ ଦଳରୁ ତେଜ ପ୍ରତାପଙ୍କୁ ବହିଷ୍କାର କରିଥିଲେ। ଅନ୍ୟ ଜଣେ ମହିଳାଙ୍କ ସହ ସଂପର୍କ ପାଇଁ ତେଜ ପ୍ରତାପଙ୍କୁ ବିଦା କରାଯାଇଥିଲା। ଏହାପରେ ତେଜ ପ୍ରତାପ ନୂଆ ଦଳ ଗଠନ କରି ଆରଜେଡି ବିରୋଧରେ ପ୍ରାର୍ଥୀ ଦେଇଥିଲେ। କିନ୍ତୁ ସମସ୍ତେ ହାରିଯାଇଥିଲେ।

# ବିବାହର କିଛି ଘଣ୍ଟା ପୂର୍ବରୁ କନ୍ୟାକୁ ହତ୍ୟା କଲା ବର

ଭାବନଗର,୧୬।୧୧(ଏଜେନ୍ସି): ଗୁଜରାଟର ଭାବନଗରରେ ବିଚଳିତ କଲା ଭଳି ଏକ ଘଟଣା ସାମ୍ନାକୁ ଆସିଛି। ବିବାହର କିଛି ଘଣ୍ଟା ପୂର୍ବରୁ ଜଣେ ବର ତାଙ୍କର କନ୍ୟା ତଥା ଭାବି ପତ୍ନୀଙ୍କୁ ହତ୍ୟା କରିଛନ୍ତି। ହଳଦୀ ସମାରୋହର ଗୋଟିଏ ଦିନ ପରେ ସୋନୀ ରାଠୋରଙ୍କୁ ହତ୍ୟା କରାଯାଇଥିଲା। ବର ସାଜନ ବରେୟାଙ୍କୁ ପୁଲିସ ମୁଖ୍ୟ ଅଭିଯୁକ୍ତ ବୋଲି କହିଛି। ସୋନୀ ଓ ସାଜନ ଗତ ଦେଢ଼ବର୍ଷ ହେବ ସାଥି ହୋଇ ଏକାଠି ରହୁଥିଲେ। ଦୁହିଙ୍କର ନିର୍ବନ୍ଧ ହୋଇସାରିଥିଲା। ବିବାହର ସବୁ ପରମ୍ପରା ପାଳନ ହୋଇ ସାରିଥିଲା। ଶନିବାର ରାତିରେ ସେମାନେ ବାହା ହୋଇଥାନ୍ତେ। ତେବେ ଏହାପୂର୍ବରୁ ସବୁ କିଛି ଶେଷ ହୋଇଛି। ସାଢ଼ି ଓ ଟଙ୍କା ପଇସାକୁ ନେଇ ଦୁହିଁଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା।



ଏଥିରେ ଉତ୍‌କ୍ଷିପ୍ତ ହୋଇ ସାଜନ ଏକ ଲୁହା ପାଇପ୍‌ରେ ସୋନୀଙ୍କୁ ବାଡେଇଥିଲେ ଓ ସୋନୀଙ୍କ ମୁଣ୍ଡକୁ କାନ୍ଥରେ ପିଟିଥିଲେ। ଫଳରେ ସୋନୀ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ ବୋଲି ପୁଲିସ କହିଛି। ଫେରାର ହେବା ପୂର୍ବରୁ ସାଜନ ଘରେ ଭଙ୍ଗାରୁଜା ମଧ୍ୟ କରିଥିଲା। ସୂଚନା ପାଇବା ମାତ୍ରେ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ସୋନୀଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ସାଜନ ଶନିବାର ପଡୋଶୀଙ୍କ ସହ ମଧ୍ୟ ଝଗଡ଼ା କରିଥିଲା ବୋଲି ପୁଲିସ କହିଛି। ସାଜନକୁ ଧରିବା ପାଇଁ ପୁଲିସ ଏକାଧିକ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

### ପାକିସ୍ତାନରେ ସମ୍ବିଧାନ ସଂଶୋଧନକୁ ବିରୋଧ

# ସୁପ୍ରିମକୋର୍ଟ ପରେ ଲାହୋର ହାଇକୋର୍ଟ ଜଜ୍‌ଙ୍କ ଇସ୍ତଫା

ଇସ୍‌ଲାମାବାଦ,୧୬।୧୧(ଏଜେନ୍ସି): ପାକିସ୍ତାନରେ ସମ୍ବିଧାନ ସଂଶୋଧନକୁ ବିରୋଧ କରି ଲାହୋର ହାଇକୋର୍ଟର ଜଣେ ବରିଷ୍ଠ ବିଚାରପତି ଇସ୍ତଫା ଦେଇଛନ୍ତି। ଫଳରେ ନ୍ୟାୟ ପାଳିକା ଉପରେ ସଙ୍କଟ ଆହୁରି ବୃଦ୍ଧି ପାଇଛି। ଲାହୋର ହାଇକୋର୍ଟର ଜଜ୍ ଜଷ୍ଟିସ ଶମ୍ସ ମେହମୁଦ ମିର୍ଜା ଇସ୍ତଫା ଦେଇଛନ୍ତି। ସେ ପ୍ରଥମ ଜଜ୍ ଭାବେ ହାଇକୋର୍ଟରୁ ଇସ୍ତଫା ଦେଇଛନ୍ତି। ମିର୍ଜା ୨୦୨୮ ମାର୍ଚ୍ଚ ୬ରେ ଅବସର ନେଇଥାନ୍ତେ। ସେ ଇମ୍ରାନ ଖାନ୍‌ଙ୍କ ପାର୍ଟି ପିଟିଆଇର ବରିଷ୍ଠ ନେତା ସଲମାନ ଆକ୍ରାମ ରାଜାଙ୍କ ଶାଳକ। ଏହା ପୂର୍ବରୁ ନଭେମ୍ବର ୧୩ରେ ସୁପ୍ରିମକୋର୍ଟର ଦୁଇଜଣ ବରିଷ୍ଠ ବିଚାରପତି ସୟଦ ମନସୁର ଅଲି ଶାହ ଓ ଜଷ୍ଟିସ ଅତର ମିନଲ୍ଲାହ ମଧ୍ୟ ସମାନ କାରଣ ଯୋଗୁ ଇସ୍ତଫା ଦେଇଥିଲେ। ୨୭ତମ ସମ୍ବିଧାନ ସଂଶୋଧନକୁ ସମ୍ବିଧାନ ଓ ନ୍ୟାୟପାଳିକା ଉପରେ ଆକ୍ରମଣ ସଦୃଶ ବୋଲି ସେମାନ କହିଥିଲେ। ଏହି ସଂଶୋଧନ ସୁପ୍ରିମକୋର୍ଟକୁ ଶେଷ କରୁଛି ଓ ସରକାର ସ୍ୱାଧୀନତାକୁ ବିପଦରେ ପକାଇଛି ବୋଲି ଜଷ୍ଟିସ ମନସୁର ଅଲି କହିଛନ୍ତି। ନ୍ୟାୟପାଳିକାକୁ ସରକାର ନିଜ ନିୟନ୍ତ୍ରଣକୁ ନେଉଛନ୍ତି ଓ ଏହା ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରିଛି। ଫେଡେରାଲ କନ୍‌ଷ୍ଟିଟୁସନାଲ କୋର୍ଟ (ଏଫ୍‌ସିସି) ସୁପ୍ରିମକୋର୍ଟଙ୍କୁ ଦେଶର ଦେଶର ସବୁଠୁ ଉଚ୍ଚତମ ନ୍ୟାୟଳୟ ପଦରୁ ହଟାଇ ଦେଇଛି ବୋଲି ଇସ୍ତଫା ଦେଇଥିବା ଜଜ୍‌ମାନେ କହିଛନ୍ତି।

# ବିହାର ନିର୍ବାଚନରେ ବଣ୍ଟା ହୋଇଛି ବିଶ୍ୱ ବ୍ୟାଙ୍କ ଋଣ: ପ୍ରଶାନ୍ତ କିଶୋର

ପାଟନା, ୧୬।୧୧ (ଏଜେନ୍ସି): ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋରଙ୍କ ଜନସୁରାଜ ପାର୍ଟି ପକ୍ଷରୁ ବଡ଼ ଅଭିଯୋଗ କରାଯାଇଛି। ବିଶ୍ୱ ବ୍ୟାଙ୍କ ଦେଇଥିବା ୧୪ ହଜାର କୋଟି ଟଙ୍କାର ଋଣକୁ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନେତୃତ୍ୱାଧୀନ ସରକାର ବିଧାନସଭା ନିର୍ବାଚନରେ ଖର୍ଚ୍ଚ କରିଥିବା କୁହାଯାଇଛି। ନିର୍ବାଚନରେ ଗୋଟିଏ ହେଲେ ବି ଆସନ ଜିତିପାରି ନ ଥିବା ଜନସୁରାଜ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରି କୁହାଯାଇଛି ଯେ ଋଣ ଅର୍ଥକୁ ମାଗଣା ବାଣ୍ଟିବା ପାଇଁ ବ୍ୟବହାର କରାଯାଇଥିଲା। ଗତ ଜୁନ୍ ମାସରୁ ନିର୍ବାଚନ ଘୋଷଣା ହେବା ପର୍ଯ୍ୟନ୍ତ ୪୦ ହଜାର କୋଟି ଟଙ୍କା ବଣ୍ଟା ଯାଇଛି। ଏହି ଟଙ୍କା ବ୍ୟବହାର କରି ନୀତୀଶ କୁମାରଙ୍କ ସରକାର ଭୋଟ କିଣିଛନ୍ତି। ଲୋକଙ୍କ ଟଙ୍କାରେ ଭୋଟ କିଣାଯାଇଛି। ଏହି ପରିମାଣ କଳ୍ପନାଠାରୁ ବାହାରେ ଥିଲା। ବିଶ୍ୱ ବ୍ୟାଙ୍କ ଦେଇଥିବା ୧୪ ହଜାର କୋଟି ଟଙ୍କାର ଋଣକୁ ବି ଛଡ଼ା ଯାଇ ନ ଥିଲା। ଠିକ୍ ନିର୍ବାଚନ ପୂର୍ବରୁ ଏହି ଅର୍ଥରେ ମହିଳାଙ୍କ ବ୍ୟାଙ୍କ ଖାତାକୁ ୧୦ ହଜାର ଟଙ୍କା ଲେଖାଏଁ ଦିଆ ଯାଇଥିଲା।

- ୧୪୦୦୦ କୋଟି ଟଙ୍କା ମିଳିଥିଲା: ଏହି ଟଙ୍କା ମହିଳାଙ୍କୁ ଦିଆଯାଇଥିଲା
- ମତଦାନର ପୂର୍ବ ଦିନ ପର୍ଯ୍ୟନ୍ତ ମହିଳାଙ୍କ ଖାତାକୁ ଯାଉଥିଲା ଟଙ୍କା



ଜନସୁରାଜର ଜାତୀୟ ଅଧ୍ୟକ୍ଷ ଉଦୟ ସିଂହ କହିଥିଲେ ଯେ ପ୍ରଥମ ଥର ପାଇଁ ବିହାରରେ ମତଦାନ ହେବାର ଦିନେ ପୂର୍ବରୁ ବି ମହିଳାଙ୍କ ଖାତାକୁ ଟଙ୍କା ଯାଇଥିଲା। ନିର୍ବାଚନ ଆଚରଣ ବିଧି ଲାଗିଥିବା ସତ୍ତ୍ୱେ ଏପରି କରାଯାଇଥିଲା। ଅତି କଷ୍ଟରେ ଜୀବନଯାପନ କରୁଥିବା ମହିଳାଙ୍କ ଭୋଟ ହାତେଇବା ପାଇଁ ଏହି ଟଙ୍କା ଯଥେଷ୍ଟ ଥିଲା। ଯଦି ଲୋକଙ୍କ ଟଙ୍କାକୁ ଭୋଟ କିଣିବା ପାଇଁ ବ୍ୟବହାର କରାଯାଇ ନ ଥାଆନ୍ତା ତେବେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ପୁଣି କ୍ଷମତାକୁ ଆସି ନ ଥାଆନ୍ତା। ଜନସୁରାଜ ବୃଦ୍ଧବୃଦ୍ଧାଙ୍କୁ ମାସକୁ ୨ ହଜାର ଟଙ୍କା ଭତ୍ତା ଦେବାକୁ ଘୋଷଣା କରିଥିଲା। କିନ୍ତୁ ପରେ ବିଜେପି ଏହାକୁ ୭୦୦ରୁ ବଢ଼ାଇ ୧୧୦୦ କରିଦେଲା।

ଜନସୁରାଜ ନେତା ପବନ ବର୍ମା କହିଛନ୍ତି ଯେ ଏବେ ବିହାର ଉପରେ ୪, ୦୬, ୦୦୦ କୋଟି ଟଙ୍କାର ଋଣ ରହିଛି। ଏଥିପାଇଁ ଦିନକୁ ୬୩ କୋଟି ଟଙ୍କାର ସୁଧ ଦିଆଯାଉଛି। ଟ୍ରେଜେରି ଖାଲି ଥିବାବେଳେ ମହିଳାଙ୍କୁ ୧୦ ହଜାର ଲେଖାଏଁ ଦିଆଯାଉଛି। ବିଶ୍ୱ ବ୍ୟାଙ୍କ ଦେଇଥିବା ୨୧ ହଜାର କୋଟିର ଋଣରୁ ୧୪ ହଜାର କୋଟି ନେଇ ୧.୨୫ କୋଟି ମହିଳାଙ୍କୁ ଟଙ୍କା ଦିଆଯାଇଛି। ଏହା ଅନୁଚିତ ବୋଲି ସେ କହିଛନ୍ତି। ଏହା ସହିତ ନିର୍ବାଚନ କମିଶନଙ୍କ ନିରବତାକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି।

# ମେକ୍ସିକୋରେ ମାତିଲେ ଜେନ୍ ଜେଡ୍

ମେକ୍ସିକୋ, ୧୬।୧୧ (ଏଜେନ୍ସି): ଶ୍ରୀଲଙ୍କା, ବାଂଲାଦେଶ, ନେପାଳ ପରେ ଏବେ ଆଉ ଏକ ଦେଶରେ ଜେନ୍-ଜେଡ୍ ଆନ୍ଦୋଳନ ଆରମ୍ଭ ହୋଇଛି। ମେକ୍ସିକୋରେ ଶନିବାର ହଜାର ହଜାର ଯୁବଗୋଷ୍ଠୀ ସରକାରଙ୍କ ବିରୋଧରେ ରାସ୍ତାକୁ ଓହ୍ଲାଇଛନ୍ତି। ବର୍ଦ୍ଧିତ ଅପରାଧ, ଦୁର୍ନୀତି, ହିଂସା, ସାର୍ବଜନୀନ ହତ୍ୟା ଏବଂ ସୁରକ୍ଷା ବ୍ୟବସ୍ଥା ଭୁଶୁଡ଼ିଯିବାକୁ ନେଇ ଜେନ-ଜେଡ୍ ଉଗ୍ର ବିକ୍ଷୋଭ କରିଛନ୍ତି। ସାର୍ବଜନୀନ ସ୍ଥାନରେ ମେୟରକୁ ହତ୍ୟା ପରେ ଏହା ଉଗ୍ର ହୋଇ ଉଠିଥିଲା। ପଶ୍ଚିମ ରାଜ୍ୟର ମିଚୋଆକେନରେ ନଭେମ୍ବର ୧ରେ ଅରୁଅପନର ମେୟର କାର୍ଲୋସ ମଞ୍ଜୋଙ୍କୁ ଏକ କାର୍ଯ୍ୟକ୍ରମରେ ଗୁଳି କରି ହତ୍ୟା କରାଯାଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଜେନ୍-ଜେଡ୍ ଗୋଷ୍ଠୀ ରାଷ୍ଟ୍ରପତିଙ୍କ ସରକାରୀ ବାସଭବନର କାନ୍ଥ ଭାଙ୍ଗି ଦେଇଛି। ବିକ୍ଷୋଭକାରୀ ପୁଲିସ ଉପରକୁ ପଥର, ହାତୁଡି, ବାଣ, ଠେଙ୍ଗାବାଡ଼ି ଏବଂ ଶିକୁଳିରେ ଆକ୍ରମଣ କରିଛନ୍ତି। ଏହାକୁ ରୋକିବା ପାଇଁ ପୁଲିସ ଲୁହବୁହା ଗ୍ୟାସ୍ ମାଡ଼ କରିଛି। ଏଥିରେ ୧୦୦ ପୁଲିସ ଅଧିକାରୀଙ୍କ ସମେତ ୧୨୦ ଜଣ ଆହତ ହୋଇଛନ୍ତି। ଏହି ମାମଲାରେ ୨୦ ଜଣକୁ ଗିରଫ କରାଯାଇଛି।

- ମେୟରଙ୍କ ମୃତ୍ୟୁକୁ ନେଇ କ୍ଷୁବ୍ଧ ଯୁବଗୋଷ୍ଠୀ
- ରାଷ୍ଟ୍ରପତି ଭବନର କାନ୍ଥ ଭାଙ୍ଗିଦେଲେ
- ପୁଲିସ ଉପରେ ହାତୁଡି, ଠେଙ୍ଗାରେ ଆକ୍ରମଣ

ଚଳିତ ବର୍ଷ ଅନେକ ଦେଶରେ ଯୁବ ଗୋଷ୍ଠୀ ଆନ୍ଦୋଳନ କଲେଣି। ଅସମାନତା, ଗଣତାନ୍ତ୍ରିକ ମୂଲ୍ୟବୋଧ ହ୍ରାସ, ଦୁର୍ନୀତି ବିରୋଧରେ ଯୁବଗୋଷ୍ଠୀ ରାସ୍ତାକୁ ଓହ୍ଲାଇଛନ୍ତି। ଗତ ସେପ୍ଟେମ୍ବରରେ ଜେନ୍-ଜେଡ୍ ଗୋଷ୍ଠୀ ନେପାଳ ସରକାରକୁ ଭୁଶୁଡ଼ାଇ ଦେଇଥିଲେ। ଏବେ ଦୁର୍ନୀତି ଏବଂ ଅପରାଧକୁ ନେଇ ଚିନ୍ତିତ ମେକ୍ସିକୋ ଯୁବୋ ଗୋଷ୍ଠୀ ରାସ୍ତାକୁ ବାହାରିଛନ୍ତି। ୨୯ ବର୍ଷୀୟ ବ୍ୟବସାୟିକ କନସୋଲଟାଣ୍ଟ ଆଣ୍ଡ୍ରେସ ମାସା କହିଛନ୍ତି ଯେ ଆମକୁ ଅଧିକ ସୁରକ୍ଷା ଦରକାର। କେବଳ ଯୁବ ଗୋଷ୍ଠୀ ନୁହେଁ, ବୟସ୍କ ଏବଂ ୪୦ରୁ ୫୦ ବର୍ଷୀୟ ବ୍ୟକ୍ତି ମଧ୍ୟ ଆନ୍ଦୋଳନରେ ସାମିଲ ଅଛନ୍ତି। ଅନ୍ୟ ଜଣେ ଆନ୍ଦୋଳନକାରୀ ୪୩ ବର୍ଷୀୟ ଡାକ୍ତର ଏରିଜବେଥ ଗାର୍ସିଆ କହିଛନ୍ତି ଯେ ସାର୍ବଜନୀନ ସ୍ୱାସ୍ଥ୍ୟ ସେବା ପାଇଁ ଆମେ ଅଧିକ ପାଣ୍ଠି ଚାହୁଁଛୁ। କିନ୍ତୁ ସୁରକ୍ଷା ସବୁଠୁ ବଡ଼ ସମସ୍ୟା ହୋଇ ରହିଛି। ଏବେ ଡାକ୍ତର ବି ଅସୁରକ୍ଷିତ। ଏଠାରେ ଅନେକ ଲୋକଙ୍କ ଜୀବନ ଯାଉଛି।

କିଛିଦିନ ହେଲା ମେକ୍ସିକୋରେ ଘଟିଥିବା ହାଇପ୍ରୋଫାଇଲ ହତ୍ୟାକାଣ୍ଡକୁ ନେଇ ରାଷ୍ଟ୍ରପତି କ୍ଲାଉଡିଆ ସିନବାମ ଜନତାଙ୍କ ଆକ୍ରୋଶର ଶିକାର ହୋଇଥିଲେ। ଏହି ବିକ୍ଷୋଭର କିଛି ଦିନ ପୂର୍ବରୁ ଦକ୍ଷିଣପନ୍ଥୀ ବିରୋଧୀ ଦଳ ବିରୋଧରେ ରାଷ୍ଟ୍ରପତି ଗମ୍ଭୀର ଅଭିଯୋଗ ଲଗାଇ ଥିଲେ। ଏହି ଦଳ ଜେନ-ଜେଡ୍‌କୁ ସମର୍ଥନ ଦେଉଛି। ସାମାଜିକ ଗଣମାଧ୍ୟମକୁ ବ୍ୟବହାର କରି ବିକ୍ଷୋଭକୁ ବଡ଼ ଆକାର ଦେବାକୁ ପ୍ରୟାସ କରୁଛନ୍ତି। ଏହି ବିକ୍ଷୋଭରେ ଜାପାନୀ କମିକ୍ସ 'ୱାନ ପିସ'ର ଚରିତ୍ର ଲୁଫି ଯୁବ ଗୋଷ୍ଠୀଙ୍କ ସଙ୍କେତ ପାଲଟିଛି। ଜେନ-ଜେଡ୍ ଗୋଷ୍ଠୀ ହାତରେ ଖପୁରୀ ଚିତ୍ର ଥିବା ଟୋପି ପିନ୍ଧୁଛନ୍ତି। ଏହା ଲୁଫିର ପରିଚୟ ପାଲଟିଛି।

## ଜମ୍ମୁ-କାଶ୍ମୀରରେ କାର୍- ଡମ୍ଫର ଧକ୍କା ୪ ମୃତ; ୫ ଆହତ

ବଡ଼ଗାଁଓ,୧୬।୧୧(ଏଜେନ୍ସି): ଜମ୍ମୁ-କାଶ୍ମୀର ବଡ଼ଗାଁଓ ଜିଲ୍ଲାରେ ଶନିବାର ବିଳମ୍ବିତ ରାତିରେ ଏକ ଏସ୍‌ୟୁଭି କାର୍ ଓ ଡମ୍ଫର ଟ୍ରକ୍ ମଧ୍ୟରେ ଧକ୍କା ହୋଇଥିଲା। ଏଥିରେ ୪ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ୫ ଜଣ ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ୯ ଜଣଙ୍କୁ ହସ୍ପିଟାଲ ନିଆଯାଇଥିଲା। ଏମାନଙ୍କ ମଧ୍ୟରୁ ୪ ଜଣଙ୍କୁ ମୃତ ଘୋଷିତ କରାଯାଇଥିଲା ବୋଲି ପୁଲିସ କହିଛି। ଦୁର୍ଘଟଣା ବଡ଼ଗାଁଓର ରିଙ୍ଗରୋଡ୍‌ରେ ଘଟିଥିଲା। ସୂଚନା ମିଳିବା ମାତ୍ରେ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଏବେ ମଧ୍ୟ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ପୁଲିସ ଏହି ଘଟଣାରେ ମାମଲା ରୁଜୁ କରିଛି। ଦୁର୍ଘଟଣା ପାଇଁ ଜମ୍ମୁ-କଶ୍ମୀର ମୁଖମନ୍ତ୍ରୀ ଉମର ଅବଦୁଲ୍ଲା ଦୁଃଖ ପ୍ରକାଶ କରିଛନ୍ତି। ପୀଡିତଙ୍କ ସବୁ ପ୍ରକାର ସହାୟତା ପ୍ରଦାନ କରିବାକୁ ସେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଦୁର୍ଘଟଣାର କାରଣ ଜାଣିବା ପାଇଁ ସେ ଠିକ୍ ଭାବେ ଯାଞ୍ଚ୍ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି।

# ଫାରୁକ୍ ଅବଦୁଲ୍ଲା-ଶଶୀ ଥରୁର ମୁହାଁମୁହିଁ

ନୂଆଦିଲ୍ଲୀ, ୧୬।୧୧ (ଏଜେନ୍ସି): କଂଗ୍ରେସ ସାଂସଦ ଶଶୀ ଥରୁର ବଡ଼ ଟିପ୍ପଣୀ ଦେଇଛନ୍ତି। ସେ ରବିବାର କହିଛନ୍ତି ଯେ ଆତଙ୍କବାଦ ୧୯୮୦-୯୦ରେ କଶ୍ମୀରରେ ଆରମ୍ଭ ହୋଇଥିଲା। ଏହା ଧିରେ ଧିରେ ମୁମ୍ବଇ, ପୁନେ, ଦିଲ୍ଲୀ ପର୍ଯ୍ୟନ୍ତ ବ୍ୟାପିଗଲା। ଗତ ୩୦ ବର୍ଷ ହେଲା ଭାରତ ଆତଙ୍କବାଦ ସମସ୍ୟାର ମୁକାବିଲା କରୁଛି। ଏବେ ଏହା ଉପରେ କଠୋର ଏବଂ ପ୍ରଭାବୀ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି। ପ୍ରତ୍ୟେକ ଆତଙ୍କବାଦୀ ଘଟଣାରେ ଦୁଇଟ ଦିଗକୁ ଧ୍ୟାନ ଦେବା ଜରୁରୀ। କିଏ ଏହି ଆକ୍ରମଣ କରିଛି ଏବଂ ଯେପରି ପୁଣି ଆକ୍ରମଣ ହେବ ନାହିଁ ତାହାର ବ୍ୟବସ୍ଥା କରିବା ଆବଶ୍ୟକ। ସବୁ ପ୍ରସଙ୍ଗକୁ ଯୁଦ୍ଧ ଏବଂ ଶାନ୍ତିର ଚଷମାରେ ଦେଖିବା ଅନୁଚିତ। ଆତଙ୍କବାଦ ବିରୋଧରେ ଦୃଢ଼ତାର ସହ କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ। କିନ୍ତୁ ଦେଶର ବିକାଶ ଲକ୍ଷ୍ୟକୁ ମଧ୍ୟ ଅଣଦେଖା କରିବା ଅନୁଚିତ। ଦିଲ୍ଲୀ ବିସ୍ଫୋରଣକୁ ନେଇ ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟ ଫାରୁକ ଅବଦୁଲ୍ଲା ଦେଇଥିବା ମନ୍ତବ୍ୟ ପରେ ଥରୁର ଏହି ଟିପ୍ପଣୀ ଦେଇଛନ୍ତି। ଫାରୁକ କହିଥିଲେ ଯେ ପ୍ରତ୍ୟେକ କାଶ୍ମୀରୀ ଉପରେ ଅଙ୍ଗୁଳି ଉଠାଯାଉଛି। କେବେ ଆମକୁ ହିନ୍ଦୁସ୍ତାନୀ ବୋଲି ମାନିବେ? ଏହି ସମୟ କେବେ ଆସିବ? ଆମ ଏଥିପାଇଁ ଦାୟୀ ନୁହେଁ। ଯିଏ ଦାୟୀଙ୍କୁ ତାଙ୍କୁ ପ୍ରଶ୍ନ କରାଯାଉ। ଡାକ୍ତରମାନଙ୍କୁ ଏହି ରାସ୍ତା କାହିଁକି ଆପଣାଇବାକୁ ପଡ଼ିଲା ପଚରାଯାଉ। ଏହାର ଗଭୀର ଯାଞ୍ଚ ଏବଂ ଅଧ୍ୟୟନ ଜରୁରୀ। ଫାରୁକ ପୁଣି ପାକିସ୍ତାନ ସହ ସମ୍ପର୍କ ସୁଧାରିବାକୁ ପରାମର୍ଶ ଦେଇଛନ୍ତି। ପଡ଼ୋଶୀ ସହ ଭଲ ସମ୍ପର୍କ ରହିଲେ ଭଲରେ ରହିବେ, ନଚେତ ବିକାଶ ଅଟକି ଯିବ। ସେହିପରି 'ଅପରେସନ ସିନ୍ଦୂର'ର କୌଣସି ପ୍ରଭାବ ପଡ଼ି ନାହିଁ ବୋଲି ସେ କହିଛନ୍ତି।

# ମଧ୍ୟପ୍ରଦେଶ, ରାଜସ୍ଥାନରେ ଭୟଙ୍କର ଦୁର୍ଘଟଣା, ଗଲା ୧୧ ଜୀବନ

ନୂଆଦିଲ୍ଲୀ, ୧୬।୧୧ (ଏଜେନ୍ସି): ମଧ୍ୟପ୍ରଦେଶ ଦୁଇ ଦୁଇଟି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ୧୨ ଜଣ ଆହତ ହୋଇଛନ୍ତି। ସୂଚନା ରାସ୍ତାରେ ଆଜି ବଡ଼ି ଭୋରରେ ଦ୍ରୁତଗତିରେ ନେଇଆସୁଥିବା ଟ୍ରାକ୍ଟର-ଟ୍ରଲିକୁ ପଛ ପଟୁ ଧକ୍କା

- ଗ୍ୱାଲିୟରରେ ଟ୍ରଲିରେ ପଶିଲା ଫର୍ଚ୍ୟୁନର; ୫ ମୃତ
- ରାଜସ୍ଥାନରେ ଟେମ୍ପୋକୁ ଧକ୍କାଦେଲା ଟ୍ରକ; ୬ ମୃତ

ଏବଂ ରାଜସ୍ଥାନରେ ରବିବାର ସକାଳେ ଏଥିରେ ୧୧ ଜଣ ପ୍ରାଣ ହରାଇଥିବାବେଳେ ଅନୁଯାୟୀ, ମଧ୍ୟପ୍ରଦେଶ ଗ୍ୱାଲିୟର-ଝାନ୍‌ସୀ ଆସୁଥିବା ଏକ ଫର୍ଚ୍ୟୁନର କାର୍ ବାଲି ଦେଇଥିଲା। ଏହା ଏତେ ଭୟାବହ ଥିଲା ଯେ ଘଟଣାସ୍ଥଳରେ ଫର୍ଚ୍ୟୁନରରେ ଯାତ୍ରା କରୁଥିବା ୫ ଜଣଙ୍କ ମୃତ୍ୟୁ ହୋଇଥିଲା। ଏହା ଟ୍ରଲିର ତଳେ ପଶି ଯାଇଥିଲା। ତେଣୁ କୌଣସି ଯାତ୍ରୀଙ୍କ ଜୀବନ ବଞ୍ଚି ପାରି ନ ଥିଲା। ଗାଡ଼ିକୁ କଟରରେ କାଟି ମୃତଦେହ ବାହାର କରାଯାଇଥିଲା। ସମସ୍ତ ମୃତକ ଗ୍ୱାଲିୟରର ବାସିନ୍ଦା। ଫର୍ଚ୍ୟୁନରଟି ଉତ୍ତର ପ୍ରଦେଶର ଝାନ୍‌ସୀର ଏକ କାର୍ଯ୍ୟକ୍ରମରେ ସାମିଲ ହୋଇ ଗ୍ୱାଲିୟର ଫେରୁଥିଲା। ରାସ୍ତାର ଏକ ବୁଲାଣିରେ ଏହା ନିୟନ୍ତ୍ରଣ ହରାଇ ଥିଲା। ଅନ୍ୟପକ୍ଷରେ ରାଜସ୍ଥାନର ଯୋଧପୁର-ଜୈସାଲମେର ଏନ୍‌ଏଚରେ ଏକ୍ ମିଲେଟ ବୋଝେଇ ଟ୍ରକ ବିପରୀତ ଦିଗରୁ ଆସି ଟେମ୍ପୋକୁ ଧକ୍କା ଦେଇଛି।

# ଆତ୍ମଘାତୀ ଖୋଜୁଥିଲେ ଆତଙ୍କବାଦୀ

ନୂଆଦିଲ୍ଲୀ, ୧୬।୧୧ (ଏଜେନ୍ସି): ଆତଙ୍କବାଦୀ ଡ. ଉମର ନବି ସହ ସମ୍ପର୍କରେ ରଖିଥିବା କିଛି ଲୋକଙ୍କୁ ଜମ୍ମୁ-କଶ୍ମୀର ପୁଲିସ ଗିରଫ କରିଛି। ସେମାନେ କହିଛନ୍ତି ଯେ ଏହି ଡାକ୍ତରମାନେ ଗତ ବର୍ଷ ଜଣେ ଆତ୍ମଘାତୀ ଖୋଜୁଥିଲେ। ଡ.ଉମରକୁ ଏହି ଦାୟିତ୍ୱ ଦିଆଯାଇଥିଲା। ସେ ୨୦୨୩ ଅକ୍ଟୋବରରେ କାଜିଗୁଣ୍ଡର ଜସିର ଓରଫ ଦାନିଶ ସହ ଯୋଗାଯୋଗ କରିଥିଲା। ପରେ ତାକୁ ଫରିଦାବାଦର ଅଲ-ଫଲାହ ବିଶ୍ୱବିଦ୍ୟାଳୟକୁ ଅଣା ଯାଇଥିଲା। ଏଠାରେ ଭଡ଼ା ଘରେ ତାକୁ ରଖା ଯାଇଥିଲା। ସେ ଓଭରଗ୍ରାଉଣ୍ଡ ୱାର୍କର ହେଉ ବୋଲି ସମସ୍ତେ ଚାହୁଁଥିଲେ।

- ୧୦ ବର୍ଷ ହେଲା ଜୈସ ସହ ସାହିନ୍‌ର ସଂପର୍କ
- ଋଣ ସୁଝିବା ପାଇଁ ଛାଡ଼ିଥିଲା ଚାକିରି
- ହୱାଲା ମାଧ୍ୟମରେ ମିଳିଥିଲା ୨୦ ଲକ୍ଷ

ଏଥିପାଇଁ ଉମର ଅନେକ ମାସ ପର୍ଯ୍ୟନ୍ତ ତାର ମାଇଣ୍ଡ ୱାସ କରିଥିଲା। ଆତ୍ମଘାତୀ ପାଇଁ ରାଜି କରାଇବାକୁ ଚାହିଁଥିଲା। କିନ୍ତୁ ଘରର ଆର୍ଥିକ ସ୍ଥିତି ଖରାପ ଥିବାରୁ ଏବଂ ଇସ୍‌ଲାମରେ ଆତ୍ମହତ୍ୟା ହାରାମ କହି ଦାନିଶ ଆତ୍ମଘାତୀ ହେବାକୁ ମନା କରିଦେଇଥିଲା। ଲାଲକିଲ୍ଲା ବିସ୍ଫୋରଣର ଅନ୍ୟତମ ଅଭିଯୁକ୍ତ ଡ. ସାହିନ ସୈୟିଦକୁ ନେଇ ଚାଞ୍ଚଲ୍ୟକର ତଥ୍ୟ ସାମ୍‌ନାକୁ ଆସିଛି। ସେ ୧୦ ବର୍ଷ ହେଲା ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦ (ଜେଇଏମ) ସହ ଜଡ଼ିତ ଥିଲା। ଏନ୍‌ଆଇଏର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ସାହିନ ୨୦୧୫ରେ ଜୈସରେ ସାମିଲ ହୋଇଥିଲା। ୨୦୨୧ରେ ସାହିନ ଚାକିରି ଛାଡ଼ିବାରୁ ସ୍ୱାମୀ ଅଟକାଇ ଥିଲେ। ଏହାର ଉତ୍ତରରେ ସେ କହିଥିଲା ଯେ ପରିବାର ଏବଂ ଚାକିରିରେ କିଛି ନାହିଁ। ନିଜ ପାଇଁ ବହୁତ ଜିଇଁଲି। ଏବେ ନିଜ ସମ୍ପ୍ରଦାୟର ଲୋକଙ୍କ ଋଣ ସୁଝିବାର ସମୟ ଆସିଛି। ସେହିପରି ଆତଙ୍କବାଦୀ ଡାକ୍ତର ଉମର, ମୁଜାମ୍ମିଲ ଏବଂ ସାହିନକୁ ମିଳିଥିବା ୨୦ ଲକ୍ଷ ଟଙ୍କାର 'ଫଣ୍ଡି ଟ୍ରେଲ' ଉପରୁ ଗୁଇନ୍ଦା ଏଜେନ୍ସି ଗୁଡ଼ିକ ପରଦା ଉଠାଇଛନ୍ତି। ଜୈସର ଆତଙ୍କବାଦୀ ହାୱାଲା ମାଧ୍ୟମରେ ଏହି ଟଙ୍କା ପଠାଇ ଥିବା ଜଣାପଡ଼ିଛି।


## ଦିଲ୍ଲୀ ବୋମା ବିସ୍ଫୋରଣ

# ସ୍କାନରରେ ୨୦୦ ସନ୍ଦିଗ୍ଧ, ଧରାପଡ଼ିଲେଣି ୬୦

ଫରିଦାବାଦ, ୧୬।୧୧ (ଏଜେନ୍ସି): ଦିଲ୍ଲୀ ବିସ୍ଫୋରଣର ତଦନ୍ତ ପରିସର ବଢ଼ିବା ପରେ ବିଚଳିତ କରିବା ଭଳି ଘଟଣା ସାମ୍‌ନାକୁ ଆସିବାରେ ଲାଗିଛି। ଏବେ ଯାଞ୍ଚ ଏଜେନ୍ସି ଫରିଦାବାଦର ଅଲ-ଫଲାହ ୟୁନିଭର୍ସିଟର ଡ. ମୁଜାମିଲ ଏବଂ ମହିଳା ଡାକ୍ତର ସାହିନର ମୋବାଇଲ କଲ୍ ରେକର୍ଡ ଏବଂ ଡିଜିଟାଲ ଟ୍ରାନ୍ସଫର ପେମେଣ୍ଟକୁ ନେଇ ବିସ୍ମୟକର ତଥ୍ୟ ଆସିଛି। ଏହି ଆତଙ୍କବାଦୀମାନେ ନିଜ ଯୋଜନାରେ ସଫଳତା ପାଇବା ପାଇଁ ସହାୟତା ନାମରେ ଅନେକଙ୍କୁ ଟଙ୍କା ବାଣ୍ଟି ଥିଲେ। ଫରିଦାବାଦର ଧୌଜ, ଫତେହପୁର ତଗା ଗାଁ ଏବଂ ନୁହ ଜିଲ୍ଲା ଏହି ଷଡ଼ଯନ୍ତ୍ରର କେନ୍ଦ୍ର ଥିଲା। ଏହି 'ହ୍ୱାଇଟ-କଲାର ଟେରର ମଡ୍ୟୁଲୋ' ସହ ପ୍ରାୟ ୨୦୦ ଜଣ ସାମିଲ ଥିଲେ। ଏଥିରୁ ପ୍ରାୟ ୬୦ ଜଣଙ୍କୁ ଏନ୍‌ଆଇଏ ଏବଂ ପୁଲିସ ଗିରଫ କଲାଣି। ୪୦ ମୋବାଇଲ ମଧ୍ୟ ଜବତ କରାଯାଇଛି। ଏଥିରୁ ଅନେକ ଫୋନରେ ଥିବା ଏନ୍‌କ୍ରିପଟେଡ ଆପ୍ ସନ୍ଦେହଜନକ ଗୋଷ୍ଠୀରେ ସାମିଲ ରହିଛି। ଅଲଗା ଅଲଗା ଯାଞ୍ଚ ଟିମ୍ ଗଠନ କରି ମାମଲାର ତଦନ୍ତ କରାଯାଉଛି।

- ସହାୟତା ନାମରେ ଟଙ୍କା ବାଣ୍ଟିଥିଲେ ମୁଜାମିଲ୍, ସାହିନ
- ବିସ୍ଫୋରଣ ସ୍ଥଳରୁ ମିଳିଲା ନିଷିଦ୍ଧ ୯ ଏମ୍‌ଏମ୍ କ୍ୟାଟ୍ରିଜ୍

ଅଲ-ଫଲାହ ବିଶ୍ୱବିଦ୍ୟାଳୟର ୧୭, ୧୩ ଏବଂ ୩୨ ନମ୍ବର ପ୍ରକୋଷ୍ଠରେ ଗୁପ୍ତ ବୈଠକ ହେଉଥିଲା। ଏଠାରୁ ଜବତ ଡାଏରୀରେ ୨୫-୩୦ ନାମ ରହିଛି। ଗତ ୮-୧୨ ତାରିଖ ମଧ୍ୟରେ ହୋଇଥିବା ଯୋଜନାର ନୋଟ୍ ମିଳିଛି। ସୂଚନା ଅନୁଯାୟୀ ଡ. ମୁଜାମିଲ ଅନେକ ଲୋକଙ୍କୁ ଆର୍ଥିକ ସହାୟତା ଦେଇ ଫସାଇ ଥିଲା। ମୌଲବୀଙ୍କ ଜମିରେ କ୍ୟାମ୍ପ ପାଇଁ ୩୫ ହଜାର ଟଙ୍କା ଦିଆଯାଇଥିଲା। ସେହିପରି ବାପାଙ୍କ ଚିକିତ୍ସା ପାଇଁ ୫୦ ହଜାର ଟଙ୍କା ନେଇଥିବା କଶ୍ମୀର ଯୁବକ ପରେ ଆଇଇଡି ଆସେମ୍ବ୍ଲିଂରେ ସହାୟତା କରିଥିଲା। ଏହା ବ୍ୟତୀତ ଜଣେ ଏମ୍‌ବିବିଏସ ଛାତ୍ର ଭାଇ ବାହାଘର ପାଇଁ ଲକ୍ଷେ ଟଙ୍କା ନେଇ ଆତଙ୍କର ରାସ୍ତାରେ ଚାଲିଥିଲା।



ଅନ୍ୟପକ୍ଷରେ ରାଜସ୍ଥାନ ସାଞ୍ଚୌରର ମୌଲବୀ ଓସାମା ଉମର ଆତଙ୍କବାଦୀ ସଂଗଠନ ତେହରିକ-ଇ-ତାଲିବାନ (ଟିଟିପି) ପାଇଁ ସ୍ଲିପର ସେଲ୍ ପ୍ରସ୍ତୁତ କରିଥିଲା। ସେ ଯୁବ ଗୋଷ୍ଠୀଙ୍କୁ ଜିହାଦୀ ପ୍ରଶିକ୍ଷଣ ଦେବା ଆରମ୍ଭ କରିଥିଲା। ଏହି ମୌଲବୀକୁ ଗିରଫ କରାଯାଇଛି। ତା ଫୋନରୁ ୩ ଲକ୍ଷରୁ ଅଧିକ ଆପତ୍ତିଜନକ ଭୋଟ ମିଳିଛି। ସେ ଆଫଗାନିସ୍ତାନ ଯାଇ ପ୍ରଶିକ୍ଷଣ ନେବାକୁ ମଧ୍ୟ ପ୍ରସ୍ତୁତ ହେଉଥିଲା। ଏହା ମଧ୍ୟରେ ଦିଲ୍ଲୀ ବିସ୍ଫୋରଣ ସ୍ଥଳରୁ ନାଗରିକଙ୍କ ବ୍ୟବହାର ପାଇଁ ନିଷିଦ୍ଧ ୯ ଏମଏମ ବୁଲେଟ ଜବତ କରାଯାଇଛି। ସେହିପରି ବିସ୍ଫୋରଣ ପୂର୍ବରୁ ଆତଙ୍କବାଦୀ ଡ. ଉମର ନବି ନୁହର ଏକ ଭଡ଼ାଘରେ ରହିଥିଲା। ଏହାର ସିସିଟିଭି ଫୁଟେଜ ସାମ୍‌ନାକୁ ଆସିଛି। ସେ ବିସ୍ଫୋରଣର ୧୮ ଘଣ୍ଟା ପୂର୍ବରୁ କାର୍ ନେଇ ଏଟିଏମକୁ ଟଙ୍କା ଉଠାଇବାକୁ ଯାଇଥିବା ଦେଖାଯାଉଛି।



▶କ୍ରୀଡ଼ା ପୃଷ୍ଠାରେ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-141 ♦MONDAY ♦17 NOVEMBER 2025 ♦PAGE-12 ♦₹ 6.00

♦ବର୍ଷ-୪୩ ♦ସଂଖ୍ୟା-୧୪୧ ♦ସୋମବାର ♦୧୭ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


**ଲାଲ୍‌କିଲ୍ଲା କାର୍ ବିସ୍ଫୋରଣ**

## ଧରାପଡ଼ିଲା ଉମର୍ ସହଯୋଗୀ

■ **ନୂଆଦିଲ୍ଲୀ,୧୬ ।୧୧(ଏଜେନ୍ସି):** ଦିଲ୍ଲୀ ଲାଲ୍‌କିଲ୍ଲା ବିସ୍ଫୋରଣ ମାମଲାରେ ନ୍ୟାସନାଲ ଇନ୍‌ଭେଷ୍ଟିଗେସନ ଏଜେନ୍ସି (ଏନ୍‌ଆଇଏ) ଆଉ ଜଣେ ସଂଦିଗ୍ଧଙ୍କୁ ଗିରଫ କରିଛି । ବିସ୍ଫୋରଣର ୬ ଦିନ ପରେ ଆତ୍ମଘାତୀ ଆକ୍ରମଣକାରୀ ଉମର ନବୀର ଜଣେ ସହଯୋଗୀ ଆମୀର ରସିଦ ଅଲିକୁ ଗିରଫ କରାଯାଇଛି । ଆମୀର ଜମ୍ମୁ-କଶ୍ମୀରର ପାମ୍ପୋରର ବାସନ୍ଦା । ବିସ୍ଫୋରଣ ପାଇଁ ଉମର ସହ ମିଶି ଆମୀର ଷଡ଼ଯନ୍ତ୍ର କରିଥିଲା । ବିସ୍ଫୋରଣ ପାଇଁ ବ୍ୟବହୃତ ହୋଇଥିବା କାର୍‌ର ମାଲିକ ହେଉଛି ରସିଦ । ବିସ୍ଫୋରଣ ପାଇଁ ସେ ହିଁ କାର କିଣି ଉମରକୁ ଦେଇଥିଲା । ସେ ଫରିଦାବାଦ୍‌ରୁ ଏହି କାର୍ କଣିଥିଲା ବୋଲି ଏନ୍‌ଆଇଏ ତରଫରୁ କୁହାଯାଇଛି । ଅନ୍ୟ ସଂଦିଗ୍ଧଙ୍କୁ ଗିରଫ କରିବା ପାଇଁ ଏନ୍‌ଆଇଏ ଚଢ଼ାଉ ଜାରି ରଖିଛି । ସେହିପରି ପୁଲିସ ନୁହ ସହରରୁ ଆଉ ଦୁଇଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ରିଜୱାନ ଓ ସୋଏବ । ଆତଙ୍କବାଦୀ ମାମଲାରେ ଦୁହେଁ ପାଣ୍ଠି ଯୋଗାଡ଼ କରିଥିବାର ଅଭିଯୋଗ ହୋଇଛି ।



**ଆଉ ଜଣେ ମହିଳା ଡାକ୍ତର ଗିରଫ**

ଏନଆଇଏ ପକ୍ଷରୁ କୁହାଯାଇଛି ଯେ ଦିଲ୍ଲୀ ବିସ୍ଫୋରଣ ଥିଲା ଆତ୍ମଘାତୀ ବିସ୍ଫୋରଣ । ଆଉ ଏକ ଉଲ୍ଲେଖନୀୟ ଘଟଣାକ୍ରମେ ପୁଲିସ୍ ଏହି ମାମଲାରେ ଜମ୍ମୁ-କଶ୍ମୀରର ଅନନ୍ତ ନାଗରେ ଚଢ଼ାଉ କରି ଜଣେ ମହିଳା ଡାକ୍ତରଙ୍କୁ ଗିରଫ କରିଛି । ସେ ହେଉଛନ୍ତି ହରିୟାଣାର ପ୍ରିୟଙ୍କା ଶର୍ମା । ସେ ଅନନ୍ତନାଗର ମଲକନାଗ ଅଞ୍ଚଳରେ ଏକ ଭଡ଼ା ଘରେ ରହୁଥିଲେ । ବିସ୍ଫୋରଣରେ ସେ ଜଡିତ ଥିବା ପୁଲିସ ସନ୍ଦେହ କରୁଛି ।

**ସାରା ରାଜ୍ୟରେ ଶୀତ ଲହରୀ**

## ୫ ଡିଗ୍ରୀକୁ ଖସିଲା ପାରଦ

■ **ଭୁବନେଶ୍ୱର, ୧୬।୧୧ (ସମିସ):** ରାଜ୍ୟର ଅଧିକାଂଶ ସ୍ଥାନରେ ପ୍ରବଳ ଶୀତ ଜାରି ରହିଛି । କ୍ରମାଗତ ଭାବେ ରାଜ୍ୟକୁ ଆସୁଥିବା ଥଣ୍ଡା ଓ ଶୁଷ୍କ ପବନ ତାପମାତ୍ରା ହ୍ରାସରେ ସହାୟକ ହେଉଥିବା ବେଳେ ଥଣ୍ଡା ବଢ଼ି ଚାଲିଛି । ଯାହାଫଳରେ ଚଳିତ ବର୍ଷ ରାଜ୍ୟରେ ପ୍ରଥମ ଥର ପାଇଁ ତାପମାତ୍ରା ୫ ଡିଗ୍ରୀକୁ ଖସିଛି । ଗତ ୨୪ ଘଣ୍ଟାରେ ରାଜ୍ୟର ୧୩ ସହରରେ ତାପମାତ୍ରା ୧୨ ଡିଗ୍ରୀ ତଳେ ରହିଥିବା ବେଳେ ଜି ଉଦୟଗିରିରେ ତାପମାତ୍ରା ୫.୮ ଡିଗ୍ରୀ ରେକର୍ଡ ହୋଇଛି । ଏହା ବ୍ୟତୀତ ଭୁବନେଶ୍ୱର ଓ କଟକରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୫ ଡିଗ୍ରୀ ତଳକୁ ଖସିଯାଇଥିବା ବେଳେ ଏଠାରେ ଶୀତ ଲହରୀ (କୋଲ୍ଡ ୱେଭ୍) ସ୍ଥିତି ସୃଷ୍ଟି ହୋଇଛି । ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟାରେ ରାଜ୍ୟରେ ଜି.ଉଦୟଗିରି ରେ ତାପମାତ୍ରା ୫.୮ ଡ଼ିଗ୍ରୀ ରେକର୍ଡ ହେବା ସହ ଏହା ରାଜ୍ୟର ସବୁଠୁ ଥଣ୍ଡା ସହର ପାଲଟିଛି । ସେହିପରି କଟକରେ ତାପମାତ୍ରା ୧୩.୬ ଡିଗ୍ରୀ ରହିଥିବା ବେଳେ ଏଠାରେ ▶ପୃଷ୍ଠା-୭



**ଦେଶର ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଋଣ ୯୪ ଲକ୍ଷ କୋଟି**

# ଋଣ ଚାପରେ ଅର୍ଥନୀତି

**ମାର୍ଚ୍ଚ ଶେଷ ବେଳକୁ ରାଜ୍ୟଗୁଡ଼ିକର ଋଣ ହେବ ୯୯ ଲକ୍ଷ କୋଟି ଟଙ୍କା**

**୧୦ ବର୍ଷରେ ରାଜ୍ୟ ସମୂହର ଋଣ ପରିମାଣ ୪ ଗୁଣା ବଢ଼ିଛି**

**୨୦୦୪ରୁ ୨୦୧୪ ମଧ୍ୟରେ ଋଣ ବଢ଼ିଥିଲା ମାତ୍ର ୩ ଗୁଣା**



■ **ନୂଆଦିଲ୍ଲୀ/ଭୁବନେଶ୍ୱର, ୧୬।୧୧ (ସମିସ):** ନିର୍ବାଚନୀ ପ୍ରତିଶ୍ରୁତି ପୂରଣ ନିମନ୍ତେ ନିଜସ୍ୱ ରାଜସ୍ୱ ଓ ଅଣରାଜସ୍ୱ ବୃଦ୍ଧି ପରିବର୍ତ୍ତେ ଦେଶର ବିଭିନ୍ନ ରାଜ୍ୟ କେବଳ ଋଣ ଉପରେ ଭରସା କରୁଛନ୍ତି । ଯାହା ଫଳରେ ବିଭିନ୍ନ ରାଜ୍ୟ ଉପରେ ଋଣ ପରିମାଣ ବଢ଼ିବଢ଼ି ଚାଲିଛି ଏବଂ ଚଳିତ ବର୍ଷ ଶେଷ ବେଳକୁ ଏହି ପରିମାଣ ୯୯ ଲକ୍ଷ କୋଟି ଅତିକ୍ରମ କରିବ ବୋଲି ଆକଳନ କରାଯାଇଛି । ରିଜର୍ଭ ବ୍ୟାଙ୍କର ଏକ ରିପୋର୍ଟ ଅନୁସାରେ ଅକ୍ଟୋବର ୨୦୨୫ ସୁଦ୍ଧା ଦେଶର ବିଭିନ୍ନ ରାଜ୍ୟଗୁଡ଼ିକ ୯୩.୯୩ କୋଟିରେ ପହଞ୍ଚିଛି ଓ ବିଭିନ୍ନ ରାଜ୍ୟଗୁଡ଼ିକ ଆର୍ଥିକ ବର୍ଷରେ ଦେଶ ଦୁଇଟି ତ୍ରୟମାସିକରେ ପ୍ରାୟ ୫ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଋଣ କରିବାକୁ ପ୍ରସ୍ତାବ ଦେଇଛନ୍ତି ।

ରିପୋର୍ଟ ଅନୁସାରେ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସିକରେ ଦେଶର ୧୬ଟି ରାଜ୍ୟ ସେମାନଙ୍କ ବାର୍ଷିକ ଋଣରେ ୫୮% ବୃଦ୍ଧି କରିଛନ୍ତି । ଯାହାର ପରିମାଣ ପ୍ରାୟ ୧.୩୬ ଲକ୍ଷ କୋଟି ବୋଲି କୁହାଯାଉଛି । ଋଣ ପରିମାଣ ବୃଦ୍ଧି ଯୋଗୁଁ ସମ୍ପୃକ୍ତ ରାଜ୍ୟଗୁଡ଼ିକର ଆର୍ଥିକ ସ୍ଥିତି ଦୁର୍ବଳ ହେବାରେ ଲାଗିଛି ଏବଂ ରାଜ୍ୟବାସୀଙ୍କ ଉପରେ ଋଣ ବୋଝ ପାଲଟି ଯାଇଛି । କେନ୍ଦ୍ର ସରକାର ବିଭିନ୍ନ ରାଜ୍ୟଗୁଡ଼ିକୁ ସୁଧମୁକ୍ତ ଋଣ ବାବଦରେ ୩.୬ ଲକ୍ଷ କୋଟି ଟଙ୍କା ଆବଣ୍ଟନ କରିବା ସତ୍ତ୍ୱେ ନିର୍ବାଚନୀ ପ୍ରତିଶ୍ରୁତି, ମାଗଣା ବଣ୍ଟନ କାର୍ଯ୍ୟକ୍ରମଗୁଡ଼ିକୁ ପ୍ରାଧାନ୍ୟ ଦିଆଯାଉଥିବାରୁ ରାଜ୍ୟଗୁଡ଼ିକୁ ଅଧିକ ଋଣ କରିବାକୁ ପଡୁଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ରାଜସ୍ୱ ସଂଗ୍ରହ (ପ୍ରତ୍ୟକ୍ଷ ଓ ପରୋକ୍ଷ)ରେ ଅଭିବୃଦ୍ଧି ଘଟୁ ନ ଥିବାର ରାଜ୍ୟଗୁଡ଼ିକ ଋଣ ଉପରେ ନିର୍ଭରଶୀଳ ହେଉଛନ୍ତି ବୋଲି କୁହାଯାଉଛି ।

୨୦୦୪ ମସିହାରେ ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଉପରେ ଋଣର ପରିମାଣ ଥିଲା ମାତ୍ର ୮.୮ ଲକ୍ଷ କୋଟି ଟଙ୍କା । ୨୦୧୪ ଜୁନ୍ ମାସ ସୁଦ୍ଧା ଏହା ୨୩.୯୪ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଥିଲା । ମାତ୍ର ୨୦୨୮ ଅକ୍ଟୋବର ମାସ ସୁଦ୍ଧା ଏହା ୯୪ ଲକ୍ଷ କୋଟିରେ ପହଞ୍ଚିଛି । ଅର୍ଥାତ୍ ୨୦୧୪ରୁ ୨୦୨୫ ମଧ୍ୟରେ ରାଜ୍ୟଗୁଡ଼ିକ ୭୦ ଲକ୍ଷ କୋଟି ଟଙ୍କା ଋଣ କରିଛନ୍ତି ।

ରାଜ୍ୟଗୁଡ଼ିକର ଜିଏସ୍‌ଡିପି ଓ ଋଣ ଅନୁପାତ ଦୃଷ୍ଟିରୁ ଅରୁଣାଚଳ ପ୍ରଦେଶ, ପଞ୍ଜାବ, ହିମାଚଳ ପ୍ରଦେଶ, ନାଗାଲାଣ୍ଡ ଓ ମେଘାଳୟ ସବୁଠାରୁ ଖରାପ ▶ପୃଷ୍ଠା-୭

# ଛିଡୁନି ବିହାର ଅଡୁଆ

**ବିଳମ୍ବିତ ହୋଇପାରେ ନୂଆ ସରକାର ଗଠନ**



**ଦିଲ୍ଲୀରେ ଏନ୍‌ଡିଏ ନେତାଙ୍କ ଘନଘନ ବୈଠକ**

**୨୦ ତାରିଖ ସୁଦ୍ଧା ନୂଆ ମନ୍ତ୍ରିମଣ୍ଡଳ ଶପଥ**

**ଆଜି ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବେ ନୀତୀଶ**

■ **ପାଟନା, ୧୬।୧୧ (ଏଜେନ୍ସି):** ବିହାରରେ ନୂଆ ସରକାର କେବେ ଶପଥ ନେବ? ଏସଂପର୍କରେ ବିଜେପି କିମ୍ବା ଜେଡିୟୁ ମୁହଁ ଖୋଲୁ ନାହାନ୍ତି । ତେବେ ଏନ୍‌ଡିଏର ଅନ୍ୟତମ ଅଂଶୀଦାର ଏଲଜେପିର ନେତା ତଥା କେନ୍ଦ୍ର ମନ୍ତ୍ରୀ ଚିରାଗ ପାଶ୍ୱାନ କହିଛନ୍ତି ଯେ ଆସନ୍ତା ୨୨ ତାରିଖ ପୂର୍ବରୁ ନୂଆ ମନ୍ତ୍ରିମଣ୍ଡଳ ଶପଥ ନେବ ଏବଂ ଯାହା ଜଣାପଡୁଛି ନୀତୀଶ କୁମାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ । ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ନେଇ ଆଜି ମଧ୍ୟ ସସପେନ୍ସ ରହିଥିଲେ ମଧ୍ୟ ଦୁଇ ଦଳର ନେତା କିଛି କହୁ ନାହାନ୍ତି । ଆଜି ସନ୍ଧ୍ୟାରେ ବିଜେପିର ବରିଷ୍ଠ ନେତା ଅମିତ ଶାହଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହୋଇ ଏହା ଉପରେ ବିଚାରବିମର୍ଶ କରାଯାଇଛି । କିନ୍ତୁ କିଛି ସୂଚନା ଦିଆଯାଇ ନାହିଁ ।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବର୍ତ୍ତମାନ ପାଇଁ ନୀତୀଶ କୁମାର ମୁଖ୍ୟମନ୍ତ୍ରୀ ପଦରେ ରହିବେ । ତେବେ ସେ କେତେ ଦିନ ରହିବେ, ସେଥିପାଇଁ ଫର୍ମୁଲା ପ୍ରସ୍ତୁତ କରାଯାଉଛି । ନିର୍ବାଚନରେ ଜେଡିୟୁ ଅପେକ୍ଷା ବିଜେପି ଅଧିକ ଆସନ ପାଇଥିବାରୁ ପରବର୍ତ୍ତୀ ସମୟରେ ଏହାର ନେତାଙ୍କୁ ମୁଖ୍ୟମନ୍ତ୍ରୀ କରାଯିବ । ଏବେ ଯେଉଁ ନୂଆ ମନ୍ତ୍ରିମଣ୍ଡଳ ଶପଥ ଗ୍ରହଣ କରିବ, ସେଥିରେ ଜେଡିୟୁ ଅପେକ୍ଷା ବିଜେପିର ଅଧିକ ବିଧାୟକଙ୍କୁ ମନ୍ତ୍ରିପଦ ମିଳିବ । ଏହା ଉପରେ ଅଧିକ ବିଚାରବିମର୍ଶ ଚାଲିଥିବାରୁ ଶପଥ ଗ୍ରହଣରେ ବିଳମ୍ବ ହୋଇପାରେ ବୋଲି କୁହାଯାଉଛି । ତେବେ ନୀତୀଶ କୁମାର ଆସନ୍ତାକାଲି ରାଜ୍ୟପାଳଙ୍କୁ ଭେଟି ଇସ୍ତଫା ପ୍ରଦାନ କରିବେ । ଏବେ ମୋଟ୍ ୩୩ରୁ ୩୬ ମନ୍ତ୍ରୀ ଶପଥ ଗ୍ରହଣ କରିବେ । ବିଜେପିରୁ ୧୬ ଏବଂ ନୀତୀଶଙ୍କ ଜେଡିୟୁରୁ ୧୪ ଜଣ ମନ୍ତ୍ରୀ ହେବେ । ଚିରାଗ ପାଶ୍ୱାନଙ୍କ ଦଳରୁ ଦୁଇ ଜଣଙ୍କୁ ମନ୍ତ୍ରିପଦ ମିଳିବାର ସମ୍ଭାବନା ରହିଛି । ନୂଆ ମନ୍ତ୍ରିମଣ୍ଡଳରେ ତିନି ଜଣଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯିବାର ସମ୍ଭାବନା ରହିଛି । ପାଶ୍ୱାନ ତାଙ୍କ ଦଳରୁ ଜଣଙ୍କୁ ଉପମୁଖ୍ୟମନ୍ତ୍ରୀ ▶ପୃଷ୍ଠା-୭

**ଡିସେମ୍ବର ୧ରୁ ପୁଲିସକୁ ଗାଡ଼ି ଚେକିଂ ପାଇଁ ଅଖଣ୍ଡ କ୍ଷମତା**

# ସରକାର-ସଂଘ ମୁହାଁମୁହିଁ

■ **ଭୁବନେଶ୍ୱର,୧୬ ।୧୧(ସମିସ):** ବହୁ ବାଦ ବିବାଦ ଓ ଆନ୍ଦୋଳନ ଚେତାବନୀ ପରେ ମଧ୍ୟ ସରକାର ନିଜ ନିଷ୍ପତ୍ତିରେ ଅଟଳ । ଡିସେମ୍ବର ୧ ତାରିଖରୁ ପୁଲିସକୁ ମିଳିବ ଗାଡ଼ି ଯାଞ୍ଚର ଅଖଣ୍ଡ କ୍ଷମତା । ଏହି କ୍ଷମତା ବଳରେ ପୁଲିସ ବାହିନୀ ପୂର୍ବାପେକ୍ଷା କ୍ଷମତାଶାଳୀ ଓ ଅର୍ଥଶାଳୀ ହେବ । ତେବେ ପୁଲିସକୁ ଗାଡ଼ି ଯାଞ୍ଚ କ୍ଷମତାକୁ ବିରୋଧ କରି ଆସିଥିବା ବସ୍‌ମାଲିକ ଓ ଅନ୍ୟ ଗାଡ଼ି ମାଲିକ ସଂଘ ଖୁବ୍ ଶୀଘ୍ର ଜରୁରୀ ବୈଠକ ଡାକିବେ ବୋଲି ସୂଚନା ମିଳିଛି । ସରକାର ତାଙ୍କ ଆଭିମୁଖ୍ୟ ପରିବର୍ତ୍ତନ ନ କଲେ ଗାଡ଼ି ମାଲିକମାନେ ମଧ୍ୟ ବିକଳ୍ପ ବାଛିପାରନ୍ତି ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି । ଯାହାକୁ ନେଇ ସରକାର ଓ ଗାଡ଼ି ମାଲିକ ସଂଘ ମୁହାଁମୁହିଁ ସ୍ଥିତିକୁ ଆସିଛନ୍ତି ।

**ବସ୍ ମାଲିକ ସଂଘର ଆନ୍ଦୋଳନ ଚେତାବନୀ ସତ୍ତ୍ୱେ ପଛକୁ ହଟିଲାନି ବିଭାଗ**

**ଦୁଇଟି ବ୍ୟତୀତ ସବୁ ଉଲ୍ଲଂଘନ ପାଇଁ ଜରିମାନା କରିବ ପୁଲିସ**

ରାଜ୍ୟରେ ବର୍ତ୍ତମାନ ଏମଭି ଆଇନ ୧୯୮୮ ଅନୁଯାୟୀ ପୁଲିସକୁ କିଛି କ୍ଷମତା ପ୍ରଦାନ କରାଯାଇଛି । ଏହି କ୍ଷମତା ବଳରେ ପୁଲିସ ପକ୍ଷରୁ ହେଲ୍‌ମେଟ୍ ଓ ରଙ୍ଗସାଇଡ୍ ଗାଡ଼ି ଚାଳନା, ଟ୍ରିପଲ ରାଇଡର ଓ ସିଟ୍ ବେଲ୍ଟ ନ ବାନ୍ଧିବା ଭଳି ନିୟମ ଉଲ୍ଲଙ୍ଘନ ପାଇଁ ଜରିମାନା ଆଦାୟ କରୁଛି । ମାତ୍ର ଡିସେମ୍ବର ୧ ପୁଲିସକୁ ଏ କ୍ଷେତ୍ରରେ ଅଖଣ୍ଡ କ୍ଷମତା ଦେବା ପାଇଁ ପରିବହନ ବିଭାଗ ନିଷ୍ପତ୍ତି ନେଇଛି । ଅନୁଯାୟୀ ଏମ୍‌ଭି ଆଇନ୍‌ର ଧାରା-୩ର ଉପଧାରା-୧ ଓ କେନ୍ଦ୍ରୀୟ ଏମ୍‌ଭି ଆଇନ୍ ୧୯୪(୧)ରେ ଥିବା କ୍ଷମତାକୁ ବାଦ୍ ଦେଇ ବାକି ସବୁ କ୍ଷେତ୍ରରେ ପୁଲିସକୁ ଜରିମାନା ଆଦାୟ କ୍ଷମତା ଦିଆଯିବାକୁ ନିଷ୍ପତ୍ତି ହୋଇଛି ।

ଯଦିଓ ରାଜ୍ୟରେ ଦୁର୍ଘଟଣା ହ୍ରାସକୁ ଅଟକଳ କରି ବିଭାଗ ଏଭଳି ନିଷ୍ପତ୍ତି ନେବା ପାଇଁ ଯୋଜନା କରୁଛି, ହେଲେ ବିଭାଗର ଏଭଳି ନିଷ୍ପତ୍ତି ପଛରେ କିଛି ଷଡ଼ଯନ୍ତ୍ର ଥିବା ସଡ଼କ ସୁରକ୍ଷା ବିଶେଷଜ୍ଞମାନେ ଗନ୍ଧବାରିଛନ୍ତି । ବରିଷ୍ଠ ଆଇନଜୀବୀ ତଥା ସଡ଼କ ସୁରକ୍ଷା ବିଶେଷଜ୍ଞ ସୁବ୍ରତ ନନ୍ଦ କହିଛନ୍ତି ଯେ ଗୋଟିଏ ଏହାଦ୍ୱାରା ଲୋକଙ୍କ ମୌଳିକ ଅଧିକାର କ୍ଷୁଣ୍ଣ ହେବାର ଆଶଙ୍କା ରହିଛି । ଯାହାକୁ ନେଇ ପୂର୍ବରୁ ମାସାନୀ କମିସନ ଆପତ୍ତି ଉଠାଇବା ସହ ଏଭଳି ନିୟମ କାର୍ଯ୍ୟକାରୀ ନ କରିବାକୁ ସୁପାରିସ୍ କରିଛନ୍ତି । ଅନ୍ୟପଟେ ବର୍ତ୍ତମାନ ପୁଲିସ ନିଜ କ୍ଷମତା ବଳରେ ଯେଉଁ ଜରିମାନା ଅର୍ଥ ଆଦାୟ କରୁଛି, ଏହି ଅର୍ଥକୁ ମାସ ମାସ ଧରି କୋର୍ଟକୁ ପଠାଉନାହିଁ । ମାତ୍ର ପୁଣି ଯେଉଁ ଦଫାଗୁଡ଼ିକରେ ପୁଲିସ କ୍ଷମତା ଦେବାକୁ ଯୋଜନା ହେଉଛି, ସେହି ଦଫାରେ ଜରିମାନାର ପରିମାଣ ବହୁ ଅଧିକ ରହିଥିବାରୁ ଦୁର୍ନୀତି ବଢ଼ିବାର ଆଶଙ୍କା ରହିଛି ବୋଲି ସେ କହିଛନ୍ତି ।

ପୁଲିସକୁ ଗାଡ଼ି ଯାଞ୍ଚ କ୍ଷମତା ପ୍ରଦାନ କରିବା ଲାଗି ପରିବହନ କମିସନର ପକ୍ଷରୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯିବା ପରେ ନିଖିଳ ଓଡିଶା ମିନି ଟ୍ରକ ମାଲିକ ମହାସଂଘ ଓ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ତୀବ୍ର ବିରୋଧ କରାଯାଇଥିଲା । ରାଜ୍ୟର ଏହି ଦୁଇ ପ୍ରମୁଖ ସଂଘ ଏ ସଂକ୍ରାନ୍ତରେ ନିଷ୍ପତ୍ତିର ପୁନର୍ବିଚାର ପାଇଁ ସରକାରଙ୍କୁ ନିବେଦନ କରିଥିବା ବେଳେ ଏହି ନିୟମ ଲାଗୁ ହେଲେ ରାଜ୍ୟରେ ଚକ ଅଖ ବନ୍ଦ କରିଦିଆଯିବ ବୋଲି ଚେତାବନୀ ଦେଇଥିଲେ । ହେଲେ ସରକାର ସଂଘମାନଙ୍କ ଚେତାବନୀକୁ ଭ୍ରୂକ୍ଷେପ ନ କରି ଏହି ନିଷ୍ପତ୍ତି ନେବାକୁ ଯୋଜନା କରୁଥିବା ଜଣାପଡ଼ିଛି ।

ଅତୀତରେ ପୁଲିସ ବିଭାଗକୁ ଗାଡି ଯାଞ୍ଚ କ୍ଷମତା ଦେବା ଲାଗି ବହୁବାର ପ୍ରୟାସ କରାଯାଇଥିଲା । ହେଲେ ପରବର୍ତ୍ତୀ ସମୟରେ ତାହା ବିଫଳ ହେଇଥିଲା । ବିଗତ ବର୍ଷରେ ଏ ସମ୍ପର୍କିତ ପ୍ରସ୍ତାବକୁ ଖୋଦ୍ ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ କମିଟିଗୁଡିକ ଦ୍ୱାରା ନାପସନ୍ଦ କରାଯାଇଥିଲା । ରାଜ୍ୟରେ ଚଳାଚଳ କରୁଥିବା ମୋଟରଯାନ ଯାଞ୍ଚ ପାଇଁ ପୂର୍ବ ସରକାର "ଓଡ଼ିଶା ମୋଟରଯାନ ପ୍ରବର୍ତ୍ତନ ବିଭାଗ' ନାମରେ ଏକ ପୃଥକ ଶାଖା ସୃଷ୍ଟି କରିଥିଲେ । ଯଦି ପୁଲିସକୁ ଅଧିକ କ୍ଷମତା ନ୍ୟସ୍ତ କରାଯାଏ, ତେବେ ଏହା ହଇରାଣ, ଦୁର୍ନୀତି ବଢ଼ିବ ବୋଲି ଆଶଙ୍କା ପ୍ରକାଶ ପାଇଛି ।

**ପୁଲିସ ଏସ୍‌ଆଇ ନିଯୁକ୍ତି କେଳେଙ୍କାରୀ ମାମଲା**

# ଆଜି ବ୍ରହ୍ମପୁର ଆସିବ ସିବିଆଇ !

■ **ବ୍ରହ୍ମପୁର, ୧୬।୧୧ (ସମିସ):** ପୁଲିସ ଏସ୍‌ଆଇ ନିଯୁକ୍ତି କେଳେଙ୍କାରୀ ମାମଲାରେ ସିବିଆଇ ଟିମ୍‌ର ତଦନ୍ତ ଆଗେଇଛି । ସୋମବାର ସିବିଆଇର ଏକ ତଦନ୍ତକାରୀ ଦଳ ବ୍ରହ୍ମପୁର ଆସିବ ବୋଲି ସୂଚନା ମିଳିଛି । ଏଠାରେ ପହଞ୍ଚିବା ପରେ ପୂର୍ବରୁ ମାମଲାର ତଦନ୍ତ କରୁଥିବା ପୁଲିସ ଅଧିକାରୀଙ୍କ ସହ ଆଲୋଚନା କରିବେ । ଦୁର୍ନୀତିରେ ସମ୍ପୃକ୍ତ ଦଲାଲମାନଙ୍କ ରିମାଣ୍ଡ ପାଇଁ ଅଦାଲତରେ ଆବେଦନ କରିବେ ବୋଲି ଜଣାପଡ଼ିଛି । ତଦନ୍ତକାରୀ ଦଳ ଗତ ଶନିବାର ଦିନତମାମ ମାମଲା ସଂକ୍ରାନ୍ତୀୟ କାଗଜପତ୍ର ଯାଞ୍ଚ କରିଥିଲେ । ଆଗାମୀ ଦିନରେ କେଉଁମାନଙ୍କୁ ଜେରା ପାଇଁ ଡକାଯିବ, ତାହାର ଏକ ତାଲିକା ପ୍ରସ୍ତୁତ କରିଥିଲେ । ୭ଜଣ ଦଲାଲଙ୍କୁ ଜେରା କରିବାକୁ ସିବିଆଇ ପୂର୍ବରୁ ଯୋଜନା ରଖିଥିଲା । ବର୍ତ୍ତମାନ ମାମଲାର ତଦନ୍ତ ପ୍ରାରମ୍ଭରୁ କରିବାକୁ ନିଷ୍ପତ୍ତି ନେଇଛି ସିବିଆଇ । କିଛି ଗିରଫ ଚାକିରି ଆଶାୟୀମାନଙ୍କୁ ମଧ୍ୟ ପଚରାଉଚରା କରିବାକୁ ପାଇଁ ଯୋଜନା କରିଛି । ଆଶାୟୀମାନେ ସିଧାସଳଖ କାହାକୁ ଲାଞ୍ଚ ଟଙ୍କା ଦେଇଥିଲେ? କେଉଁ ଦଲାଲ ସହ ସେମାନେ ଡିଲ୍ କରିଥିଲେ? ଏସବୁର ସ୍ପଷ୍ଟ ତଥ୍ୟ ଆଶାୟୀଙ୍କଠାରୁ ସିବିଆଇ ଓଗାଳିବ ବୋଲି ଜଣାଯାଇଛି ।

ସିବିଆଇ ଟିମ୍ ବ୍ରହ୍ମପୁରରେ ପହଞ୍ଚିବା ପରେ ମାମଲାର ଅଭିଯୋଗକାରୀ ଥିବା ଡିଏସ୍‌ପିଙ୍କ ସହ ଆଲୋଚନା କରିବେ । ଆଶାୟୀମାନେ ଯାଉଥିବା ବସ୍‌କୁ ପିଛା କରି ଆନ୍ଧ୍ରପ୍ରଦେଶ ଯାଇଥିବା ପୁଲିସ ଅଧିକାରୀମାନଙ୍କୁ ମଧ୍ୟ ପଚରାଉଚରା କରିପାରେ । ଏହାପରେ ସିଲିକନ୍ ଟେକ୍ ଲ୍ୟାବ୍ ସଂସ୍ଥାର ସିଇଓ ସୁରେଶ ନାୟକ ଓ ପଞ୍ଚସଫ୍ଟ ଟେକ୍ନୋଲୋଜି/ଫ୍ରଣ୍ଟଟେକ୍‌ର ନିର୍ଦ୍ଦେଶକ ତଥା ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି ଓ ଅନ୍ୟତମ କାର୍ପେଟଦାର ମୁନା ମହାନ୍ତି ସହ ମୋଟ ୭ ଜଣଙ୍କୁ ରିମାଣ୍ଡରେ ନେବାକୁ ସିବିଆଇ କୋର୍ଟରେ ଆବେଦନ କରିବ ବୋଲି ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି ।

# ଭତ୍ତା ଟଙ୍କା ପାଇଁ ବାପାକୁ ମାରିଦେଲା

■ **କବିସୂର୍ଯ୍ୟନଗର, ୧୬ ।୧୧(ସମିସ):** ଭତ୍ତା ଟଙ୍କା ପାଇଁ ବାପାକୁ ପିଟିପିଟି ମାରିଦେଲା ପୁଅ । ଏଭଳି ଏକ ଅଭାବନୀୟ ଘଟଣା ଘଟିଛି କବିସୂର୍ଯ୍ୟନଗର ଥାନା ଏ-ବରିଡ଼ା ଗୋପାଳ ନଗରରେ । ମୃତକ ହେଲେ, ପଦ୍ମନାଭ ସାହୁ (୮୫) । ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଏହି ଘଟଣାରେ ପୁଲିସ ପଦ୍ମଙ୍କ ପୁଅ ରମେଶ ସାହୁ (୪୦)କୁ ଗିରଫ କରି କୋର୍ଟଚାଲାଣ କରିଛି ।

ସୂଚନାନୁଯାୟୀ, ପଦ୍ମନାଭଙ୍କ ମଝିଆ ପୁଅ ରମେଶ ପ୍ରତିଦିନ ମଦ ପିଇବାକୁ ବାପା-ମା'ଙ୍କୁ ଟଙ୍କା ମାଗିବା ସହ ମାରଧର କରୁଥିଲା । ଶନିବାର ପଦ୍ମନାଭ ବାର୍ଦ୍ଧକ୍ୟ ଭତ୍ତା ପାଇଥିବା ଜାଣି ରମେଶ ତାଙ୍କୁ ମଦ ପିଇବାକୁ ଟଙ୍କା ମାଗିଥିଲା । କିନ୍ତୁ ସେ ଟଙ୍କା ଦେବାକୁ ମନା କରିବାରୁ ବାପ-ପୁଅଙ୍କ ମଧ୍ୟରେ ବଚସା ▶ପୃଷ୍ଠା-୭

**ଚୌଦ୍ୱାର ଜେଲ୍‌ରୁ ୨ ବିହାରୀ କଏଦୀ ଚମ୍ପଟ ଘଟଣା**

# ଧରାପଡ଼ି ନାହାନ୍ତି ଜେଲ୍ ଡିଆଁ; ୱାର୍ଡରଙ୍କୁ ପୁନଃ ନିଯୁକ୍ତି

■ **ଭୁବନେଶ୍ୱର,୧୫।୧୧(ସମିସ):** ଚୌଦ୍ୱାର ଜେଲ୍‌ରୁ କଏଦୀ ଚମ୍ପଟ ଘଟଣାରେ ସାମ୍ନାକୁ ଆସିଲା ଜେଲ୍ ବିଭାଗର ମିଳି ଭଗତ କାରନାମା । ଜେଲ୍ ଡିଆଁ ହାର୍ଡକୋର୍ ବିହାରୀ କଏଦୀଙ୍କୁ ଗିରଫ କରି ଜେଲ୍‌କୁ ଆଣିବାରେ ପୁଲିସ ଏଯାଏଁ ସଫଳ ହୋଇପାରିନାହିଁ । ହେଲେ ଏହି ଘଟଣାରେ ନିଲମ୍ବିତ ଜେଲ୍ ୱାର୍ଡର କିନ୍ତୁ ଜେଲ୍‌କୁ ଫେରି ଆସିଲେଣି । ନିଲମ୍ବିତ ଜେଲ୍ ୱାର୍ଡର ଭଗତ ଚରଣ ରାମ୍‌ଙ୍କୁ କେନ୍ଦ୍ରାପଡ଼ା ସବ୍‌ଜେଲ୍‌ରେ ୱାର୍ଡର ଭାବେ ନିଯୁକ୍ତି ଦିଆଯାଇଛି । ନିଲମ୍ବନର ମାତ୍ର ୧୫ ଦିନ ମଧ୍ୟରେ ତାଙ୍କୁ ମିଳିଗଲା ପୁନଃନିଯୁକ୍ତି । ତାହା ପୁଣି ଏଭଳି ଏକ ଜେଲ୍‌ରେ ଯେଉଁଠି ତାଙ୍କ ବିରୋଧରେ କେଳେଙ୍କାରୀ ଅଭିଯୋଗ ଆସିଥିଲା । ଏଭଳି ଥଇଥାନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ଯାଜପୁର ଜିଲ୍ଲାର ପାଣିକୋଇଲି ସୁନା ଦୋକାନୀ ହତ୍ୟା ମାମଲାରେ ଗିରଫ ହୋଇ ବିଚାରାଧୀନ କଏଦୀ ଭାବେ ଦୁଇ ବିହାରୀ ଅଭିଯୁକ୍ତ ରାଜା ସାହାଣୀ ଏବଂ ମଧୁକାନ୍ତ କୁମାର ଚୌଦ୍ୱାର ଜେଲ୍‌ରେ ଥିଲେ । ଏହା ରାଜ୍ୟର ସବୁଠାରୁ ହାଇ ସିକ୍ୟୁରିଟି ଜେଲ୍ ହୋଇଥିଲେ ମଧ୍ୟ ଦୁଇ କଏଦୀ ଜେଲ୍ ପାଚେରି ଡେଇଁ ଚମ୍ପଟ ମାରିଥିଲେ । ଜେଲ୍‌ର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବା ପରେ ବିଭାଗୀୟ ମୁଖ୍ୟ ୱାର୍ଡର ଭଗତ ଚରଣ ରାମ୍‌ଙ୍କ ସମେତ ଅନ୍ୟ ଜଣେ ଜେଲ୍ କର୍ମଚାରୀ ଡ୍ୟୁଟି ୱାର୍ଡର ସିଦ୍ଧାନ୍ତ ସାହୁଙ୍କୁ ଗତ ଅକ୍ଟୋବର ୩ ତାରିଖରେ ନିଲମ୍ବନ କରିଥିଲେ । ତେବେ ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ପୁନଃ ଅବସ୍ଥାପିତ ହୋଇଥିବା ଚିଫ୍ ୱାର୍ଡର ଭଗତ ପୂର୍ବରୁ ସାଲେପୁର ଓ କେନ୍ଦ୍ରାପଡ଼ା ଜେଲ୍‌ରେ ଥିବାବେଳେ ତାଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ଆସିଥିଲା । ଚୌଦ୍ୱାର ଜେଲ୍‌ରେ ଥିବାବେଳେ ଶ୍ରୀ ରାମ କେନ୍ଦ୍ରାପଡ଼ା ଜେଲ୍‌କୁ ଯିବା ପାଇଁ ଆଗ୍ରହ ପ୍ରକାଶ କରି ଅଧିକାରୀଙ୍କ ନିକଟରେ ଆବେଦନ କରିଥିଲେ । ଆବେଦନ ଆଧାରରେ ଚୌଦ୍ୱାରା ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜେଲ୍ ଅଧିକାରୀଙ୍କ ମତାମତ ଲୋଡ଼ିଥିଲେ । କିନ୍ତୁ ପୂର୍ବରୁ କେନ୍ଦ୍ରାପଡ଼ା ଜେଲ୍‌ରେ ଥିବା ସମୟରେ ଶ୍ରୀ ରାମ ଏକାଧିକ କେଳେଙ୍କାରୀରେ ସମ୍ପୃକ୍ତ ଥିବା ଦର୍ଶାଇ ଜେଲ୍ ଅଧୀକ୍ଷକ ତାଙ୍କୁ ଏଠାରେ ପୁନଃ ନିଯୁକ୍ତି ▶ପୃଷ୍ଠା-୭

**ମାତ୍ର ୧୫ ଦିନରେ ହଟିଲା ନିଲମ୍ବନ**

**ଯେଉଁଠି କରିଥିଲେ କେଳେଙ୍କାରୀ; ସେଇଠି ପୁଣି ହେଲେ ଥଇଥାନ**



# ଜାତୀୟ ପ୍ରେସ୍ ଦିବସ

# ଗଣମାଧ୍ୟମ ପ୍ରଶାସନ ଓ ଜନସାଧାରଣଙ୍କ ମଧ୍ୟରେ ସେତୁ ସଦୃଶ











ଛତ୍ରପୁର, ୧୬ ।୧୧(ସମିସ)

ନଭେମ୍ବର ୧୬ ହେଉଛି ଜାତୀୟ ପ୍ରେସ ଦିବସ। ଏହି ଅବସରରେ ଛତ୍ରପୁର ସ୍ଥିତ ଜଉଗଡ଼ ସମ୍ମିଳନୀ କକ୍ଷରେ ଛତ୍ରପୁର ପ୍ରେସ୍ କ୍ଲବ ଓ ଜିଲ୍ଲା ପ୍ରଶାସନ ମିଳିତ ସହଯୋଗରେ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧ୍ୟମ ବିଶ୍ୱସନୀୟତାର ସଂରକ୍ଷଣ ଉପରେ ଆଲୋଚନା ହୋଇଥିଲା। ମୁଖ୍ୟ ଅତିଥିଭାବେ ଗଞ୍ଜାମ ଜିଲ୍ଲାପାଳ ଭି.କୀର୍ତ୍ତି ଭାସନ ଯୋଗଦେଇ ଗଣମାଧ୍ୟମ ଜନସାଧାରଣ ଏବଂ ପ୍ରଶାସନ ମଧ୍ୟରେ ସଂଯୋଗ କରୁଥିବା ଏକ ସେତୁ ବୋଲି କହିବା ସହ ଭ୍ରମାତ୍ମକ ଖବର ଠାରୁ ଦୂରେଇ ରହିବା ସହ ସତ୍ୟ ଓ ନିର୍ଭୀକ ଖବର ପ୍ରସାରଣ ଉପରେ ମତପୋଷଣ କରିଥିଲେ। ଅନ୍ୟତମ ସମ୍ମାନୀତ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଦେବଦତ୍ତ ପଣ୍ଡା ଯୋଗଦେଇ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ହେଉଛନ୍ତି ସାମ୍ବାଦିକ। ତେଣୁ ସେମାନେ ସମାଜରେ ବିଭିନ୍ନ ପ୍ରସଙ୍ଗରେ ସଚେତନତା ଓ ସଂସ୍କାର ଆଣିବାରେ ପ୍ରମୁଖ ଭୂମିକା ରହିଥାଏ। ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଭି.ରାଜେନ୍ଦ୍ର ରାଜୁ ଆଜିକା ଡିଜିଟାଲ ଦୁନିଆରେ ଏଆଇ ପ୍ରଭାବ ପକାଉଛି ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରଶ୍ମୀରାଣୀ ନିମାକ ସଂଯୋଜନା କରିଥିବା ବେଳେ ବ୍ରହ୍ମପୁର ପ୍ରେସ କ୍ଲବର ସଭାପତି ଅଶୋକ କୁମାର ବ୍ରହ୍ମା, ଗଞ୍ଜାମ ପ୍ରେସ କ୍ଲବ ସଭାପତି ଶବର ତରାଇ, ବରିଷ୍ଠ ସାମ୍ବାଦିକ ଦୁର୍ଗାମାଧବ ପାଣିଗ୍ରାହୀ ପ୍ରମୁଖ ମଞ୍ଚାସିନ ରହି ଆଜିର ଦିବସ ଉପରେ ମତପୋଷଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ଶ୍ରୀକାନ୍ତ ମହାନ୍ତି, ପ୍ରଶାନ୍ତ ମହାରଣା, ସମୀର ଆଚାର୍ଯ୍ୟ ଓ ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ ଉପସ୍ଥିତ ଥିଲେ। ଛତ୍ରପୁର ପ୍ରେସ କ୍ଲବ ଉପସଭାପତି ପ୍ରଦୀପ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

**ବୁଗୁଡ଼ା:** ବୁଗୁଡ଼ା ମିଡିଆ କ୍ଲବ ସଭାପତି ଅନିଲ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପଦେଷ୍ଟା କାଳୀ ଚରଣ ଦାଶ ଓ ସମ୍ପାଦକ ପ୍ରଫୁଲ୍ଲ କୁମାର ପଟ୍ଟନାୟକ ଗଣମାଧ୍ୟମର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଉପସଭାପତି ମନୋରଞ୍ଜନ ଦାଶ, ସହସମ୍ପାଦକ ହର ପ୍ରସାଦ ପାଢ଼ୀ, ସଦସ୍ୟ ଏସ୍.ଶିବ ପ୍ରସାଦ ଦୋରା ଓ ସଞ୍ଜିବ କୁମାର ତ୍ରିପାଠୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଅଭୟ ପ୍ରସାଦ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

**ଗଞ୍ଜାମ:** ଗଞ୍ଜାମ ପ୍ରେସ କ୍ଲବ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଭାପତି ଶବର ତରାଇ ସଭାପତିତ୍ୱ କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ଉମାକାନ୍ତ ବେହେରା, ସମ୍ପାଦକ ବିଦ୍ୟାଧର ସାହୁ ଓ ସଭାପତି ଶ୍ରୀ ତରାଇ ପ୍ରମୁଖ ସମ୍ବାଦିକ ମାନଙ୍କ ସୁରକ୍ଷା ଓ ବିଭିନ୍ନ ପ୍ରସଙ୍ଗ ଉପରେ ମନ୍ତବ୍ୟ ରଖିଥିଲେ। ନିରଞ୍ଜନ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ବିଜୟଲକ୍ଷ୍ମୀ ମହାଙ୍କୁଡ଼, ପ୍ରଦୀପ କୁମାର ପଣ୍ଡା, ସୁଧିର କୁମାର ପାଢ଼ୀ, ବଟକୃଷ୍ଣ ରାଉଳ, ରାକେଶ ରଞ୍ଜନ ଦାସ, ରାକେଶ କୁମାର ନାୟକ, କୃଷ୍ଣଚନ୍ଦ୍ର ଦାଶ, ନୀଳାଞ୍ଚଳ ସେନାପତି, ବନବାସୀ ସେଠି, ପ୍ରକାଶ ପଲାଇ, ମନୋଜ ପ୍ରଧାନ, ମୁରଲୀ ପ୍ରଧାନ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

**ଶେରଗଡ଼:** ଗଣମାଧ୍ୟମ ତଥା ଏହାର ପ୍ରତିନିଧି ମାନେ ରାଷ୍ଟ୍ର ନିର୍ମାଣ ଦାୟିତ୍ୱରୁ କେତେବେଳେ ବି ପଛକୁ ଫେରିନାହାନ୍ତି ବୋଲି ଜାତୀୟ ପ୍ରେସ ଦିବସ ପାଳନ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇ ଶେରଗଡ଼ ମିଡିଆ ହାଉସର ସଭାପତି ମେଘନାଦ ଦାସ ଏବଂ ଉପଦେଷ୍ଟା ହୃଷିକେଶ ମହାନ୍ତି ପ୍ରକାଶ କରିଛନ୍ତି। ସାମ୍ପ୍ରତିକ ପରିସ୍ଥିତିରେ ଗଣମାଧ୍ୟମ ପ୍ରତିନିଧିଙ୍କ ଦାୟିତ୍ୱ ବୃଦ୍ଧି ପାଇଥିବାରୁ, ଯତ୍ନଶୀଳ ହେବା ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା। ଆଲୋଚନା ରେ ଶେରଗଡ଼ର ସମସ୍ତ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

**ପାତ୍ରପୁର:** ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲୀ ସ୍ଥିତ ଶ୍ରୀଭରତପତି ମହାବିଦ୍ୟାଳୟ ଠାରେ ସୀମାନ୍ତ ସାମ୍ବାଦିକ ସଂଘ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି ନୀଳାଞ୍ଚଳ ପଟ୍ଟନାୟକଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ସୁଧାଂଶୁ ରାଉତ, ସମ୍ମାନିତ ଅତିଥି ଭାବେ ପାତ୍ରପୁର ବିଡିଓ ଲକ୍ଷ୍ମଣ ଚରଣ ସୋରେନ, ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଗିରୀଶ ଚନ୍ଦ୍ର ବେହେରା ଓ ବରିଷ୍ଠ ସାମ୍ବାଦିକ ବିଭୂଧେନ୍ଦ୍ର ପାଢ଼ୀ ମଞ୍ଚାସୀନ ହୋଇଥିଲେ। ପାତ୍ରପୁର, ଚିକିଟି, ଦିଗପହଣ୍ଡି, ସାନଖେମୁଣ୍ଡି, ରଙ୍ଗେଇଲୁଣ୍ଡା ଓ ପଡୋଶୀ ଆନ୍ଧ୍ରର ସାମ୍ବାଦିକଙ୍କୁ ନେଇ ଏହି ଦିବସ ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ "ବିକାଶର ସୂତ୍ରଧର କିଏ ? ରାଜନେତା ନା ଗନମାଧ୍ୟମ" ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷ ମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂଘର ସମ୍ପାଦକ ମାଧବ ବାଡତ୍ୟା ପରିଚାଳନା କରିଥିବାବେଳେ ରାଜଗୋପାଳ ପାଢ଼ୀ, ସନ୍ତୋଷ ମହାପାତ୍ର, ଉମାଚରଣ ନେପାକ, ରାଜେଶ ସେଠୀ, ବଦ୍ରୀନାରାୟଣ ରଣା, ଆଲୁ ଜୟ ପ୍ରକାଶ, ଅଞ୍ଜଳେଶ୍ୱର ପଟ୍ଟନାୟକ, ଗୌରାଙ୍ଗ ନେପାକ ପ୍ରମୁଖ ସହଯୋଗ କରିଥିଲେ।

**ଭଞ୍ଜନଗର:** ସ୍ଥାନୀୟ ପ୍ରେସ କ୍ଲବ ଠାରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଞ୍ଜନ କୁମାର ଦେ ଓ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର କୃତିବାସ ବିଶ୍ୱାଳ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରେସ କ୍ଲବ ର ସଭାପତି ଲୋକନାଥ କର ଅଧ୍ୟକ୍ଷତା କରିଥିବାବେଳେ ଉପଦେଷ୍ଟା ରବୀନ୍ଦ୍ର ପାତ୍ର, ସମ୍ପାଦକ ବାବୁଲା ପ୍ରଧାନ ପ୍ରମୁଖ ମଞ୍ଚାସୀନ ରହିଥିଲେ। ଅନ୍ୟତମ ସଦସ୍ୟ ସକାଳ ଖବର କାଗଜ ସାମ୍ବାଦିକ ମନୋଜ କୁମାର କର, ବିଶ୍ୱମ୍ବର୍ ଜେନା, ମନୋଜ ଗୌଡ଼, ନିଲୁ ବିଶୋୟୀ, ଜୟକୃଷ୍ଣ ପଟନାୟକ, ଅମରେନ୍ଦ୍ର ପଟ୍ଟନାୟକ, ବୀରେନ୍ଦ୍ର ସ୍ୱାଇଁ, ନଚିକେତା ପ୍ରଧାନ, ସୁଶାନ୍ତ ସାହୁ, ରାଜେଶ ପଣ୍ଡା, ରତ୍ନାକର ସାହୁ, ରବୀନ୍ଦ୍ର ପ୍ରଧାନ, ଲୋକନାଥ ମହାନ୍ତି, ରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମ୍ପାଦକ ଶ୍ରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

**ବେଲଗୁଣ୍ଠା:** ବେଲଗୁଣ୍ଠା ପ୍ରେସ୍ କ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ରଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ସାହିତ୍ୟ ଘର କୋଷାଧ୍ୟକ୍ଷ ତଥା କାଉନସିଲର ଭାସ୍କର ପାତ୍ର ଓ ଯୁବ ସଙ୍ଗଠକ ଗଙ୍ଗାଧର ଡାକୁଆ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ସଦସ୍ୟ ସୁଶାନ୍ତ କୁମାର ବେହେରା ସଂଯୋଜନା କରିଥିବା ବେଳେ ଖବର ସଂଗ୍ରହରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ଯୁବ ସାମ୍ବାଦିକ ଶିବରାମ ଚୌଧୁରୀ, ନାରାୟଣ ପଣ୍ଡା, ତୋଫାନ କୁମାର ସାହୁ, ପ୍ରଦୀପ କୁମାର ଚୌଧୁରୀ ଓ ନବକିଶୋର ମହାରଣାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଉପସଭାପତି ପ୍ରଭାତ କୁମାର ସାହୁ, ବରିଷ୍ଠ ସଦସ୍ୟ ସୂର୍ଯ୍ୟନାରାୟଣ ତ୍ରିପାଠୀ, ସରୋଜ ଶତପଥୀ, ପଞ୍ଚାନନ ସାହୁ, ସୁରେଶ ସୁବୁଦ୍ଧି, ପ୍ରଦୀପ କୁମାର ଚୌଧୁରୀ, ସଦାଶିବ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ସଦସ୍ୟ ଶ୍ରୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

**ଦିଗପହଣ୍ଡି:** ଦିଗପହଣ୍ଡି ଏନଏସି କାର୍ଯ୍ୟାଳୟ ସଭାଗୃହରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ଦିଗପହଣ୍ଡି ସାମ୍ବାଦିକ ସଂଘ ସଭାପତି ଅଶେଷ ନାଥ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଆଇନଜୀବୀ ତଥା ସଂଘ କାର୍ଯ୍ୟକର୍ତ୍ତା ହରପ୍ରସାଦ ରଥ ସଂଯୋଜନା କରିଥିଲେ। ଦିଗପହଣ୍ଡି ଏନ୍ଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ତଥା ଗବେଷକ ଡ଼. ଅନନ୍ତରାମ କର କୌଣ୍ଡନ୍ୟ ଏବଂ ସମ୍ମାନିତ ବକ୍ତା ଭାବେ ଆଇନଜୀବୀ ତଥା ପତ୍ରିକାର ସମ୍ପାଦକ କୁରେଶୁ ପଣ୍ଡା, ସଂଘ ସମ୍ପାଦକ ଗୋପାଳକୃଷ୍ଣ ମଲ୍ଲିକ ମଞ୍ଚାସିନ ଥିଲେ। 'ସାମ୍ପ୍ରତିକ ସ୍ଥିତିରେ ଗ୍ରାମାଞ୍ଚଳର ସାମ୍ବାଦିକତା' ଶୀର୍ଷକ ଆଲୋଚନା ଚକ୍ରରେ ବକ୍ତା ଓ ଅତିଥି ବୃନ୍ଦ ସାରଗର୍ଭକ ଅଭିଭାଷଣ ପ୍ରଦାନ କରିଥିଲେ। ବିଜୟକୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ସାମ୍ବାଦିକ ନୀଳମାଧବ ପରମଗୁରୁ, କିରଣ କୁମାର ବେହେରା, ସଞ୍ଜୀବ ପାତ୍ର, କୁରେଶୁ ମହାରଣା, ନାରାୟଣ ସେଠୀ, ବିନାୟକ ଦାସ, ଶଙ୍କର ସ୍ୱାଇଁ, ସନ୍ତୋଷ ରେଡ୍ଡୀ, ଭବାନୀ ଶଙ୍କର ପଣ୍ଡା, ସୁରେନ ଗୌଡ଼, ଭଗବାନ ପଟ୍ଟନାୟକ, ଅଶୋକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।











## ● ଶେରଗଡ଼ ବ୍ଲକରେ ମନରେଗା ବାଟବଣା

# କାର୍ଯ୍ୟ ଦିବସର ୩୦ ପ୍ରତିଶତ ବି ପୂରଣ ହୋଇନି

ଶେରଗଡ଼, ୧୬ ।୧୧(ସମିସ): ଗ୍ରାମାଞ୍ଚଳର ବେକାରୀ ସମସ୍ୟା ଦୂର ଲାଗି କେନ୍ଦ୍ର ସରକାର ୨୦୦୫ ଅଗଷ୍ଟରେ ମନରେଗାକୁ ଲୋକସଭାରେ ଗୃହୀତ କରିଥିଲେ। ୨୦୦୬ ଫେବୃଆରୀ ୨ ତାରିଖରେ ଏହାକୁ କାର୍ଯ୍ୟକାରୀ କରାଗଲା। ଏହି ଯୋଜନାରେ ଶ୍ରମକାର୍ଡ ଥିବା ବ୍ୟକ୍ତିଙ୍କୁ ବର୍ଷକୁ ଅତି କମରେ ୧୦୦ ଦିନର କାମ ଯୋଗାଇ ଦିଆଯିବାର ନିୟମ ରହିଛି। ପୋଖରୀ ଖୋଳିବା, ରାସ୍ତା ଓ ଡ୍ରେନ ତିଆରି କରିବା, ବୃକ୍ଷ ଓ ଚାରାରୋପଣ, ଜଳ ଓ ମାଟି ସଂରକ୍ଷଣ, ବନ୍ୟା ନିୟନ୍ତ୍ରଣ ଲାଗି ଆଡିବନ୍ଧ ନିର୍ମାଣ, ମାଟି ସଂରକ୍ଷଣ, କମ୍ୟୁନିଟି ବିଲଡିଙ୍ଗ ମରାମତି କରିବା ଭଳି ବିଭିନ୍ନ କାର୍ଯ୍ୟ ମନରେଗା ଅଧିନରେ କରାଯାଉଛି। ଏହି ସବୁ କାମରେ ମେସିନ ବା ଯନ୍ତ୍ରପାତି ବ୍ୟବହାର କରାନଯିବାକୁ ସ୍ପଷ୍ଟ ଭାବେ ନିୟମ ରହିଛି। ଏସବୁ କାର୍ଯ୍ୟ କରୁଥିବା ଲୋକଙ୍କ ମଜୁରି ସିଧାସଳଖ ସେମାନଙ୍କ ବ୍ୟାଙ୍କ ଏକାଉଣ୍ଟକୁ ପଠାଯାଉଛି।

ତେବେ ଶେରଗଡ଼ ବ୍ଲକରେ ଏହି ଯୋଜନା ବର୍ତ୍ତମାନ ବାଟବଣା ହୋଇପଡ଼ିଛି। ତଥ୍ୟ ମୁତାବକ ବ୍ଲକରେ ୧୩୯୨୫ କାର୍ଡ ପ୍ରଦାନ କରାଯାଇଛି। ଯେଉଁଥିରେ ଅଲାରିଗଡ଼ ୭୦୨, ବନ୍ଧାଗୁଡା ୬୫୨, ବରମୁଣ୍ଡୁଳି ୬୭୨, ବ୍ରାହ୍ମଣଛାଇ ୩୪୧, ଡେଙ୍ଗାପଦର ୪୫୨, ଧବଳପୁର ୪୬୩, ଧନନ୍ତର ୯୭୫, ଗୋବିନ୍ଦପୁର ୬୧୬, ଗୋଠଗାଁ ୪୨୭, କେ କରଡାକଣା ୬୬୪, ଖିରିଡା ୪୮୬, କୃଷ୍ଣଛାଇ ୬୦୩, କୁଲାଗଡ଼ ୬୨୯, କୁମାରପାଣି ୪୫୯, କୁରୁଳା ୪୫୧, ମହୁପଦର ୧୧୨୪, ନରେନ୍ଦ୍ରପୁର ୭୭୫, ପିଡଳ ୬୩୦, ଶେରଗଡ଼ ୮୦୨, ତହଁର ୪୯୬, ଡାକରଡା ୯୫୧, ଠୁରୁବୁରାଇ ୫୫୫ ଶ୍ରମ କାର୍ଡ ଥିଲା। ଗତ ଆର୍ଥିକ ବର୍ଷରେ ୮ ଲକ୍ଷ ୨୩ ହଜାର ୪୦୫ ଶ୍ରମ ଦିବସ ସୃଷ୍ଟି କରିବା ଲାଗି ଲକ୍ଷ୍ୟ ରଖାଯାଇଥିବା ବେଳେ ଧାର୍ଯ୍ୟ ଲକ୍ଷ୍ୟ ଠାରୁ ପ୍ରାୟ ମାତ୍ର ୨୫.୪୭ ପ୍ରତିଶତ ଅର୍ଥାତ ୨ ଲକ୍ଷ ୯ ହଜାର ୭ ଶହ ୩୪ ଶ୍ରମ ଦିବସ ପୂରଣ ହୋଇଛି। ବ୍ଲକର ୨୨ ପଞ୍ଚାୟତ ମଧ୍ୟରୁ କୁଲାଗଡ଼, କୁରୁଳା ପଞ୍ଚାୟତ ବ୍ୟତୀତ ଅନ୍ୟ ସମସ୍ତ ପଞ୍ଚାୟତ ର ଶ୍ରମ ଦିବସ ପୂରଣ ଦିଗରେ ନୈରାଶ୍ୟ ଜନକ। ଉପରୋକ୍ତ ତଥ୍ୟକୁ ଦେଖିଲେ ସରକାର ଯେଉଁ ଉଦ୍ଦେଶ୍ୟ ନେଇ ମନରେଗା ଆରମ୍ଭ କରିଥିଲେ ତାହା ଆଜି ଶେରଗଡ଼ ବ୍ଲକରେ ପ୍ରହସନ ପାଲଟିଛି ବୋଲି ବୁଦ୍ଧିଜୀବୀ ମାନେ ମତବ୍ୟକ୍ତ କରିଛନ୍ତି।

# ପୁଲିସର ସାଇବର ସୁରକ୍ଷା ସଚେତନତା

ପାରଳାଖେମୁଣ୍ଡି, ୧୬ ।୧୧(ସମିସ): ଗଜପତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ପାରଳାଖେମୁଣ୍ଡି ଆଦର୍ଶ ଥାନା ପକ୍ଷରୁ ସାଇବର ସୁରକ୍ଷାକୁ ନେଇ ଜନସଚେତନତା ଜାରି ରହିଛି। ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ ଭୂପତିଙ୍କ ତତ୍ତ୍ୱାବଧାନରେ ଆଜି ସହରର ବିଭିନ୍ନ ପ୍ରମୁଖ ଛକ ସମେତ ବିଭିନ୍ନ ଦୋକାନ ନିକଟରେ ଜନସାଧାରଣ ଓ ଗ୍ରାହକଙ୍କୁ ସାଇବର ସୁରକ୍ଷା ସମ୍ପର୍କରେ ସଚେତନ କରାଯାଇଥିଲା। ସଚେତନତା ମୂଳକ କ୍ଷୁଦ୍ର ନାଟକ, ସୁରକ୍ଷା ସମ୍ବନ୍ଧୀୟ ପ୍ରଚାରପତ୍ର ବଣ୍ଟନ କରି ସଚେତନ କରାଯାଉଛି। ଯଦି କୌଣସି ସନ୍ଦେହଜନକ କାର୍ଯ୍ୟକଳାପ କିମ୍ବା ଆର୍ଥିକ କ୍ଷତି ହେଲେ 'ଗୋଲ୍ଡେନ୍ ଆୱାର୍' ବା ପ୍ରଥମ ଘଣ୍ଟାଏ ମଧ୍ୟରେ ସାଇବର ହେଲ୍ପଲାଇନ୍ ୧୯୩୦ରେ କଲ୍ କରିବା, ଧମକଭରା ଫୋନ୍ କଲ୍ କିମ୍ବା ଟଙ୍କା ଦାବି କଲେ କଲ୍ କାଟିଦେବା ଏବଂ ପୁଲିସ୍‌କୁ ଜଣାଇବା ପାଇଁ କୁହାଯାଇଥିଲା। ସଚେତନତା କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ଆଦର୍ଶ ଥାନାର ସମସ୍ତ ପୁଲିସ୍ ଅଧିକାରୀ ଓ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।



# ଅବସରକାଳୀନ ସମ୍ବର୍ଦ୍ଧନା



ପାତ୍ରପୁର, ୧୬ ।୧୧(ସମିସ): ପାତ୍ରପୁର ବ୍ଲକ ସୁବର୍ଣ୍ଣପୁର ସ୍ଥିତ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ରବୀନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିକ୍ଷକ ସିଙ୍ଗାରୀ ସୂର୍ଯ୍ୟନାରାୟଣ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ରୂପେ ସମାଜସେବୀ ବାପୁଜୀ ବିଷୋୟୀ, ସମ୍ମାନିତ ଅତିଥି ରୂପେ ସିଙ୍ଗାରୀଙ୍କ ସହଧର୍ମିଣୀ ସୀଙ୍ଗାରି ଲିଲି, ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ଦିଲ୍ଲୀପ କୁମାର ପଣ୍ଡା, ଶିକ୍ଷକ ଗଣେଶ ସେଠୀ, ପ୍ରଶାନ୍ତ କୁମାର ସାହୁ, ବିଦ୍ୟାଳୟ ପରିଚାଳନା ଅଧକ୍ଷା ସନ୍ତୋଷିନି କନ୍ୟାରି, ଉପାଧକ୍ଷା କବିତା ପ୍ରଧାନ, ସିଲା ସାହୁ, ୱାର୍ଡସଭ୍ୟା ପ୍ରିୟଙ୍କା ମହାନ୍ତି ପ୍ରମୁଖ ମଞ୍ଚାସିନ ଥିଲେ। ଶିକ୍ଷକ ଲିଟୁ ପାତ୍ର ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ରମଣୀ ରଞ୍ଜନ ନାୟକ ଓ ନିରାକାର ସାହୁ ସହଯୋଗ କରିଥିଲେ।

# ପ୍ରାଥମିକ ବିଦ୍ୟାଳୟର ଶତବାର୍ଷୀକ ଉତ୍ସବ

ଛତ୍ରପୁର, ୧୬ ।୧୧(ସମିସ): ଛତ୍ରପୁର ବ୍ଲକ ଅନ୍ତର୍ଗତ ହୁମ୍ମା ଗ୍ରାମ ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟର ଶତ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦୁର୍ଗା ଚରଣ ପଲେଇଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଭାଗବତ ଭାସ୍କର ଜଗନ୍ନାଥ ପଣ୍ଡା, ସମ୍ମାନିତ ଅତିଥି ଭାବେ ଛତ୍ରପୁର ଏବିଇଓ ସଂଯୁକ୍ତା ରଥ, ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ଅଭିରାମ ବେହେରା, ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜଳି କୁମାରୀ ପାତ୍ର, ଅବସରପ୍ରାପ୍ତ ଅଧ୍ୟକ୍ଷ ଅଶୋକ କୁମାର ପଟ୍ଟନାୟକ ଯୋଗଦେଇ ବିଦ୍ୟାଳୟର ସ୍ମୃତିଚାରଣ କରିଥିଲେ। ବରିଷ୍ଠ ଶିକ୍ଷାବିତ ମାନଙ୍କୁ ସମ୍ମାନିତ କରାଯାଇଥିଲା। ଅଭିରାମ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପୂର୍ବତନ ଛାତ୍ର ଗୟାଧର ତରାଇ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ତଥା ସମାଜସେବୀ କୁଞ୍ଜ ବିହାରୀ ପଟ୍ଟନାୟକ ଙ୍କ ପ୍ରତି ମୂର୍ତ୍ତି ସ୍ଥାପନ କରାଯାଇଥିଲା, ଏହାକୁ ବିଧାୟକ ଶ୍ରୀ ନାୟକ ଉନ୍ମୋଚନ କରିଥିଲେ।



# କାର୍ ସହ ଗଞ୍ଜେଇ ଜବତ; ଜଣେ ଗିରଫ

ମୋହନା, ୧୬।୧୧(ସମିସ): ଗଜପତି ଜିଲ୍ଲା ଅଡ଼ବା ପୁଲିସ ଯାନବାହନ ଯାଞ୍ଚବେଳେ ବାଟାମା ବ୍ରିଜ୍ ନିକଟରୁ ଏକ କାର୍‌ରୁ ୩୧ କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ ଜବତ କରିବା ସହ କାଲେମା ଗ୍ରାମର ରାହୁଲ ବେହେରାକୁ ଗିରଫ କରିଛି। ଜବତ ଗଞ୍ଜେଇର ମୂଲ୍ୟ ୩୧ ଲକ୍ଷ ଟଙ୍କା ହୋଇଥିବା ବେଳେ ଏହି ଗଞ୍ଜେଇ ବ୍ରହ୍ମପୁର ଚାଲାଣ କରାଯାଉଥିବା ପୁଲିସ ସୂଚନା ଦେଇଛି। ଏନେଇ ଅଡବା ଥାନାରେ ଏକ ମାମଲା ରୁଜୁ ହେବା ସହ କାର୍‌କୁ ଜବତ କରି ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ଶୁଭ୍ରାନ୍ତ କୁମାର ପଣ୍ଡା ସୂଚନା ଦେଇଛନ୍ତି।

# ସାଇବର ସୁରକ୍ଷା ସଚେତନତା





ଆସିକା, ୧୬ ।୧୧(ସମିସ): ଆସିକା ଉପଖଣ୍ଡ ଆରକ୍ଷୀ ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆସିକା ଏସଡିପିଓ ସନ୍ତୋଷ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଫିଲ୍ମ ଇଣ୍ଡଷ୍ଟ୍ରିର ପୁନମ ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧିକାରୀ ସୀମା ସ୍ୱାଇଁ, ବ୍ୟାଙ୍କ ପରିଚାଳକ କାଳୁ ଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଥାନା ଅଧିକାରୀ ସାଇବର ଠକେଇ କଣ ଓ କିପରି ହୁଏ ତାହା ଉପରେ ଆଲୋଚନା କରିଥିଲେ। ଆସିକା ଥାନା ଅଧିକାରୀ କୂଳମଣି ସେଠୀ, କୋଟିନଡା ଥାନା ଅଧିକାରୀ ଦାମୋଦର ବିହାରୀ ସମେତ ବହୁ ପୁଲିସ ଅଧିକାରୀଙ୍କ ସମେତ ବିଭିନ୍ନ ବିଦ୍ୟାଳୟ ଓ କଲେଜ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# କବିସୂର୍ଯ୍ୟ ବଡ଼ଖେମୁଣ୍ଡିର; ଜନ୍ମସ୍ଥାନକୁ ନେଇ ବିବାଦ ଅନୁଚିତ୍

ଦିଗପହଣ୍ଡି, ୧୬ ।୧୧(ସମିସ)



କବିସୂର୍ଯ୍ୟ ବଳଦେବ ରଥ ତତ୍କାଳୀନ ବଡ଼ଖେମୁଣ୍ଡିର ଯୋଗଜନ୍ମା ପୁରୁଷ। ସେ ୧୭୮୯ ମାଘ ମାସ ଶ୍ରୀପଞ୍ଚମୀ ତିଥିରେ ତତ୍କାଳୀନ ବଡ଼ଖେମୁଣ୍ଡିର ବିଜୟନଗର ଗଡ଼ରେ ଜନ୍ମଗ୍ରହଣ କରିଥିଲେ। ସେ ଜଣେ ରତି ଯୁଗୀୟ ଓଡ଼ିଶା କବି ଓ ଓଡ଼ିଶୀ ସଙ୍ଗୀତଜ୍ଞ ଥିଲେ। ତାଙ୍କ ଜନ୍ମସ୍ଥାନ ସମ୍ପର୍କରେ ଅଯଥା ଦ୍ୱନ୍ଦ୍ୱ ସୃଷ୍ଟି କରୁଥିବା ବ୍ୟକ୍ତି ଏଥିରୁ କ୍ଷାନ୍ତ ରୁହନ୍ତୁ ବୋଲି ଦିଗପହଣ୍ଡି ସ୍ଥିତ କବିସୂର୍ଯ୍ୟ ସ୍ମୃତି ପରିଷଦ ପକ୍ଷରୁ ନିବେଦନ କରାଯାଇଛି। ସ୍ଥାନୀୟ ଏନ୍ଏସି କାର୍ଯ୍ୟାଳୟ ସଭାଗୃହରେ ରବିବାର ଅପରାହ୍ନ ୨ ଟାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗବେଷକ ଡ଼.ଅନନ୍ତ ରାମ କର କୌଣ୍ଡନ୍ୟ, ଏନଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା, ସ୍ମୃତିକମିଟି ସଭାପତି ଆଇନଜୀବୀ ଅଶେଷ ନାଥ ମିଶ୍ର, ସମ୍ପାଦକ ତଥା ବରିଷ୍ଠ ଆସି ଆଇନଜୀବୀ କୁରେଶୁ ପଣ୍ଡା, ଆଇନଜୀବୀ ହର ପ୍ରସାଦ ରଥ, ଶିକ୍ଷକ କାଳୁ ଚରଣ ପାଣିଗ୍ରାହୀଙ୍କ ସମେତ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

୧୯୧୦ରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶିତ ପାଠ୍ୟ ପୁସ୍ତକ ସମେତ ଗଞ୍ଜାମ ଗେଜେଟିୟର, ୧୯୨୮ରେ ପ୍ରଥମଥର ତତ୍କାଳୀନ ଖଲ୍ଲିକୋଟ ରାଜା ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ଆର୍ଥିକ ଅନୁଦାନରେ ପ୍ରକାଶିତ କବିସୂର୍ଯ୍ୟ ଗ୍ରନ୍ଥାବଳୀ, ୧୯୪୭ରେ କୁଳମଣି ଦାସଙ୍କ ଲିଖିତ କବିସୂର୍ଯ୍ୟ ଗ୍ରନ୍ଥାବଳୀ, ତ୍ରିନାଥ ପଟ୍ଟନାୟକଙ୍କ ରଚିତ କବିସୂର୍ଯ୍ୟ ଗ୍ରନ୍ଥାବଳୀ, ଡ଼. ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ, ପଠାଣି ପଟ୍ଟନାୟକ, ଡ଼. ବାଉରୀ ବନ୍ଧୁ କରଙ୍କ ଓଡ଼ିଆ ସାହିତ୍ୟର ଇତିହାସ, ୧୯୬୩ରେ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ଓଡ଼ିଆ ଜ୍ଞାନକୋଷ, ରାଜ୍ୟ ଉଚ୍ଚ ଶିକ୍ଷା ସାଧନ କେନ୍ଦ୍ର ଓଡ଼ିଶା ପକ୍ଷରୁ ପ୍ରକାଶିତ କବିସୂର୍ଯ୍ୟ ବଳଦେବ ରଥ ପୁସ୍ତକ ଏବଂ ସ୍ୱର୍ଗତ ଗୋପାଳ ପ୍ରହରାଜଙ୍କ ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ଭଳି ୪୯ ଖଣ୍ଡ ପୁସ୍ତକରେ ଗୁଡିକରେ କବିସୂର୍ଯ୍ୟଙ୍କ ଜନ୍ମସ୍ଥାନ ତତ୍କାଳୀନ ବଡଖେମଣ୍ଡି ରାଜ୍ୟର ବିଜୟ ନଗରଗଡ଼ ଗ୍ରାମ ବୋଲି ପୂର୍ବରୁ ଉଲ୍ଲେଖ ହୋଇଥିବା ସ୍ଥଳେ ବର୍ତ୍ତମାନ ପୁଣି କିଛିବ୍ୟକ୍ତି ତାଙ୍କ ଜନ୍ମସ୍ଥାନକୁ ନେଇ କାହିଁକି ବିବାଦ ସୃଷ୍ଟି କରୁଛନ୍ତି ବୋଲି ସ୍ମୃତି ପରିଷଦର କାର୍ଯ୍ୟକର୍ତ୍ତା ବୃନ୍ଦ କ୍ଷୋଭ ପ୍ରକାଶ କରିଥିଲେ। କବିସୂର୍ଯ୍ୟ ସ୍ମୃତି ପରିଷଦ ପକ୍ଷରୁ କବିସୂର୍ଯ୍ୟ ଜନ୍ମସ୍ଥାନ ବଡ଼ଖେମୁଣ୍ଡି ବର୍ତ୍ତମାନର ଦିଗପହଣ୍ଡି ବ୍ଲକ ଖମାରୀ ଗାଁ ପଞ୍ଚାୟତ ବିଜୟନଗର ଗଡ଼ରେ ବୋଲି ଗଞ୍ଜାମ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ଙ୍କୁ ତଥ୍ୟ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଥିବା ନେଇ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଥିଲା। ଏହି ସମ୍ମିଳନୀରେ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# 'ଏଆଇ ପ୍ରାକୃତିକ ବୁଦ୍ଧିମତ୍ତାର ଅନୁପୂରକ ଏବଂ ପରିପୂରକ ହେଉ'

ବ୍ରହ୍ମପୁର,୧୬।୧୧(ସମିସ)



'କୃତ୍ରିମ ବୁଦ୍ଧିମତା ପ୍ରାକୃତିକ ବୁଦ୍ଧିମତାର ଅନୁପୂରକ ଏବଂ ପରିପୂରକ ହେଉ' ରାଜ୍ୟସ୍ତରୀୟ ଜାତୀୟ ପ୍ରେସ ଦିବସ ଅବସରରେମୁଖ୍ୟଅତିଥିଭାବେଯୋଗଦେଇ ଏଭଳି କହିଛନ୍ତି ବ୍ରହ୍ମପୁର ମହାନଗର ନିଗମର ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା। ବ୍ରହ୍ମପୁର ସହରର ପୁରୁଣା ଚର୍ଚ୍ଚ ପଡିଆରେ 'ବିଶ୍ୱାସ' ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବରେ ପୁରଷୋତ୍ତମପୁର ତହସିଲଦାର ବିନୋଦ କୁମାର ବେହେରା, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗୀୟ ମୁଖ୍ୟ ବନ୍ଦିତା କୁମାରୀ ପଣ୍ଡା ଏବଂ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ତଥା ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଭି.ରାଜେନ୍ଦ୍ର ରାଜୁ ଉପସ୍ଥିତ ରହି ଜାତୀୟ ପ୍ରେସ ଦିବସର ଗୁରୁତ୍ୱ ଏବଂ 'ଜନତାଙ୍କ ବିଶ୍ୱାସନୀୟତା ଓ ଗଣମାଧ୍ୟମ' ଶୀର୍ଷକ ଆଲୋଚନାଚକ୍ରରେ ଜଣେ ଗଣମାଧ୍ୟମ ପ୍ରତିନିଧି ବା ସାମ୍ବାଦିକ କିପରି ବିଭିନ୍ନ ସମୟରେ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥାଏ ସେନେଇ ଗୁରୁତ୍ୱାରୋପ କରିଥିଲେ। ବରିଷ୍ଠ ସାମ୍ବାଦିକ ସମୀର କୁମାର ଆଚାର୍ଯ୍ୟଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ବ୍ରହ୍ମପୁର ପ୍ରେସ୍ କ୍ଲବର ସଭାପତି ଅଶୋକ କୁମାର ବ୍ରହ୍ମା, ବ୍ରହ୍ମପୁର ପ୍ରେସ କ୍ଲବର ପୂର୍ବତନ ସଭାପତି ଗୋପାଳ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ତଥା ଦୈନିକ 'ସକାଳ' ଖବର କାଗଜର ସଂସ୍କରଣ ମୁଖ୍ୟ ଶକ୍ତିଧର ରାଜଗୁରୁ, ନାରାୟଣ ମହାକୁଡ, 'ବିଶ୍ୱାସ' ସଙ୍ଗଠନର ମୁଖ୍ୟ ଶଙ୍କର ଗୋସ୍ୱାମୀ ଏବଂ ପ୍ରେସ୍ କ୍ଲବର କୋଷାଧକ୍ଷ ଶିବ ନାରାୟଣ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ସହରର ବାଣିଜ୍ୟ ମେଳାରେ ଏଭଳି ଏକ ଖୋଲା ମଞ୍ଚରେ ଜାତୀୟ ପ୍ରେସ ଦିବସ ପାଳନ କରିବାକୁ ଅରୁପା ପକ୍ଷରୁ ସୁଯୋଗ ଦିଆଯାଇଥିବା ବେଳେ ସମସ୍ତଙ୍କୁ ସମ୍ମାନସୂଚକ ଉପହାର ପ୍ରଦାନ କରିଥିଲେ ଅରୂପାର ସିଇଓ ଅଶୋକ କୁମାର ସାହୁ। ଏଥିରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଗଣମାଧ୍ୟମ ବ୍ୟକ୍ତିବିଶେଷ, ବୁଦ୍ଧିଜୀବୀ ଉପସ୍ଥିତ ରହିଥିଲେ।

## ବ୍ରହ୍ମପୁର ପ୍ରେସ୍ କ୍ଲବ ପକ୍ଷରୁ 'ଜାତୀୟ ପ୍ରେସ୍ ଦିବସ'



ବ୍ରହ୍ମପୁର,୧୬।୧୧(ସମିସ): ଜାତୀୟ ପ୍ରେସ ଦିବସ ଅବସରରେ ପ୍ରେସ କ୍ଲବ ବ୍ରହ୍ମପୁର ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କ୍ଲବ କାର୍ଯ୍ୟାଳୟରେ ସଭାପତି ଅଶୋକ ବ୍ରହ୍ମାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ ଏବଂ ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ଉପ ଜିଲ୍ଲାପାଳ ଅବିନାଶ କୁମାର ଯୋଗ ଦେଇଥିଲେ। ଏଥିରେ ସମ୍ପାଦକ ପ୍ରହଲ୍ଲାଦ ସାହୁ, ଯୁଗ୍ମ ସମ୍ପାଦକ ଗୋପାଳ ରେଡ୍ଡୀ ଓ କୋଷାଧ୍ୟକ୍ଷ ଶିବ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ସାମ୍ବାଦିକମାନଙ୍କର ସମାଜ ପ୍ରତି ଦାୟିତ୍ୱ ଓ ପ୍ରତିମୁହୂର୍ତ୍ତରେ ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ଚାଲେଞ୍ଜ ଓ ତାହାର ସମାଧାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ତେବେ କୌଣସି ପରିସ୍ଥିତିରେ ମଧ୍ୟ ଗଣମାଧ୍ୟମ ସଂସ୍ଥା ଓ ତାହାର ପ୍ରତିନିଧିମାନେ ନୈତିକତାକୁ ଜଳାଞ୍ଜଳି ଦେବା ଉଚିତ ନୁହେଁ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ପ୍ରେସ କ୍ଲବର ବହୁ ସଦସ୍ୟ ତଥା ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ରହି ନିଜନିଜ ମତ ପ୍ରକାଶ କରିଥିଲେ।

## ଘର ଓ ଜମି ଭାଗ ଦେବାକୁ କହି ମହିଳାଙ୍କଠାରୁ ୧୩ ଲକ୍ଷ ଠକେଇ

ବ୍ରହ୍ମପୁର,୧୬।୧୧(ସମିସ): ଶଶୁର ଘରର ଜମି ଓ ଘରୁ ଭାଗ ଦେବାକୁ କହି ଜଣେ ମହିଳାଙ୍କ ଠାରୁ ୧୩ ଲକ୍ଷରୁ ଅଧିକ ଟଙ୍କା ଠକେଇ ହୋଇଛି। ଏ ନେଇ ଅଭିଯୋଗ ପରେ ବୈଦ୍ୟନାଥପୁର ଥାନାରେ ଏକ ମାମଲା ରୁଜୁ ହୋଇଛି।

ସୂଚନାପ୍ରକାରେ, ସୂର୍ଯ୍ୟନଗରରେ ରହୁଥିବା ଜଣେ ୩୯ ବର୍ଷୀୟ ମହିଳା ତାଙ୍କ ସ୍ୱାମୀ ଓ ଶାଶୁଘର ଦ୍ୱାରା ନିର୍ଯାତିତା ହେବା ପରେ କିଛିବର୍ଷ ହେବ ୧୩ ବର୍ଷର ଝିଅକୁ ଧରି ବାପ ଘରେ ରହୁଛନ୍ତି। ଏହି ସମୟରେ ମହିଳାଙ୍କ ଶ୍ୱଶୁର ଘର ଲୋକେ ତାଙ୍କୁ ରାୟଗଡା ଓ ଭୁବନେଶ୍ୱରରେ ଥିବା ଘର ଓ ଜମିରୁ ଭାଗ ଦେବେ ବୋଲି କହି ବିଭିନ୍ନ ସମୟରେ ଲକ୍ଷ ଲକ୍ଷ ଟଙ୍କା ନେଇଥିଲେ। ମହିଳାଙ୍କ ଶାଶୁ, ଶଶୁର, ନଣଦ ଓ ଦିଅର ସମେତ ଜଣେ ସମ୍ପର୍କୀୟ ମୋଟ ୧୩ ଲକ୍ଷ ୬୨ ହଜାର ଟଙ୍କା ନେଇଥିଲେ। ଏପରିକି ସବ୍‌ରେଜିଷ୍ଟ୍ରାର ଅଫିସକୁ ଯାଇ ତାଙ୍କ ଝିଅ ନାମରେ ଜମି ପଞ୍ଜୀକରଣ କରିବେ ବୋଲି କହି ନକଲି କାଗଜପତ୍ର ଧରାଇ ଦେଇଥିବା ଅଭିଯୋଗ ହୋଇଛି। ଠକେଇ ଓ ପ୍ରତାରଣାର ଶିକାର ହେବା ପରେ ମହିଳା ଜଣଙ୍କ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୁଲିସ ସଂପୃକ୍ତ ମହିଳାଙ୍କ ଶାଶୁ, ଶଶୁରଙ୍କ ସହ ଅନ୍ୟମାନଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ବେଆଇନ୍ ଗୋ-ଚାଲାଣ; ଗାଡ଼ି ଚାଳକ ଗିରଫ



ବେଲଗୁଣ୍ଠା,୧୬।୧୧(ସମିସ): ଗତ ସେପ୍ଟେମ୍ବର ମାସରେ ବେଲଗୁଣ୍ଠା ପୁଲିସ୍ ଗାଡ଼ି ମଟର ଯାଞ୍ଚ କରୁଥିବା ବେଳେ ଏକ ପିକ୍‌ଅପ୍ (ନଂ.ଓଡି୩୨ଜେ-୨୩୯୨) ରେ ବେଆଇନ୍ ଗୋରୁ ଚାଲାଣ ହେଉଥିବା ଜଣାପଡ଼ିଥିଲା। ଗାଡ଼ିଟିର ପିଛା କରି ଜଗନ୍ନାଥପ୍ରସାଦ ଛକ ନିକଟରେ ଅଟକାଇବା ସହିତ ସେଥିରେ ଅତି ଦୟନୀୟ ଅବସ୍ଥାରେ ଭର୍ତ୍ତି କରାଯାଇଥିବା ୧୨ଟି ଗାଈକୁ ଉଦ୍ଧାର କରିଥିଲେ। ଏନେଇ ଗାଡିକୁ ଜବତ କରାଯିବା ସହିତ ବେଲଗୁଣ୍ଠା ଥାନାରେ ଏକ ମାମଲା ରୁଜୁ କରାଯାଇଥିଲା ଓ ଏହି ମାମଲାରେ ଗାଡ଼ି ଚାଳକ ତଥା ସୋରଡା ଥାନା ଅନ୍ତର୍ଗତ କଦଳୀଝୋଲା ଗ୍ରାମର ଟୁଟୁ ନାୟକ (୨୬)କୁ ରବିବାର ପୁଲିସ୍ ଗିରଫ କରି କୋର୍ଟଚାଲାଣ କରିଛି।

## ବଜରଙ୍ଗ ଦଳର 'ରନ୍ ଫର୍ ହେଲ୍‌ଥ' କାର୍ଯ୍ୟକ୍ରମ



ବ୍ରହ୍ମପୁର,୧୬।୧୧(ସମିସ): ରବିବାର ସକାଳେ ବିଶ୍ୱହିନ୍ଦୁ ପରିଷଦ ବଜରଙ୍ଗ ଦଳ ତରଫରୁ ରନ୍ ଫର୍ ହେଲ୍‌ଥ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଧାୟକ କେ.ଅନୀଲ କୁମାର ଉଦଘାଟନ କରିଥିଲେ। ବଜରଙ୍ଗ ଦଳ ତରଫରୁ ଓଡିଶା ପ୍ରାନ୍ତ ବଜରଙ୍ଗ ଦଳ ଅଧିକାରୀ ଇଂ ରାଜୀବ ନେତ୍ର ଖାଡ଼ଙ୍ଗା ମଞ୍ଚ ସଂଚାଳନ କରିଥିଲେ। ଏହି ଗଣ ଦୌଡରେ ଓଡିଶା ପ୍ରାନ୍ତ ସହ ସମ୍ପାଦକ ଉମାଶଙ୍କର ଆଚାର୍ଯ୍ୟ, ଡ଼ଃ ଅରୁଣ ପ୍ରସାଦ ପାଢ଼ୀ, ପ୍ରାନ୍ତ କାର୍ଯ୍ୟକର୍ତ୍ତା ରମାକାନ୍ତ ରଥ, ଗଞ୍ଜାମ ଜିଲ୍ଲା ସଭାପତି ଅଜିତ କୁମାର ମହାପାତ୍ର, ଗଞ୍ଜାମ ଜିଲ୍ଲା ସଂଯୋଜକ ଅଜୟ ବେହେରା, ଗଞ୍ଜାମ ଜିଲ୍ଲା ସହ ସଂଯୋଜକ ରୋଶନ ଭାଇ, ବଳ ଉପାସନା ପ୍ରମୁଖ ଆଲୋକ ଭାଇ, ବ୍ରହ୍ମପୁର ନଗର ସଂଯୋଜକ ତୋଫା ଭାଇ, ସହ ସଂଯୋଜକ ସୀତାରାମ ଭାଇ ଏବଂ ୧୫୦୦ରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଯୁବ ସମାଜକୁ ନିଶାରୁ ଦୂରେଇ ରଖିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା।

## ଜଳିଗଲା ୩ ବଖରା
# ୧୫ ଲକ୍ଷ ଟଙ୍କା ସହ ଅଳଙ୍କାର ପାଉଁଶ



ଖଲ୍ଲିକୋଟ,୧୬।୧୧(ସମିସ): ଶନିବାର ବିଳମ୍ବିତ ରାତିରେ ଖଲ୍ଲିକୋଟ ଧରାକୋଟ ସାହିରେ ଦିଲ୍ଲୀପ ଖୁଣ୍ଟିଆଙ୍କ ଘରେ ନିଆଁ ଲାଗି ୩ ବଖରା ଘର ସହିତ ନଗଦ ୧୫ ଲକ୍ଷ ଟଙ୍କା ଓ ବ୍ୟାପକ ଧନ ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଛି। ଶୁକ୍ରବାର ରାତିରେ ଦିଲୀପଙ୍କ ପରିବାର ଖାଇ ପିଇ ଶୋଇଥିବା ବେଳେ ସର୍ଟସର୍କିଟ ଯୋଗୁ ଘରେ ନିଆଁ ଲାଗି ଯାଇଥିଲା। ରାତି ପ୍ରାୟ ୨ଟାରେ ବିଦ୍ୟୁତ ଚାଲିଯିବାରୁ ଦିଲ୍ଲୀପ ଉଠି ପଛ ଘର ପଟୁ ନିଆଁ ବାହାରୁଥିବା ଦେଖି ପରିବାରର ସମସ୍ତ ସଦସ୍ୟଙ୍କୁ ପ୍ରାଣ ବିକଳରେ ବାହାରକୁ ଦୌଡ଼ି ପଳାଇଥିଲେ। ନିଆଁର ବେଗ ଏତେ ପ୍ରଖର ଥିଲା ଯେ, ଚାହିଁ ଚାହୁଁ ସବୁକିଛି ଜଳି ପାଉଁଶ ହୋଇଯାଇଥିଲା। ସିନ୍ଦୁକ, ଆଲମିରା, ଖଟ, ଫ୍ରିଜ୍ ଘରର ବହୁ ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ଏମିତିକି ଜାଗା କିଣିବା ପାଇଁ ରଖିଥିବା ନଗଦ ୧୫ ଲକ୍ଷ ଟଙ୍କା ପୋଡି ପାଉଁଶ ହୋଇଯାଇଥିଲା। ଖଲ୍ଲିକୋଟ ଅଗ୍ନିଶମ ବାହିନୀ ସହ ରମ୍ଭାରୁ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

ସେହିପରି ପଥରା କଣ୍ଡରାପଡ଼ା ଗାଁରେ ଅଗ୍ନିକାଣ୍ଡ ଘଟି ଦୁଇ ପରିବାରର ଦୁଇ ବଖରା ଘର ପୋଡ଼ି ଛାରଖାର ହୋଇଯାଇଛି। ରବିବାର ପ୍ରାୟ ସାଢ଼େ ୧୨ଟାରେ କଣ୍ଡରାପଡ଼ା ଗାଁର ଲୋକନାଥ ଡାଙ୍ଗୁଆ ଓ ଚିନ୍ତାମଣି ବେହେରାଙ୍କ ଘରେ ହଠାତ ନିଆଁ ଲାଗି ଯାଇଥିଲା। ଏଥିରେ ଦୁଇ ପରିବାରର ଦୁଇ ବଖରା ଘର ପୋଡ଼ି ଛାରଖାର ହୋଇଯାଇ ଥିବା ବେଳେ ଘରେ ଥିବା ଟଙ୍କା ଓ ଆସବାବପତ୍ର ପୋଡ଼ି ଯାଇଛି। ଅଗ୍ନିଶମ ବାହିନୀ ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ।

## ଜିଲ୍ଲା ନାଟ୍ୟ ନିର୍ଦ୍ଦେଶକ ସଂଘର ଦାବି
# ଦଣ୍ଡନାଚରେ ସାମାଜିକ ନାଟକକୁ ଅନୁମତି ଦିଆଯାଉ

**ଦିଗପହଣ୍ଡିରେ ରାମାୟଣ ନାଟକ ମଞ୍ଚରେ ଅଶ୍ଳୀଳତାକୁ ଘୋର ବିରୋଧ**

ବ୍ରହ୍ମପୁର,୧୬।୧୧(ସମିସ): ଗଞ୍ଜାମରେ ବଢୁଛି ଅପସଂସ୍କୃତି। ଲକ୍ଷ ଲକ୍ଷ ଟଙ୍କା ଦେଇ ରାଜ୍ୟ ତଥା ରାଜ୍ୟ ବାହାରୁ ଆଇଟମ ଗାର୍ଲଙ୍କୁ ଆଣି ମଞ୍ଚରେ ଚାଲିଛି ଉଲଗ୍ନ ନୃତ୍ୟ। ସବୁ ସୀମା ଟପିଛି ଦୁଇଦିନ ପୂର୍ବେ ଦିଗପହଣ୍ଡି ଥାନା ଅନ୍ତର୍ଗତ ମୌଳାଭଞ୍ଜା ଠାରେ ଆୟୋଜିତ ଯାତ୍ରାରେ ରାମାୟଣ ନାଟକ ମଞ୍ଚରେ ସୀତା ହରଣ ଦୃଶ୍ୟରେ ରାବଣର ସୀତା ସହିତ ଉତ୍ତେଜିତ ଅଭିନୟ, ସୀତା ଚରିତ୍ରକୁ ଆଶାଳୀନ ସ୍ପର୍ଶ। ଯାହା ସଭ୍ୟ ସମାଜ ପାଇଁ ଅସହ୍ୟ ହୋଇପଡିଛି। ଏଭଳି ଦୃଶ୍ୟ ଭାଇରଲ ହେବା ପରେ କଳାକାରମାନେ ତୀବ୍ର ନିନ୍ଦା କରିଛନ୍ତି। ସର୍ବଭାରତୀୟ ନାଟ୍ୟ ପରିଷଦର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ଗଞ୍ଜାମ ଜିଲ୍ଲା ନାଟ୍ୟ ନିର୍ଦ୍ଦେଶକ ସଂଘର ସଭାପତି ରାଜଗୋପାଳ ପାଢ଼ୀ ଘଟଣାକୁ ଘୋର ନିନ୍ଦା କରିଛନ୍ତି। ହିନ୍ଦୁ ଧର୍ମଶାସ୍ତ୍ରରେ ରାମାୟଣ ଓ ମହାଭାରତ ଭଳି ଗ୍ରନ୍ଥ ସମସ୍ତଙ୍କ ପାଇଁ ଆଦର୍ଶ ରୂପେ ପରିଗଣିତ ହେଉଥିବା ବେଳେ ଏହାକୁ କଦର୍ଯ୍ୟ କରି ସତୀ ସୀତାଙ୍କ ଚରିତ୍ରକୁ କଳୁଷିତ କରିବା ସମଗ୍ର ହିନ୍ଦୁ ଜାତି ପାଇଁ ଅଶୋଭନୀୟ ବୋଲି କହିବା ସହ ତୁରନ୍ତ ଆୟୋଜକ ଓ କଳାକାରଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ରାଜଗୋପାଳ ପାଢୀ ଦାବି କରିଛନ୍ତି।

ଅନ୍ୟପକ୍ଷରେ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଦଣ୍ଡନାଚରେ ଅପସଂସ୍କୃତିକୁ ରୋକିବା ପାଇଁ ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇଛି। ଯେଉଁଥିରେ ସାମାଜିକ ନାଟକ ପରିବେଷଣ କରି ନିଜର ଓ ନିଜ ପରିବାରର ପେଟ ପୋଷୁଥିବା କଳାକାରଙ୍କ କଥାକୁ ପ୍ରଶାସନ ଭୁଲି କେବଳ ଦଣ୍ଡନାଚରେ ପାରମ୍ପରିକ ନୃତ୍ୟ କରିବାକୁ କୁହାଯାଇଛି। ଏଭଳି କ୍ଷେତ୍ରରେଅପସଂସ୍କୃତିବନ୍ଦ ପାଇଁନିର୍ଦ୍ଦିଷ୍ଟନିୟମାବଳୀଆଣିବାସହିତ ସଂସ୍କୃତିକୁ କଦର୍ଯ୍ୟ କରୁଥିବା ବ୍ୟକ୍ତି ଓ ସଂସ୍ଥା ବିରୁଦ୍ଧରେ ଦୃଢ଼ ତଥା ଆଇନଗତକାର୍ଯ୍ୟାନୁଷ୍ଠାନଗ୍ରହଣକରିବାକୁଶ୍ରୀପାଢ଼ୀଦାବିକରିଛନ୍ତି।

## ଗ୍ରାହକଙ୍କ ଠାରୁ ଆଦାୟ କିସ୍ତି ଟଙ୍କା ହଡ଼ପ
# ଘରୋଇ ବ୍ୟାଙ୍କର ୨ କର୍ମଚାରୀଙ୍କ ନାଁରେ ମାମଲା

ବ୍ରହ୍ମପୁର,୧୬।୧୧(ସମିସ): ଏକ ଘରୋଇ ବ୍ୟାଙ୍କର ୨ ଜଣ କର୍ମଚାରୀ ଗ୍ରାହକଙ୍କ ଠାରୁ ଆଦାୟ କରିଥିବା କିସ୍ତି ଟଙ୍କା ହଡ଼ପ କରିଥିବା ଅଭିଯୋଗ ହୋଇଛି। ଏହି ୨ ଜଣ କର୍ମଚାରୀ ଗ୍ରାହକଙ୍କ ଠାରୁ ଲକ୍ଷାଧିକ ଟଙ୍କା ଆଦାୟ କରିବା ପରେ କମ୍ପାନୀ ଆକାଉଣ୍ଟରେ ଜମା ନକରି ନିଜେ ଖର୍ଚ୍ଚ କରି ଦେଇଛନ୍ତି।

ସୂଚନାପ୍ରକାରେ, ବୈଦ୍ୟନାଥପୁର ଥାନା ଅଞ୍ଚଳରେ ଭେକ୍ଟର ଫାଇନାନ୍ସ ନାମରେ ଏକ ଘରୋଇ ଆର୍ଥିକ ନେଣଦେଣ ସଂସ୍ଥା ରହିଛି। ଏହି ସଂସ୍ଥା ଗ୍ରାହକଙ୍କୁ ଋଣ ପ୍ରଦାନ କରିବା ପରେ ମାସିକ କିସ୍ତି ହିସାବରେ ଟଙ୍କା ଆଦାୟ କରୁଛି। ଏଥିରେ ନୟାଗଡ଼ ଜିଲ୍ଲା ପଦ୍ମଦେଇପୁର ଗ୍ରାମର ମନୋଜ ପ୍ରଧାନ ଓ କୁରେଇସିଙ୍ଗି ଗ୍ରାମର ମକର ଭୂୟାଁ ଫିଲ୍ଡ ଅଫିସର ଭାବେ କାର୍ଯ୍ୟ କରୁଥିଲେ। ଏହି ୨ ଜଣ ପ୍ରତ୍ୟେକ ଦିନ ଗ୍ରାହକଙ୍କ ଠାରୁ କିସ୍ତିଆଦାୟକରିବା ପରେବ୍ୟାଙ୍କର ଆକାଉଣ୍ଟରେ ଜମା କରୁଥିଲେ। କିଛିମାସ ତଳେ ବ୍ୟାଙ୍କର ଅଡିଟ ରିପୋର୍ଟ ଆସିବା ପରେ ମନୋଜଙ୍କ ବ୍ୟାଙ୍କର ଆକାଉଣ୍ଟରେ ୧ ଲକ୍ଷ ୯୩୦୦ ଟଙ୍କା କମ ରହିଥିବା ବେଳେ ମକରଙ୍କ ଆକାଉଣ୍ଟରେ ୩୮ ହଜାର ୪୨୦ ଟଙ୍କା ନିଅଣ୍ଟ ଦର୍ଶାଯାଇଥିଲା। ପ୍ରାୟ ୧ ଲକ୍ଷ ୫୦ ହଜାର ଟଙ୍କା ବ୍ୟାଙ୍କର ଆକାଉଣ୍ଟରେ ଜମା ହୋଇନଥିବା ଜଣାପଡିବା ପରେ ବ୍ୟାଙ୍କର ତନାଘନା କରାଯାଇଥିଲା। ଯାଞ୍ଚ ପରେ ଉଭୟ ମନୋଜ ଓ ମକର ଗ୍ରାହକଙ୍କ ଠାରୁ ମାସିକ କିସ୍ତି ଆଦାୟ କରିଥିଲେ ମଧ୍ୟ ତାହାକୁ ବ୍ୟାଙ୍କର ଆକାଉଣ୍ଟରେ ଜମା ନକରି ନିଜେ ହଡପ କରିଥିବା ସ୍ପଷ୍ଟ ହୋଇଥିଲା। ଏ ନେଇ ଉଭୟଙ୍କୁ ବ୍ୟାଙ୍କ କର୍ତ୍ତୃପକ୍ଷ ପଚରାଉଚରା କରିଥିଲେ ମଧ୍ୟ ଉଭୟ ସନ୍ତୋଷଜନକ ଉତ୍ତର ଦେଇ ନଥିଲେ କିମ୍ବା ଟଙ୍କା ଫେରସ୍ତ କରିନଥିଲେ। ଏହାପରେ ବ୍ୟାଙ୍କର ଶାଖା ପରିଚାଳକ ରାଜେଶ କୁମାର ହାତି ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

## ● ଜିଲ୍ଲାଜଜ୍‌ଙ୍କ ଦିଗପହଣ୍ଡି ଗସ୍ତ
# ନିର୍ମାଣାଧୀନ କୋର୍ଟ କୋଠା ବୁଲି ଦେଖିଲେ



ଦିଗପହଣ୍ଡି,୧୬।୧୧(ସମିସ): ଗଞ୍ଜାମ ଜିଲ୍ଲା ଦୌରାଜଜ୍ ଅଶାନ୍ତ କୁମାର ଦାସ ଶନିବାର ଦିଗପହଣ୍ଡି ଗସ୍ତରେ ଆସି ପୁଡ଼ାମାରୀ ରାସ୍ତାରେ ନିର୍ମାଣାଧୀନ ଦିଗପହଣ୍ଡି କୋର୍ଟ କୋଠା ବୁଲି ଦେଖିଥିଲେ। ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଇଂ. ସୋମନାଥ ତ୍ରିପାଠୀ, ନିର୍ବାହୀ ଯନ୍ତ୍ରୀ ଇଂ.ତାପସ କୁମାର ଦାସ , ସହକାରୀ ଯନ୍ତ୍ରୀ ଇଂ.ମନୋଜ କୁମାର ମହାରଣା ପ୍ରମୁଖ ଉପସ୍ଥିତ ରହି କୋର୍ଟ କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଦିଗପହଣ୍ଡି ସବ୍‌ଜଜ ମହାଶ୍ୱେତା ପରିଜା, ଜେଏମଏଫସି ନୀଳିମା ଷଡ଼ଙ୍ଗୀ, ଖେମୁଣ୍ଡି ଓକିଲ ସଂଘର ସଭାପତି ହୃଦୟ ରଞ୍ଜନ ମେକାପ, ସମ୍ପାଦକ ପ୍ରଦୀପ କୁମାର ନାୟକ, ପ୍ରାକ୍ତନ ସଭାପତି ହରପ୍ରସାଦ ରଥ, ପରେଶ ଚନ୍ଦ୍ର ରଥ, ଚନ୍ଦ୍ରଧ୍ୱଜ ସିଂହ, ସରକାରୀ ଓକିଲ ନକୁଳ ପ୍ରଧାନ, ଆଇନଜୀବୀ ବିଜୟ କୁମାର ପ୍ରଧାନ, ଟୁକୁନା ପ୍ରଧାନଙ୍କ ସମେତ ଠିକାଦାର ଅନୁପ କୁମାର ଦାସ, ସରୋଜ କୁମାର ପାତ୍ର ଏବଂ ବିଚାର ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ। ଜିଲ୍ଲା ଜଜ୍ ଶ୍ରୀ ଦାସ ବାକିଥିବା କାମକୁ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ କହିଥିଲେ। ଏହା ପୂର୍ବରୁ ଜିଲ୍ଲାଜଜ୍ ଶ୍ରୀ ଦାସ ଦିଗପହଣ୍ଡି ସବଜେଲ୍ ପରିଦର୍ଶନ କରି ଅନ୍ତେବାସୀଙ୍କ ସୁବିଧା ଅସୁବିଧା ବିଷୟରେ ପଚାରି ବୁଝିଥିଲେ।

## ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ବୈଠକ



ବ୍ରହ୍ମପୁର,୧୬।୧୧(ସମିସ): ନିଖିଳ ଉତ୍କଳ ପ୍ରାଥମିକ ଫେଡ଼ରେସନ ଓଡ଼ିଶା ପକ୍ଷରୁ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ରବିବାର ବ୍ରହ୍ମପୁର ଉତ୍କଳ ଆଶ୍ରମ ରୋଡ଼ ସ୍ଥିତ ଅଭିଷେକ କଲ୍ୟାଣ ମଣ୍ଡପରେ ୧୨ଟି ଦାବି ତଥା ଆରଏସିପି ୪୨୦୦ ଗ୍ରେଡପେ'ରୁ ବଞ୍ଚିତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପ୍ରଦାନ, ପଦନ୍ନୋତି ତୁରନ୍ତ କାର୍ଯ୍ୟକରିତା, ୟୁଏସଏ ପୋର୍ଟାଲକୁ ପ୍ରତ୍ୟାହାର, ଏନଏସପି ଶିକ୍ଷକଙ୍କ ମୂଳ ନିଯୁକ୍ତି ଠାରୁ ନ୍ୟାସନାଲ ଇନକ୍ରିମେଣ୍ଟ ପ୍ରଦାନ, ଓଟିଇଟି ୨୦୧୧ ପୂର୍ବରୁ ନିଯୁକ୍ତି ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅବ୍ୟାହତ, ସମସ୍ତ ଶିକ୍ଷକଙ୍କ ପାଇଁ ଓପିଏସ୍ ଲାଗୁ, ଶିକ୍ଷକଙ୍କୁ କ୍ୟାଡରଭୁକ୍ତ, ପିଟିଆଇ ଶିକ୍ଷକଙ୍କ ପାଇଁ ନିର୍ଦ୍ଦିଷ୍ଟ ପଲିସି, ସ୍କେମାଟିକ ଶିକ୍ଷକ ମାନଙ୍କୁ ନିୟମିତ ନିମନ୍ତେ ନିର୍ଦ୍ଦେଶ, ସମସ୍ତ ଶିକ୍ଷକଙ୍କୁ ସ୍ୱାସ୍ଥ୍ୟ ବୀମା ଯୋଗାଇବା, ବହୁବିଧ ଅଣଶିକ୍ଷକ କାର୍ଯ୍ୟକ୍ରମରୁ ଶିକ୍ଷକଙ୍କୁ ଅବ୍ୟାହିତ ଦେବା ଓ ସମସ୍ତ ବର୍ଗର ଶିକ୍ଷକଙ୍କୁ ନେଇ ପ୍ରାଥମିକ ଶିକ୍ଷାସ୍ତରରେ ସଂଘ ଗଠନ ନିମନ୍ତେ ଆହ୍ୱାନ ପ୍ରଦାନକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ମୁଖ୍ୟଅତିଥିଭାବରେଯୋଗଦେଇଥିବାବେଳେ ରାଜ୍ୟ ସଭାପତି ରମଣୀ ରଞ୍ଜନ ତ୍ରିପାଠୀ, ରାଜ୍ୟ ମହାସଚିବ ଜ୍ୟୋତି ରଞ୍ଜନ ଦାସ, ଅମିୟ କୁମାର ଦାସ, ଉପଦେଷ୍ଟା, ଭ୍ରମରବର ରାଉତ, ଉପଦେଷ୍ଟା, ଗୋବିନ୍ଦ ଚନ୍ଦ୍ର ସୁଆର, ଗଞ୍ଜାମ ଜିଲ୍ଲା ସଭାପତି ସାରଥି ପାତ୍ର, ସଂଯୋଜକ ଦେବବ୍ରତ ପଟ୍ଟନାୟକ, ଉପସଭାପତି ଧର୍ମରାଜ ରେଡ଼ି, ଡ଼ି ଗୌରି ତଥା ରାଜ୍ୟ ଓ ଜିଲ୍ଲାର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମାଗମ ହୋଇଥିଲା। ରାଜ୍ୟ ସଂଘର କୋଷଧକ୍ଷ ସନାତନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଆନ୍ତଃଜିଲ୍ଲା ସିନିଅର ପୁରୁଷ ଓ ମହିଳା ହ୍ୟାଣ୍ଡବଲ ପ୍ରତିଯୋଗିତା
# ଫାଇନାଲ୍‌ରେ ଗଞ୍ଜାମ ପୁରୁଷ ଓ ମହିଳା ଦଳ





ବ୍ରହ୍ମପୁର,୧୬।୧୧(ସମିସ): ପୁରୀ ହ୍ୟାଣ୍ଡବଲ ପଡିଆରେ ଚାଲିଥିବା ୩୮ତମ ଆନ୍ତଃଜିଲ୍ଲା ପୁରୁଷ ଓ ମହିଳା ହ୍ୟାଣ୍ଡବଲ ପ୍ରତିଯୋଗିତାର ଫାଇନାଲରେ ଗଞ୍ଜାମ ଦଳ ପ୍ରବେଶ କରିଛି। ପୁରୁଷ ଦଳ ସେମିଫାଇନାଲରେ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଯାଜପୁରକୁ (୧୮-୧୫)ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ପୂର୍ବରୁ ଗଞ୍ଜାମର ଏହି ପୁରୁଷ ଦଳ ଲିଗ ପର୍ଯ୍ୟାୟରେ ଦେଓଗଡ, ବଲାଙ୍ଗୀର, ରାୟଗଡା ଓ ବୌଦ୍ଧ ଜିଲ୍ଲାକୁ ଏକତରଫା ଭାବେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲା। ସେହିଭଳି ଗଞ୍ଜାମ ମହିଳା ଦଳ ଢେଙ୍କାନାଳ ଓ ଭୁବନେଶ୍ୱରକୁ ପରାସ୍ତ କରି ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଥିଲା। ଉଭୟ ପୁରୁଷ ଓ ମହିଳା ଦଳ ଚମତ୍କାର ଖେଳ ପ୍ରଦର୍ଶନ କରି ଫାଇନାଲରେ ପ୍ରବେଶ କରିଛନ୍ତି। ଫାଇନାଲରେ ମଧ୍ୟ ଭଲ ପ୍ରଦର୍ଶନ କରି ଚାମ୍ପିଆନ ହେବେ ବୋଲି ଆଶା ରଖିଛନ୍ତି ଗଞ୍ଜାମ ଜିଲ୍ଲା ହ୍ୟାଣ୍ଡବଲ ସଂଘର କାର୍ଯ୍ୟକାରୀ ସଭାପତି ତଥା ଆଇନଜୀବୀ ଅଶୋକ କୁମାର ଶୁକ୍ଳା, ସମ୍ପାଦକ ସୁରେଶ ଚନ୍ଦ୍ର ପାଢୀ, ସାଙ୍ଗଠନିକ ସମ୍ପାଦକ ଶକ୍ତିଧର ରାଜଗୁରୁ, ଉପ ସଭାପତି ରାଜେଶ କୁମାର ସାହୁ, କୋଷାଧକ୍ଷ ଡାକ୍ତର ମନୋଜ କୁମାର ପାତ୍ର ଓ ଏନଆଇଏସ କୋଚ ପ୍ରଶାନ୍ତ କୁମାର ରଥ ଆଶାବ୍ୟକ୍ତ କରିଛନ୍ତି। ଦଳଗତ ଭାବେ ସଫଳତା ପାଇଁ ଉଭୟ ଦଳର ଖେଳାଳୀ ଓ ଅଫିସିଆଲଙ୍କୁ ଜିଲ୍ଲା ସଂଘର ସମସ୍ତ କର୍ମକର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



ସ୍ୱାଧୀନ ଭାରତର ଅନନ୍ୟ ଉପଲବ୍ଧି ମଧ୍ୟରୁ ମୁକ୍ତ ଗଣମାଧ୍ୟମ ଅନ୍ୟତମ।
-ସବାନା ଆଜ୍‌ମୀ

## ଅର୍ଥନୀତି ଉପରେ ରାଜନୀତି ବୋଝ

କ୍ଷମତା ହାସଲ ପାଇଁ ନିର୍ବାଚନ ରଣନୀତିର ଏକ ଅପରିହାର୍ଯ୍ୟ ଅଙ୍ଗ ପାଲଟିଥିବା ଫ୍ରିବିଜ୍‌'ବା 'ମାଗଣା' ନାମକ ଅସ୍ତ୍ରଟିର ସୁଦୂରପ୍ରସାରୀ ପ୍ରଭାବ ସାମଗ୍ରିକ ଭାବେ ଦେଶର ଅର୍ଥନୀତି ଉପରେ ପଡୁଥିବା ଜାଣି ମଧ୍ୟ ରାଜନୈତିକ ଦଳମାନଙ୍କର ସେଥିପ୍ରତି ଭ୍ରୂକ୍ଷେପ ନାହିଁ। ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଏକାଧିକ ଥର ଏ ବିଷୟରେ ରାଜନୈତିକ ଦଳମାନଙ୍କୁ ସଚେତନ କରିବା ସହିତ ଅସନ୍ତୋଷ ପ୍ରକାଶ କରିଛନ୍ତି। କିନ୍ତୁ ଭାରତୀୟ ରାଜନୀତିରେ ଏଭଳି ଅବାଞ୍ଛିତ ଧାରା ହ୍ରାସ ପାଇବା ବଦଳରେ ବଢ଼ି ଚାଲିଛି। ସଦ୍ୟସମାପ୍ତ ବିହାର ନିର୍ବାଚନରେ ମଧ୍ୟ ମହିଳା ଉଦ୍ୟୋଗୀଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ଅଗ୍ରୀମ ହସ୍ତାନ୍ତର ନିର୍ବାଚନ ଫଳକୁ ନିର୍ଣ୍ଣାୟକ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ରାଜନୈତିକ ବିଶାରଦମାନେ ମତ ଦେଇଛନ୍ତି। ଏହାର ବୋଝକୁ ଗରିବ ରାଜ୍ୟ ବିହାରର ଅର୍ଥନୀତି କେତେ ସହିପାରିବ ତାହା ଭିନ୍ନ କଥା।

ବିଭିନ୍ନ ନାମରେ ନଗଦ ପ୍ରତ୍ୟକ୍ଷ ହସ୍ତାନ୍ତର ରଣକୌଶଳଟି ମଧ୍ୟପ୍ରଦେଶରେ ସଫଳ ସାବ୍ୟସ୍ତ ହେବା ପରେ ଓଡ଼ିଶା, ମହାରାଷ୍ଟ୍ର, ବିହାର ସମେତ ଅନ୍ୟ କେତେକ ରାଜ୍ୟରେ ପ୍ରୟୋଗ କରି ଶାସକ ଦଳ ଆଶାତୀତ ସଫଳତା ହାସଲ କରିଚାଲିଛନ୍ତି। ଯୋଗ୍ୟ ମହିଳା ହିତାଧିକାରୀମାନଙ୍କୁ ଏଭଳି ନଗଦ ହସ୍ତାନ୍ତର ଯୋଜନା ମାଧ୍ୟମରେ ଜାମ୍ମୁକାଶ୍ମୀରରେ ସର୍ବାଧିକ ମାସିକ ୫ ହଜାର ଟଙ୍କା ଲେଖାଏଁ ମିଳୁଥିବା ବେଳେ ହିମାଚଳ ପ୍ରଦେଶ ଓ ଆନ୍ଧ୍ରପ୍ରଦେଶରେ ମାସିକ ୧୫୦୦ ଟଙ୍କା, ପଞ୍ଜାବରେ ୧୧୦୦ ଟଙ୍କା, ଛତିଶଗଡ଼ ଓ ପଶ୍ଚିମବଙ୍ଗ ଓ ତାମିଲନାଡୁରେ ୧୦୦୦ ଟଙ୍କା, ଦିଲ୍ଲୀ, ମହାରାଷ୍ଟ୍ର ଓ ହରିଆଣାରେ ୨୧୦୦ ଟଙ୍କା, ଝାଡ଼ଖଣ୍ଡ ଓ ତେଲଙ୍ଗାନାରେ ୨୫୦୦ ଟଙ୍କା, ମଧ୍ୟପ୍ରଦେଶ ଓ ଆସାମରେ ୧୨୫୦ ଟଙ୍କା, କର୍ଣ୍ଣାଟକରେ ୨୦୦୦ ଟଙ୍କା ଓ ଓଡ଼ିଶାରେ ସର୍ବନିମ୍ନ ୮୩୩ ଟଙ୍କା ମିଳୁଛି। ଅପରପକ୍ଷରେ ଦେଶର ଜିଡିପିରେ ୯୦% ଅବଦାନ ରଖୁଥିବା ଉପରୋକ୍ତ ରାଜ୍ୟଗୁଡ଼ିକର ଋଣ ବୋଝ ସାମଗ୍ରିକ ଭାବେ ୨୮ ଲକ୍ଷ କୋଟି ଟଙ୍କାରୁ ଅଧିକ। ସେମାନଙ୍କର ମୋଟ ବିତ୍ତୀୟ ନିଅଣ୍ଟ ପରିମାଣ ୨୦୨୪-୨୫ ଆର୍ଥିକ ବର୍ଷ ସୁଦ୍ଧା ୯.୫ ଲକ୍ଷ କୋଟି ଏବଂ ରାଜସ୍ୱ ନିଅଣ୍ଟ ୨.୧ ଲକ୍ଷ କୋଟି ଟଙ୍କାରୁ ଅଧିକ।

ଋଣଂ କୃତ୍ୱା ଘୃତଂ ପିବେତ୍ ନୀତି ହିଁ ଏବେ ରାଜନୀତିର ମୂଳମନ୍ତ୍ର ହୋଇଥିବାରୁ 'ନୋଟ୍ ବଦଳରେ ଭୋଟ'ର ଏହି ପରିବର୍ତ୍ତିତ ଧାରା ବିଭିନ୍ନ ଯୋଜନାର ମୁଖା ପିନ୍ଧି ଏକପ୍ରକାର ବୈଧ ହୋଇସାରିଛି। ତେଣୁ ବିନା ଫ୍ରିବିଜ୍ ଘୋଷଣାରେ କେହି ନିର୍ବାଚନ ଜିତିପାରିବେ ନାହିଁ କି କ୍ଷମତାକୁ ଆସିବା ପରେ ଏଭଳି ଅବାଞ୍ଛିତ ପରମ୍ପରାର ସମ୍ପୂର୍ଣ୍ଣ ବିଲୋପ ପାଇଁ ସଂସ୍କାର ଆଣିପାରିବେ ନାହିଁ। ଭାରତୀୟ ଗଣତନ୍ତ୍ର ଏହି ଫ୍ରିବିଜ୍ ରୂପକ ଅସ୍ତ୍ରରେ କ୍ଷତାକ୍ତ ହୋଇଚାଲିଥିବ ଏବଂ ଭାରତୀୟ ଅର୍ଥନୀତି ଏହି ବୋଝ ମୁଣ୍ଡାଇ ଚାଲିଥିବ। ଏଥିରୁ ନିସ୍ତାର ସମ୍ଭାବନା ସୁଦୂର ଭବିଷ୍ୟତରେ ମଧ୍ୟ ଦେଖାଯାଉନାହିଁ।

## ଯକ୍ଷ୍ମା-ସମସ୍ୟା ଜଟିଳ

ଯକ୍ଷ୍ମା ଭଳି ଧୀର ଅଥଚ ପ୍ରାଣଘାତୀ ସଂକ୍ରମଣରେ ପ୍ରତିବର୍ଷ ଯେତିକି ଲୋକ ଭାରତରେ ମୃତ୍ୟୁମୁଖରେ ପଡୁଛନ୍ତି ତାହା କରୋନା ମହାମାରୀ ଜନିତ ମୃତ୍ୟୁ ସଂଖ୍ୟାଠାରୁ ମଧ୍ୟ ଅଧିକ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ପ୍ରକାଶିତ ସଦ୍ୟତମ(ଗତ ୧୨ ତାରିଖ) ବିଶ୍ୱ ଯକ୍ଷ୍ମା ରିପୋର୍ଟ ୨୦୨୫ର ତଥ୍ୟାନୁଯାୟୀ ଗତବର୍ଷ ଭାରତରେ ୨୭ ଲକ୍ଷ ୧୦ ହଜାର ରୋଗୀ ଥିବା ବେଳେ ୩ ଲକ୍ଷ ରୋଗୀ ପ୍ରାଣ ହରାଇଛନ୍ତି। ରିପୋର୍ଟ ଅନୁଯାୟୀ ଏବେ ବିଶ୍ୱର ଏକ-ଚତୁର୍ଥାଂଶରୁ ଅଧିକ ଯକ୍ଷ୍ମା ରୋଗୀ ଭାରତରେ ଅଛନ୍ତି, ଯାହା ଦେଶର ଜନସ୍ୱାସ୍ଥ୍ୟ ପରିଚାଳନାରେ ବ୍ୟାପକ ପ୍ରତିବନ୍ଧକ ସୃଷ୍ଟି କରୁଛି।

ପ୍ରତିବର୍ଷ ମାର୍ଚ୍ଚ ମାସରେ କେନ୍ଦ୍ର ସରକାର ଯକ୍ଷ୍ମା ରୋଗ ସମ୍ପର୍କିତ ତଥ୍ୟ ଜାରି କରୁଥିଲେ ମଧ୍ୟ ଚଳିତ ବର୍ଷ ଏଥିରୁ ଦୂରେଇ ରହିବାର କାରଣ ଜଣାପଡ଼ିନାହିଁ। ୨୦୩୦ସୁଦ୍ଧା ବିଶ୍ୱରେ ଯକ୍ଷ୍ମାକୁ ସମ୍ପୂର୍ଣ୍ଣ ବିଲୋପ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଲକ୍ଷ୍ୟ ଧାର୍ଯ୍ୟ କରିଥିବା ବେଳେ ୨୦୨୫ ସୁଦ୍ଧା 'ଯକ୍ଷ୍ମାମୁକ୍ତ ଭାରତ' ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। 'ଯକ୍ଷ୍ମାମୁକ୍ତ ଭାରତ' ପାଇଁ ଗଠିତ ଆଇପିସି ପ୍ରକଳ୍ପ ୧୦ଟି ରାଜ୍ୟର ୬୩ଟି ଜିଲ୍ଲାର ୧୮ ୯ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପରିବ୍ୟାପ୍ତ ହୋଇଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଗତବର୍ଷ ସେପ୍ଟେମ୍ବର ମାସରେ ବିପିଏଏଲ୍‌ଏମ୍ ନାମରେ ଏକ ଅଭିଯାନ ଆରମ୍ଭ କରିଛି, ଯାହା ଏମ୍‌ଡିଆର-ଟିବି ଉପଚାର ପାଇଁ ଉଦ୍ଦିଷ୍ଟ। ଏ ସବୁ ପ୍ରୟାସ ସତ୍ତ୍ୱେ ପ୍ରାଥମିକସ୍ତରରେ ଯକ୍ଷ୍ମାର ଚିହ୍ନଟ ବ୍ୟବସ୍ଥା ପ୍ରଭାବଶାଳୀ ଓ କ୍ରିୟାଶୀଳ ହେଉ ନ ଥିବା କାରଣରୁ ଆଉ ମାତ୍ର ମାସେ ଭିତରେ ଏହି ଲକ୍ଷ୍ୟ ହାସଲକୁ ନେଇ ସନ୍ଦେହ ସୃଷ୍ଟି ହେଉଛି। ବିଶ୍ୱ ଯକ୍ଷ୍ମା ରିପୋର୍ଟ ୨୦୨୫ ଅନୁଯାୟୀ ଭାରତରେ ୨୦୧୫ରୁ ୨୦୨୪ ମଧ୍ୟରେ ଯକ୍ଷ୍ମା ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ଧାର୍ଯ୍ୟ ଲକ୍ଷ୍ୟ ୫୦% ବଦଳରେ ମାତ୍ର ୨୧% ହୋଇପାରିଛି। ସେହିପରି ଯକ୍ଷ୍ମା ସଂକ୍ରମିତ ମୃତକଙ୍କ ସଂଖ୍ୟା ଏହି ସମୟ ମଧ୍ୟରେ ଧାର୍ଯ୍ୟ ଲକ୍ଷ୍ୟ ୭୫% ବଦଳରେ ମାତ୍ର ୨୮% କମିଛି। ଏମ୍‌ଡିଆର-ଟିବି(ବହୁଔଷଧ ପ୍ରତିରୋଧକାରୀ ଯକ୍ଷ୍ମାରୋଗୀ)ଙ୍କ ସଂଖ୍ୟା ଭାରତରେ ବିଶ୍ୱର ସର୍ବାଧିକ ୨୭% ଥିବା ବେଳେ ବିଶ୍ୱର ମୋଟ ମୃତକଙ୍କ ମଧ୍ୟରେ ୨୯% ଭାରତରେ ରହିଛନ୍ତି।

ବିଡ଼ମ୍ବନା ହେଉଛି ଯକ୍ଷ୍ମା ସଂକ୍ରମଣ ହ୍ରାସ ହାର ଆଶାନୁରୂପ ହୋଇପାରୁନଥିବା ବେଳେ ଏହାର ନିରାକରଣ ବା ସମ୍ପୂର୍ଣ୍ଣ ବିଲୋପ ସାଧନ ପାଇଁ ପାଣ୍ଠି ବଢ଼ିବା ବଦଳରେ କମିବାରେ ଲାଗିଛି। ଘରୋଇ ସହଭାଗିତା ମଧ୍ୟ ହ୍ରାସ ପାଉଛି। ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଭାରତରେ ଜନସ୍ୱାସ୍ଥ୍ୟ ପରିଚାଳନା ଓ ବଜେଟ୍ ବ୍ୟବସ୍ଥା ସେତେ ସୁଦୃଢ଼ ନୁହେଁ କି ଜନସଚେତନତା ମଧ୍ୟ ପର୍ଯ୍ୟାପ୍ତ ନୁହେଁ। ଏଣୁ ଭାରତରେ ଯକ୍ଷ୍ମା ବ୍ୟାପିବା ପାଇଁ ଅନୁକୂଳ ପରିବେଶ ରହିଛି। ତେଣୁ ଲକ୍ଷ୍ୟ ହାସଲ ପାଇଁ ତୃଣମୂଳସ୍ତରରେ ମୌଳିକ ଚିକିତ୍ସା ସେବାକୁ ଯୁଦ୍ଧକାଳୀନ ଭିତ୍ତିରେ ତ୍ୱରାନ୍ୱିତ କରିବାକୁ ହେବ।

# ଆଜିର ସାମ୍ବାଦିକତା: ସମ୍ମାନ, ସମସ୍ୟା ଓ ସମାଧାନ

ବିଭୂତି ଭୂଷଣ କର

ଯେଉଁ ମହାନ ବୃତ୍ତି ସମାଜର ଦର୍ପଣ ତଥା ଲୋକତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ପରିଚିତ, ତାହାର ବର୍ତ୍ତମାନ ଅବସ୍ଥା, ସମ୍ମୁଖୀନ ହେଉଥିବା ଆହ୍ୱାନ ଓ ଭବିଷ୍ୟତର ଗତିପଥ ଆଲୋଚନାସାପେକ୍ଷ। ସାମ୍ବାଦିକତା ହେଉଛି ସତ୍ୟ ଓ ନ୍ୟାୟର ପ୍ରତିନିଧି। ସଜାଗ ସାମ୍ବାଦିକ ସମାଜକୁ ସଚେତନ ରଖେ, କ୍ଷମତା କେନ୍ଦ୍ରଗୁଡ଼ିକ ସହ ଉତ୍ତରଦାୟିତ୍ୱର ମଧ୍ୟସ୍ଥତା କରେ ଏବଂ ସାଧାରଣ ଲୋକଙ୍କ ସ୍ୱରକୁ ସଶକ୍ତ କରେ। ଏକ ଗଠନମୂଳକ ସାମ୍ବାଦିକତା ସମାଜରେ ବିଶ୍ୱାସ, ସହିଷ୍ଣୁତା ଓ ପାରସ୍ପରିକ ଆଲୋଚନାକୁ ବଢ଼ାଇଥାଏ।

ବର୍ତ୍ତମାନ ସମୟର ସାମ୍ବାଦିକମାନେ ଅନେକ ଜଟିଳ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି। ସମୟକ୍ରମେ ଗଣମାଧ୍ୟମ ସଂସ୍ଥା ଉପରେ ଆର୍ଥିକ ଚାପ ବଢ଼ିବା ଫଳରେ ପରୋକ୍ଷରେ ସଂପୃକ୍ତ ସଂସ୍ଥାର ସ୍ୱାଧୀନତା ଉପରେ ତାହାର ପ୍ରଭାବ ପରିଲକ୍ଷିତ ହେଉଛି। ବିଜ୍ଞାପନ ଓ ବଜାର ଚାପ ଯୋଗୁଁ ଗୁଣବତ୍ତାପୂର୍ଣ୍ଣ ସାମ୍ବାଦିକତା ବାଧାଗ୍ରସ୍ତ ହେଉଛି। କ୍ଷମତାଶାଳୀ ଶକ୍ତିଙ୍କ ତରଫରୁ ପ୍ରତ୍ୟକ୍ଷ ଓ ପରୋକ୍ଷ ହସ୍ତକ୍ଷେପ ସାମ୍ବାଦିକତାର ମୁକ୍ତ ପ୍ରବାହରେ ବାଧା ସୃଷ୍ଟି କରୁଛି। ଅସତ୍ୟ ଖବର(ଫେକ୍ ନ୍ୟୁଜ), ଦ୍ରୁତଗାମୀ ଖବର(ବ୍ରେକିଂ ନ୍ୟୁଜ)ର ଚାପ, ଟ୍ରୋଲ୍ ବାହିନୀ ଓ ଅତିମାତ୍ରାରେ ସାମାଜିକ ଗଣମାଧ୍ୟମ ପ୍ରତିକ୍ରିୟା ଯୋଗୁଁ ଭୁଲ୍ ଖବର ପ୍ରସାରିତ ହେବାର ଆଶଙ୍କା ବଢ଼ିଛି। ଅନ୍ୟପକ୍ଷରେ ସ୍ଥାନୀୟ ସ୍ତରରେ, ସାମ୍ବାଦିକମାନେ ହିଂସ୍ର ଆକ୍ରମଣ ଓ ମାନସିକ ଉତ୍ପୀଡ଼ନର ଶିକାର ହେଉଛନ୍ତି। ନିର୍ଭୀକ ଓ ନିରପେକ୍ଷ ସାମ୍ବାଦିକତା ପାଇଁ ବାତାବରଣ ସତେଯେପରି ସଂକୁଚିତ ହୋଇଯାଉଛି। ଆମ ଦେଶ ସମେତ ଅନେକ ରାଷ୍ଟ୍ରରେ ସାମ୍ବାଦିକତା ଉପରେ ରାଜନୈତିକ ଚାପ ବଢ଼ିଛି। ସ୍ୱଚ୍ଛନ୍ଦତା ଓ ସ୍ୱାଧୀନତା ଉପରେ ଆଘାତ କରୁଥିବା ଆଇନ ପ୍ରଣୟନ, ସାମ୍ବାଦିକତା ଅନୁସନ୍ଧାନରେ ବାଧା ଓ ସାମ୍ବାଦିକଙ୍କୁ ଭୟଭୀତ କରିବାର ଚେଷ୍ଟା କରାଯାଉଛି। ଜନସାଧାରଣଙ୍କ ମଧ୍ୟରେ ଗଣମାଧ୍ୟମ ପ୍ରତି ବିଶ୍ୱାସ କ୍ରମଶଃ ହ୍ରାସ ପାଇବାରେ ଲାଗିଛି।

ଏହିସବୁ ଆହ୍ୱାନକୁ ସଫଳତାର ସହ ସମ୍ମୁଖୀନ ହୋଇ ସାମ୍ବାଦିକତାର ଭବିଷ୍ୟତ ଉଜ୍ଜ୍ୱଳ କରିବା ପାଇଁ କେତେକ ମୌଳିକ ପଦକ୍ଷେପ ଆବଶ୍ୟକ। ସାମ୍ବାଦିକତାର ମୂଳଦୁଆ ହେଉଛି ନୈତିକତା। ପ୍ରମାଣିକତା, ସଠିକତା, ନିଷ୍ପକ୍ଷତା ଓ ଦାୟିତ୍ୱଶୀଳତାକୁ ପ୍ରାଧାନ୍ୟ ଦେବା ଜରୁରୀ। ଯେକୌଣସି ଖବର ପ୍ରକାଶ ପୂର୍ବରୁ ତାହାର ଯାଞ୍ଚ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନୂତନ ଯୁଗରେ ଡିଜିଟାଲ୍ ସାକ୍ଷରତା ଏକ ଅତ୍ୟାବଶ୍ୟକୀୟ ଦକ୍ଷତା। ଅସତ୍ୟ ଖବର ଚିହ୍ନଟ, ଡିଜିଟାଲ୍ ଟୁଲ୍ସ ବ୍ୟବହାର କରି ଗଭୀର ସତ୍ୟାନ୍ୱେଷଣ ଓ ଡିଜିଟାଲ୍ ସୁରକ୍ଷା ବିଷୟରେ ସାମ୍ବାଦିକମାନଙ୍କୁ ପ୍ରଶିକ୍ଷିତ କରାଯିବା ଉଚିତ। ଗଣମାଧ୍ୟମ ସଂସ୍ଥାଗୁଡ଼ିକୁ ବିଜ୍ଞାପନ ଉପରେ ନିର୍ଭରଶୀଳତା କମ କରି ସଦସ୍ୟତା ମଡେଲ, କ୍ରସ୍-ସବସିଡି, ଫାଉଣ୍ଡେସନ୍ ମଡେଲ ଭଳି ବିକଳ୍ପ ଆର୍ଥିକ ମଡେଲ ଅନୁସନ୍ଧାନ କରିବା ଉଚିତ। ସାମ୍ବାଦିକଙ୍କ ସୁରକ୍ଷା ନିଶ୍ଚିତ କରୁଥିବା ଆଇନ ପ୍ରଣୟନ ସହ ତାହାର ପ୍ରୟୋଗ ଜରୁରୀ। ସାମ୍ବାଦିକଙ୍କ ବିରୁଦ୍ଧରେ ହେଉଥିବା ହିଂସା ଘଟଣାକୁ ଦ୍ରୁତ ଓ କଠୋର ଭାବେ ମୁକାବିଲା କରିବା ଆବଶ୍ୟକ। ସାମ୍ବାଦିକମାନେ ଭୁଲ୍ ସୁଧାରିବା ସହ ଫିଡବ୍ୟାକ୍ ଗ୍ରହଣ ଏବଂ ଜନସାଧାରଣଙ୍କ ସହ ନିୟମିତ ଯୋଗାଯୋଗ କରି ଗଣମାଧ୍ୟମର ବିଶ୍ୱାସ ଫେରାଇ ଆଣିବା ଉପରେ ଗୁରୁତ୍ୱ ଦେବାକୁ ହେବ।

ଆଜିର ସାମ୍ବାଦିକତା କେବଳ ଘଟଣାର ସରଳ ବର୍ଣ୍ଣନା ନୁହେଁ, ବରଂ ଏହା ଏକ ଜଟିଳ ପ୍ରକ୍ରିୟା, ଯାହା ତଥ୍ୟ ଯାଞ୍ଚ, ପ୍ରସଙ୍ଗ ବିଶ୍ଳେଷଣ, ମତବାଦ ଗଠନ ଏବଂ ସାମାଜିକ ଦାୟିତ୍ୱ ମଧ୍ୟରେ ସନ୍ତୁଳନ ବଜାୟ ରଖେ। ଡିଜିଟାଲ ଯୁଗରେ ସାମ୍ବାଦିକତାର ପରିସର ବ୍ୟାପକ ହୋଇଛି। ପାରମ୍ପରିକ ମୁଦ୍ରଣ ଓ ବୈଦ୍ୟୁତିକ ଗଣମାଧ୍ୟମ ସହିତ ଅନଲାଇନ୍ ନ୍ୟୁଜ୍ ପୋର୍ଟାଲ୍, ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଓ ସିଟିଜନ୍ ଜର୍ଣ୍ଣାଲିଜିମ୍ ଆଦି ଯୋଗୁଁ ଖବରର ପ୍ରବାହ ଅତୀବ ଦ୍ରୁତ ଓ ବିସ୍ତୃତ ହୋଇଛି। ଏହି ଡିଜିଟାଲ ପରିବର୍ତ୍ତନ ସହିତ ଆସିଛି '୨୪ ଘଣ୍ଟିଆ ନ୍ୟୁଜ୍ ସାଇକେଲ୍'ର ଚାପ। ଖବର ପ୍ରସାରଣର ଗତି ବୃଦ୍ଧି ପାଇଥିଲେ ମଧ୍ୟ ଏହା ଖବରର ଗୁଣବତ୍ତା ଉପରେ ପ୍ରଶ୍ନଚିହ୍ନ ସୃଷ୍ଟି କରିଛି। ପ୍ରଥମେ ଖବର ପହଞ୍ଚିବାର ଚାପରେ ଯାଞ୍ଚ ନ କରାଯାଇଥିବା ତଥ୍ୟ ଓ ମିଥ୍ୟା ଖବରର ପ୍ରସାର ବଢ଼ିଛି। ଏହି ପରିସ୍ଥିତିରେ, ଜଣେ ଆଧୁନିକ ସାମ୍ବାଦିକଙ୍କ ଭୂମିକା କେବଳ ଏକ ରିପୋର୍ଟର ନ ରହି, ଜଣେ ଫ୍ୟାକ୍ଟ-ଚେକର୍, ଡାଟା ବିଶ୍ଳେଷକ ଏବଂ ପ୍ରସଙ୍ଗ ସ୍ରଷ୍ଟା ଭାବରେ ବିକଶିତ ହୋଇଛି। ତେଣୁ ସାମ୍ବାଦିକଙ୍କୁ ଡିଜିଟାଲ୍ ଟୁଲ୍ସ, ଡାଟା ବିଶ୍ଳେଷଣ ଏବଂ ଫ୍ୟାକ୍ଟ-ଚେକିଂ ପ୍ରଣାଳୀ ପ୍ରତି ଅଧିକ ଦକ୍ଷ କରାଯିବା ଉଚିତ୍। ଜନସାଧାରଣଙ୍କୁ ମଧ୍ୟ ମିଡିଆ ସାକ୍ଷରତା ଶିକ୍ଷା ଦେବା ଜରୁରୀ, ଯାହା ସେମାନଙ୍କୁ ଭ୍ରମପୂର୍ଣ୍ଣ ଖବରଠାରୁ ପ୍ରମାଣିତ ଖବର ପୃଥକ୍ କରିବାରେ ସହାୟକ ହେବ।

ନୈତିକତା ଓ ଦାୟିତ୍ୱବୋଧ ପ୍ରତି ଅଙ୍ଗୀକାରବଦ୍ଧତା ସ୍ୱରୂପ ସାମ୍ବାଦିକତାର ମୌଳିକ ନୀତି - ସଠିକତା, ନିରପେକ୍ଷତା, ନ୍ୟାୟପୂର୍ଣ୍ଣତା ଓ ମାନବିକତା - କେବେ ବି ଅଣଦେଖା କରାଯାଇ ପାରିବ ନାହିଁ। ଗଣମାଧ୍ୟମ ସଂସ୍ଥାଗୁଡ଼ିକୁ ନିଜର ନୈତିକ ମାନଦଣ୍ଡ ମଜବୁତ କରିବା ଉଚିତ୍ ଏବଂ ସ୍ୱଚ୍ଛତା ବଜାୟ ରଖିବା ଉଚିତ୍।

ସରକାର ଓ ସମାଜର ଦାୟିତ୍ୱ ହେଉଛି ସାମ୍ବାଦିକଙ୍କ ସୁରକ୍ଷା ସୁନିଶ୍ଚିତ କରିବା। ସାମ୍ବାଦିକଙ୍କ ବିରୁଦ୍ଧରେ ହିଂସା ଓ ଉତ୍ପୀଡ଼ନର ଘଟଣାଗୁଡ଼ିକର ସଠିକ୍ ତଦନ୍ତ ହୋଇ ଦୋଷୀଙ୍କୁ ଦଣ୍ଡ ଦିଆଯିବା ଜରୁରୀ। ସାମ୍ବାଦିକତାର ସ୍ୱାଧୀନତା ହେଉଛି ଗଣତନ୍ତ୍ରର ମୂଳଦୁଆ। ସ୍ୱାଧୀନ ଭାବରେ କାର୍ଯ୍ୟ କରିବା ପାଇଁ ସୁରକ୍ଷିତ ପରିବେଶ ସୃଷ୍ଟି କରିବା ସହ ଗଣମାଧ୍ୟମର ସ୍ୱାଧୀନତାକୁ ଅକ୍ଷୁର୍ଣ୍ଣ ରଖିବା ବାଞ୍ଛନୀୟ। ରାଜନୈତିକ ହସ୍ତକ୍ଷେପରୁ ମୁକ୍ତ ରହି ସତ୍ୟକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ସାମ୍ବାଦିକଙ୍କୁ ସମ୍ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ କରାଯିବା ଉଚିତ୍। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସାମ୍ବାଦିକଙ୍କ ମଧ୍ୟରେ ସହଯୋଗ ବୃଦ୍ଧି ପାଇବା ଉଚିତ୍। ଜ୍ଞାନ ଓ ଅନୁଭୂତି ଆଦାନପ୍ରଦାନ, ସମ୍ମିଳିତ ଅନୁସନ୍ଧାନ ଏବଂ ପେସାଦାର ସଂଗଠନଗୁଡ଼ିକ ମାଧ୍ୟମରେ ଏକତ୍ରିତ ହୋଇ ଆହ୍ୱାନଗୁଡ଼ିକର ସାମ୍ନା କରିବା ଆବଶ୍ୟକ।

ବର୍ତ୍ତମାନର ଜଟିଳ ପରିବେଶରେ ସାମ୍ବାଦିକତାର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ। ସମସ୍ୟା ସତ୍ତ୍ୱେ ସଚ୍ଚୋଟତା, ସାହସ ଏବଂ ନିଷ୍ପାପର ରିପୋର୍ଟିଂ ପ୍ରତି ସାମ୍ବାଦିକଙ୍କ ପ୍ରତିଶ୍ରୁତି ଅବ୍ୟାହତ ରହିଛି। ଭବିଷ୍ୟତର ଗତିପଥକୁ ସ୍ପଷ୍ଟ କରିବାକୁ ଯାଇ ଆମକୁ ଏକ ଅଧିକ ଉତ୍ତରଦାୟୀ, ସମାନ୍ତରାଳ ଓ ନ୍ୟାୟପୂର୍ଣ୍ଣ ସାମ୍ବାଦିକତା ପ୍ରତି ଅଗ୍ରସର ହେବାକୁ ହେବ। ସାମ୍ବାଦିକତା କେବଳ ଶକ୍ତିଶାଳୀଙ୍କ କଥା ନ କହି, ନିର୍ବଳଙ୍କ କଥା କହିବ, ଯାହା ଶକ୍ତି ଉପରେ ନଜର ରଖିବ ଏବଂ ସତ୍ୟକୁ ସର୍ବୋଚ୍ଚ ମୂଲ୍ୟ ଦେବ। ଏହି ଦିଗଦର୍ଶନ ଅନୁସରଣ କଲେ ହିଁ ସାମ୍ବାଦିକତା ତା'ର ଗରିମାମୟୀ ପରମ୍ପରା ବଜାୟ ରଖିପାରିବ ଏବଂ ଭବିଷ୍ୟତରେ ମଧ୍ୟ ଜନସାଧାରଣର ବିଶ୍ୱାସ ଓ ଆସ୍ଥାଭାଜନ ହୋଇରହିପାରିବ।

ଏବେ କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ ଯୋଗୁଁ ସାମ୍ବାଦିକତା କ୍ଷେତ୍ରରେ ଏକ ବୈପ୍ଲବିକ ପରିବର୍ତ୍ତନ ଆସିଛି, ଯାହା ଗଣମାଧ୍ୟମ ସ୍ୱାଧୀନତା ପାଇଁ ନୂଆ ସୁଯୋଗ ସହିତ ଗମ୍ଭୀର ଆହ୍ୱାନ ମଧ୍ୟ ସୃଷ୍ଟି କରିଛି। କ୍ରୀଡ଼ା, ଅର୍ଥନୀତି ଓ ପାଣିପାଗ ସମ୍ବାଦ ଭଳି ଡାଟା-କେନ୍ଦ୍ରିତ ଖବର ଲେଖିବାରେ ଏଆଇ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଛି। ଏହା ସାମ୍ବାଦିକଙ୍କ ସମୟ ବଞ୍ଚାଇବାରେ ସହାୟକ ହୋଇଛି। ତଥ୍ୟ ଯାଞ୍ଚ ଓ ଫ୍ୟାକ୍ଟ-ଚେକିଂ କ୍ଷେତ୍ରରେ ଏଆଇ ପ୍ରମୁଖ ଭୂମିକା ନିର୍ବାହ କରୁଛି, ଯାହା ନିର୍ଭରଯୋଗ୍ୟ ଖବର ପ୍ରସାରଣରେ ସହାୟକ ହେଉଛି। ବ୍ୟକ୍ତିଗତକୃତ ସମ୍ବାଦ ପ୍ରଦାନ କ୍ଷେତ୍ରରେ ଏଆଇ ବ୍ୟବହାରକାରୀଙ୍କ ଅଭିରୁଚି ଅନୁଯାୟୀ ସମ୍ବାଦ ଭିତ୍ତିକ ବିଷୟବସ୍ତୁ ବାଛିବାରେ ସହାୟତା କରିପାରୁଛି। ଏଆଇ ଚାଳିତ ଅନୁବାଦ ଟୁଲଗୁଡ଼ିକ ବିଷୟକୁ ବିଭିନ୍ନ ଭାଷାରେ ଅନୁବାଦିତ କିମ୍ବା ରୂପାନ୍ତରିତ କରି ଜ୍ଞାନର ବାଧାକୁ ଦୂର କରିପାରୁଛି ଏବଂ ଜ୍ଞାନର ପରିସରକୁ ବ୍ୟାପ୍ତ କରିବାରେ ସହାୟକ ହେଉଛି।

ଅନ୍ୟପକ୍ଷରେ ଏଆଇ ଗଣମାଧ୍ୟମ ପ୍ରତି ଆହ୍ୱାନ ଓ ବିପଦ ମଧ୍ୟ ଆଣି ଦେଇଛି। ଏଆଇ ଦ୍ୱାରା ସହଜରେ ବାସ୍ତବିକ ଛବି, ଭିଡିଓ ଓ ଅଡିଓ ସୃଷ୍ଟି କରି ବ୍ୟକ୍ତି ବା ବିଷୟର ମିଥ୍ୟା ପ୍ରତିରୂପ ତିଆରି କରାଯାଇପାରେ। ଏହା ଜନସାଧାରଣଙ୍କ ବିଶ୍ୱାସକୁ ଦୁର୍ବଳ କରେ ଏବଂ ବିଶ୍ୱସନୀୟ ମାଧ୍ୟମଗୁଡ଼ିକୁ ସନ୍ଦେହର ଚକ୍ଷୁରେ ଦେଖାଯିବାର ସମ୍ଭାବନା ରଖେ। ସରକାର ଅନଲାଇନ୍ ବିଷୟବସ୍ତୁ ଉପରେ ନଜର ରଖିପାରନ୍ତି ଏବଂ ସମ୍ବାଦଗୁଡ଼ିକୁ ସ୍ୱୟଂଚାଳିତ ଭାବରେ ସେନ୍ସର କରିପାରନ୍ତି, ଯାହା ନିର୍ଭୀକ ସାମ୍ବାଦିକତାର ପଥରେ ଏକ ବଡ଼ ବାଧା। ତେଣୁ ପ୍ରେସ୍ ସ୍ୱାଧୀନତା ଏବଂ ଏଆଇର ସନ୍ତୁଳନ ରକ୍ଷା କରିବା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ।

ଉତ୍ତରଦାୟୀ ଓ ଦାୟିତ୍ୱପୂର୍ଣ୍ଣ ସାମ୍ବାଦିକତା ହିଁ ଏକ ସଚେତନ ଓ ସକ୍ରିୟ ସମାଜର ପ୍ରାଣ। ସମସ୍ୟାଗୁଡ଼ିକ ଜଟିଳ ହୋଇପାରେ ମାତ୍ର ସମାଧାନ ଅସମ୍ଭବ ନୁହେଁ। ନୈତିକତା, ସାହସ, ପ୍ରଗତିଶୀଳ ଚିନ୍ତନ ଓ ସାମୂହିକ ଦାୟିତ୍ୱବୋଧର ମିଶ୍ରଣ ଦ୍ୱାରା ହିଁ ସାମ୍ବାଦିକତାର ମହିମାକୁ ପୁନରୁଦ୍ଧାର କରିହେବ।

(ରାଜ୍ୟ ସଭାପତି, ଉତ୍କଳ ସାମ୍ବାଦିକ ସଂଘ, ଓଡ଼ିଶା)
ଭୁବନେଶ୍ୱର, ମୋ: ୯୪୩୭୦୦୬୩୬୩

# ଓଡ଼ିଆ ଅସ୍ମିତାର ମୁଖପାତ୍ର: ହରିଶ୍ଚନ୍ଦ୍ର ବକ୍ସିପାତ୍ର

ଚିତ୍ତରଞ୍ଜନ ମହାନ୍ତି

ସ୍ୱର୍ଗତଃ ହରିଶଚନ୍ଦ୍ର ବକ୍ସିପାତ୍ର ଓଡ଼ିଶା ଜନଜୀବନରେ ଜଣେ ଯୁଗପୁରୁଷ। କିନ୍ତୁ ରାଜ୍ୟ ଓ ଦେଶର ସେବା କରିବା ପାଇଁ ଯେଉଁ ଦାୟିତ୍ୱ ଏ ସଂଗ୍ରାମୀ ପୁରୁଷଙ୍କୁ ମିଳିବା କଥା ତାହା ସମ୍ଭବ ହେଲା ନାହିଁ। କେନ୍ଦ୍ର ଇସ୍ପାତ ମନ୍ତ୍ରୀ ବିଜୁ ପଟ୍ଟନାୟକ ହୁଅନ୍ତୁ କିମ୍ବା କେନ୍ଦ୍ର ଶିଳ୍ପ ମନ୍ତ୍ରୀ ଜର୍ଜ ଫର୍ଣ୍ଣାଣ୍ଡିଜ୍ ହୁଅନ୍ତୁ, ବକ୍ସିବାବୁ ନିଜର ନିଷ୍ଠା ଓ ତଥ୍ୟ ଆଧାରିତ ତର୍କ ବଳରେ ଓଡ଼ିଶାର ଦାବିକୁ ଉପସ୍ଥାପନ କରି ଇସ୍ପାତ ଓ ଆଲୁମିନିୟମ୍ ଶିଳ୍ପ ପ୍ରତିଷ୍ଠାରେ ଓଡ଼ିଶା, ବିଶେଷକରି କୋରାପୁଟ ଜିଲ୍ଲାର ବିକାଶର ନୂଆ ଅଧ୍ୟାୟ ରଚନା କରିଥିଲେ।

ପୁନର୍ବାର ୧୯୯୦ ମସିହାରେ ବିଜୁ ପଟ୍ଟନାୟକଙ୍କ 'ଜନତା ଦଳ' ମନ୍ତ୍ରିମଣ୍ଡଳରେ ସେ ବାଣିଜ୍ୟ ଓ ପରିବହନ ଭଳି ଅର୍ଥକାରୀ ବିଭାଗର ଦାୟିତ୍ୱ ନେଇ ବ୍ୟବସ୍ଥାରେ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଥିଲେ। ହୁଏତ ରାଜ୍ୟର ସାମଗ୍ରିକ ଓ ସାମୂହିକ ସେବା କରିବାକୁ ୧୯୯୫ ବେଳକୁ ତାଙ୍କୁ ଉପଯୁକ୍ତ ସୁଯୋଗ ମିଳିଥା'ନ୍ତା। କିନ୍ତୁ 'ଜନତା ଦଳ'ର ସର୍ବଭାରତୀୟ ଓ ରାଜ୍ୟ ରାଜନୀତିରେ କ୍ରିୟା, ପ୍ରତିକ୍ରିୟା ଓ ଅସ୍ଥିରତା ଏଥିରେ ବାଧକ ସାଜିଲା। ତାଙ୍କ ଭଳି ସମର୍ପିତ ସମ୍ବେଦନଶୀଳ ସଂଗ୍ରାମୀ ନେତାଙ୍କୁ ରାଜ୍ୟର ନୀତିନିୟନ୍ତା ଭାବେ ପାଇବାର ସୁଯୋଗ ହାତଛଡ଼ା ହୋଇଗଲା।

ବକ୍ସିବାବୁ ନିଜର ଶୁଦ୍ଧ ସଂଗ୍ରାମୀ ଆଭିମୁଖ୍ୟ ଯୋଗୁଁ ଓଡ଼ିଶାର ଦୁଇ ଜାତୀୟ ନେତାଙ୍କ ପ୍ରିୟପାତ୍ର ଥିଲେ। ଖୋସାମଦି ତାଙ୍କର ଆୟୁଧ ନଥିଲା। ତାଙ୍କର ଅଳଙ୍କାର ଥିଲା ଓଡ଼ିଆ ଅସ୍ମିତା, ପରିଚିତ ସ୍ୱାଭିମାନ ଓ ନିଜସ୍ୱ ଅନୁପମ ଯୋଗ୍ୟତା। ପ୍ରିୟଜନମାନେ ବକ୍ସିବାବୁଙ୍କୁ 'ଭାଇନା' ସମ୍ବୋଧନ କରୁନଥିଲେ ତାଙ୍କୁ କେହି ଉଚ୍ଚ ଜାତିରେ ଜନ୍ମିତ ବ୍ୟକ୍ତି ବୋଲି ଭାବୁନଥା'ନ୍ତେ। କାରଣ ସେ ଥିଲେ ସାମାଜିକ ନ୍ୟାୟର ପ୍ରଚାର ପ୍ରବକ୍ତା। ଓଡ଼ିଶାର ବୃହତ୍ ସାମୂହିକ ସ୍ୱାର୍ଥ ଦୃଷ୍ଟିରୁ ସେ 'ମଣ୍ଡଳ କମିଶନ'କୁ ସକ୍ରିୟ ସମର୍ଥନ ଜଣାଇଥିଲେ।

ଆଦ୍ୟ ଜୀବନରେ ବକ୍ସିବାବୁ ସାମ୍ୟବାଦୀ ଚିନ୍ତାଧାରାର ପ୍ରମୁଖ ପ୍ରଚାରକ ଥିଲେ। ଜନଜୀବନର ବାସ୍ତବତାକୁ ଜାଣି ବର୍ଗ ଓ ଜାତି ଶୋଷଣର ଏକ ବ୍ୟବସ୍ଥିତ ବ୍ୟବସ୍ଥା ବୋଲି ସେ ଉପଲବ୍ଧି କରିଥିଲେ। ଜଣେ ସାମ୍ୟବାଦୀ ଭାବେ ବକ୍ସିବାବୁ ବର୍ଗ ବିଭାଜନ ଓ ବର୍ଗ ଶୋଷଣ ସମ୍ପର୍କରେ ସମ୍ପୂର୍ଣ୍ଣ ସଚେତନ ଥିଲେ ମଧ୍ୟ 'ଉତ୍କଳ ସମ୍ମିଳନୀ'ର ମୁଖ୍ୟ ଭାବେ ଓଡ଼ିଶାର ସାମାଜିକ ବ୍ୟବସ୍ଥାକୁ, ବିଶେଷକରି ବର୍ଣ୍ଣ ବ୍ୟବସ୍ଥାକୁ ଟିକିନିଖି ଅନୁଧ୍ୟାନ କରିଥିଲେ। ତାଙ୍କ ତଥ୍ୟମୂଳକ ସିଦ୍ଧାନ୍ତ କହେ ବ୍ରିଟିଶ ଉପନିବେଶ ବ୍ୟବସ୍ଥା ଫଳରେ ବୃତ୍ତି ହରାଇଥିବା ଜାତି ଓ ବର୍ଗଙ୍କ ସଂଖ୍ୟା ଓଡ଼ିଶାରେ ପ୍ରାୟ ୯୨%। ତେଣୁ କେନ୍ଦ୍ର ସରକାର ଚାକିରିରେ ଦେଶରେ ସର୍ବାଧିକ ଓଡ଼ିଆ ଶତକଡ଼ା ଦୃଷ୍ଟିରୁ ସଂରକ୍ଷଣର ହକ୍‌ଦାର।

ଜାତି, ବର୍ଣ୍ଣ, ଧର୍ମ ଓ ଅନ୍ୟାନ୍ୟ ଭେଦଭାବ ସାମାଜିକ ଏକତାକୁ ବ୍ୟାହତ କରୁଥିବା ଅନୁଭବ କରି ସେ ସମଗ୍ର ଓଡ଼ିଆ ଜାତିର ଐକ୍ୟବଦ୍ଧତା ପାଇଁ ଏକାଗ୍ର ଉଦ୍ୟମ କରି ଚାଲିଥିଲେ। ସୁଦୂର କୋରାପୁଟର ବାସିନ୍ଦା ହୋଇ ମଧ୍ୟ ଓଡ଼ିଶାର ଉଚ୍ଚଶିକ୍ଷାର ମାତୃକଳ୍ପ ଅନୁଷ୍ଠାନ ରେଭେନ୍ସା କଲେଜର ଛାତ୍ର ସଂସଦର ସଭାପତି ହେବା ତାଙ୍କ ଜନ୍ମଜାତ ନେତୃତ୍ୱ କଳାର ପରାକାଷ୍ଠା ପ୍ରତିପାଦିତ କରୁଛି। ୧୯୫୪ରେ ଗଠିତ ସୀମା କମିଶନ ଓଡ଼ିଶା ପ୍ରତି ଚରମ ଅନ୍ୟାୟ କରିଥିଲେ। ଏହା ବିରୁଦ୍ଧରେ ସାମ୍ୟବାଦୀ ଛାତ୍ରନେତା ହରିଶଚନ୍ଦ୍ର ବକ୍ସିପାତ୍ର ବିପ୍ଳବୀ ସାମ୍ୟବାଦୀ ଆନ୍ଦୋଳନର ନେତୃତ୍ୱ ନେଲେ ଏବଂ କେନ୍ଦ୍ର କଂଗ୍ରେସ ନେତାଙ୍କୁ କଟକ ମାଟି ମଡ଼ାଇ ନଦେବାର ସଂକଳ୍ପ କରି ଗିରଫ ହେଲେ।

କେନ୍ଦୁଝର ଜିଲ୍ଲା ଓ ନୟାଗଡ଼ଠାରେ ସବୁଠୁ ଶସ୍ତା ଓ ସୁବିଧାରେ ରାଷ୍ଟ୍ରାୟତ୍ତ ଇସ୍ପାତ କାରଖାନା ପ୍ରତିଷ୍ଠା ହୋଇପାରିବ ବୋଲି 'ବସ୍ତୁର କମିଟି' ସୁପାରିସକୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଗ୍ରହଣ କଲେ ନାହିଁ। କଂଗ୍ରେସ ବିଭାଜନ ଯୋଗୁଁ ହରାଇଥିବା ଜନାଧାରକୁ ଫେରି ପାଇବା ପାଇଁ ସେ ଦକ୍ଷିଣର ୩ଟି ରାଜ୍ୟରେ ବିନା ଯୋଗ୍ୟତାରେ ରାଷ୍ଟ୍ରାୟତ୍ତ ଇସ୍ପାତ କାରଖାନା ସ୍ଥାପନ ନିଷ୍ପତ୍ତି ନେଲେ। ବକ୍ସିବାବୁ କିନ୍ତୁ ଓଡ଼ିଶା ପ୍ରତି କେନ୍ଦ୍ରର ଏ ନଗ୍ନ ଅବିଚାରକୁ ବରଦାସ୍ତ କଲେ ନାହିଁ। କଂଗ୍ରେସ ଅଧ୍ୟୁଷିତ କୋରାପୁଟ ଜିଲ୍ଲାରେ ହିଁ ସେ କେନ୍ଦ୍ର ବିରୁଦ୍ଧରେ ବିଦ୍ରୋହର ବିଗୁଲ ବଜାଇ ୧୯୭୪ ମସିହାରେ ସେ ଅଞ୍ଚଳରେ ଇନ୍ଦିରା ବିରୋଧୀ 'ପ୍ରଗତି ମେଣ୍ଟ'କୁ ସଫଳତାର ସ୍ୱାଦ ଚଖାଇ ନିଜେ ବିଧାୟକ ନିର୍ବାଚିତ ହୋଇ ଓଡ଼ିଶା ବିଧାନସଭାକୁ ଆସିଲେ। 'ପ୍ରଗତି ମେଣ୍ଟ' 'ଲୋକଦଳ'ରେ ମିଶିଲା। ଜରୁରୀ ପରିସ୍ଥିତି ପରେ ଜୟପ୍ରକାଶଙ୍କ ଅନୁରୋଧକ୍ରମେ ଗଣତନ୍ତ୍ରର ସୁରକ୍ଷା ପାଇଁ 'ଲୋକଦଳ' 'ଜନତା ପାର୍ଟି'ରେ ରୂପାନ୍ତରିତ ହେଲା। ଜୟପ୍ରକାଶଙ୍କ 'ସମ୍ପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନ'ରେ ଝାସ ଦେଇ ଏବଂ ଜରୁରୀ ସ୍ଥିତିର ବିରୋଧ କରି ବକ୍ସିବାବୁ ଜେଲ୍ ଗଲେ। କାରାମୁକ୍ତ ହୋଇ ୧୯୭୭ ମସିହାରେ ନିର୍ବାଚନ ଲଢ଼ି ସେ ବିଜୟୀ ହେଲେ ଏବଂ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କ ମନ୍ତ୍ରିମଣ୍ଡଳରେ ଗୁରୁତ୍ୱପୂର୍ଣ୍ଣ ବିଭାଗ ସମ୍ଭାଳିଲେ ଏବଂ କେନ୍ଦ୍ର ସହିତ ରାଜ୍ୟର ସମନ୍ୱୟ ରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କଲେ। ବକ୍ସିବାବୁଙ୍କ ଉଦ୍ୟମ ଥିଲା ଓଡ଼ିଶାର ସମସ୍ତ ତୁଙ୍ଗ ନେତା ବ୍ୟକ୍ତିଗତ ମନାନ୍ତରରୁ ଊର୍ଦ୍ଧ୍ୱକୁ ଯାଇ ଓଡ଼ିଶା ସ୍ୱାର୍ଥ ପାଇଁ କେନ୍ଦ୍ର ବିରୁଦ୍ଧରେ ସଂଗ୍ରାମ କରନ୍ତେ।

୧୯୯୦ ମସିହାରେ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାରେ ଜନତା ଦଳର ମନ୍ତ୍ରିମଣ୍ଡଳରେ ବକ୍ସିବାବୁ ବରିଷ୍ଠ ମନ୍ତ୍ରୀ ଭାବେ ଦାୟିତ୍ୱ ନେଲେ। ରବି ରାୟ ଲୋକସଭାର ବାଚସ୍ପତି। ଉଭୟଙ୍କ ମଧ୍ୟରେ ସମନ୍ୱୟ ପୁନଃସ୍ଥାପନ କରି ଇସ୍ପାତ କାରଖାନା ଓ ଓଡ଼ିଶାର ସ୍ୱତନ୍ତ୍ର ଆର୍ଥିକ ଅଧିକାର ଭଳି ଦାବି ପୂରଣ ପାଇଁ ବକ୍ସିବାବୁ ଉଦ୍ୟମରତ ହେଲେ। କଟକ ମଦମୃତ୍ୟୁ ଘଟଣାରେ ବ୍ୟଥିତ ହୋଇ ଜନତା ପରିବାରର ବରିଷ୍ଠ ନେତାମାନେ ବକ୍ସିବାବୁଙ୍କ ମାଧ୍ୟମରେ ବିକଳ୍ପ ବ୍ୟବସ୍ଥା ଖୋଜିଲେ। ଏଥିରେ ରବି ରାୟ ସମ୍ପୂର୍ଣ୍ଣ ସହଯୋଗ କରି ମିଳିତ ସଭା ସମିତିମାନ କଲେ। ଉଭୟ ବିଜୁବାବୁ ଓ ରବି ରାୟଙ୍କ ସହଯୋଗୀ ଭାବେ ଜର୍ଜ ଫର୍ଣ୍ଣାଣ୍ଡିଜ ଏ ପ୍ରକ୍ରିୟାକୁ ସାହାଯ୍ୟ କଲେ। ବକ୍ସିବାବୁ ସମସ୍ତ ଅଭିଯାନର କେନ୍ଦ୍ର ହେଲେ। କିନ୍ତୁ ବିହାର ରାଜନୀତି ସବୁ ସାଧୁ ଉଦ୍ୟମକୁ ପଣ୍ଡ କରିଦେଲା। ଜନତା ଦଳ ବିଭାଜିତ ହୋଇ ଜର୍ଜ ଫର୍ଣ୍ଣାଣ୍ଡିଜଙ୍କ ନେତୃତ୍ୱରେ ସମତା ପାର୍ଟି ଗଠିତ ହେଲା। ସମାଜବାଦୀ ସାଥୀ ଜର୍ଜ ଫର୍ଣ୍ଣାଣ୍ଡିଜ ଓ ପୁତ୍ର ପ୍ରତିମ ନୀତୀଶ କୁମାରଙ୍କ ଅନୁରୋଧରେ ରବି ରାୟ ସମତା ପାର୍ଟିକୁ ଚାଲିଗଲେ। ଦିଲ୍ଲୀରେ ଓଡ଼ିଶା ଲବିକୁ ସୁଦୃଢ଼ କରିବାରେ ବକ୍ସିବାବୁଙ୍କ ଉଦ୍ୟମ ଅକାମୀ ହୋଇଗଲା। ଉତ୍କଳ ସମ୍ମିଳନୀ ମାଧ୍ୟମରେ ସେ ଉଦ୍ୟମକୁ ଅବ୍ୟାହତ ରଖିବାକୁ ଶ୍ରୀ ବକ୍ସିପାତ୍ର ଶେଷ ପର୍ଯ୍ୟନ୍ତ ପ୍ରୟାସ ଜାରି ରଖିଥିଲେ।

# ଆମ ବୃକ୍ଷଲତା ଆମ ଜୀବନ

**ନାଗଲିଙ୍ଗ**

**ପ୍ରକୃତି-ପରିବେଶ**

ସୌଭାଗ୍ୟସୁନ୍ଦର

ଉତ୍ତର-ପୂର୍ବ ଦକ୍ଷିଣ ଆମେରିକା, ବିଶେଷକରି ଆମାଜନ ବର୍ଷା ଜଙ୍ଗଲରୁ ଉତ୍ପନ୍ନ ନାଗଲିଙ୍ଗ ବିଶ୍ୱର ଉଷ୍ମମଣ୍ଡଳୀୟ ଏବଂ ଉପ-ଉଷ୍ମମଣ୍ଡଳୀୟ ଅଞ୍ଚଳରେ ବହୁଳ ଭାବରେ ଦେଖାଯାଏ। ଏହାର ମନୋରମ, ସୁଗନ୍ଧିତ ଫୁଲ ଏବଂ ଫଳ ପାଇଁ ଏହାକୁ ଏକ ଶୋଭାବର୍ଦ୍ଧକ ଗଛ ଭାବରେ ବାଡ଼ିବଗିଚାରେ ଲଗାଯାଏ। ଏହି ବୃକ୍ଷର ଅନେକ ଔଷଧୀୟ, ସାଂସ୍କୃତିକ ଏବଂ ଧାର୍ମିକ ଗୁରୁତ୍ୱ ଅଛି। ପ୍ରାକୃତିକ ବାସସ୍ଥାନରେ ଏହା ସମୁଦ୍ର ପତ୍ତନଠାରୁ ୫୦୦ ମିଟରରୁ କମ୍ ଉଚ୍ଚତାରେ ବଢ଼େ। ଏହା ପୁଡୁଚେରୀରେ 'ରାଜ୍ୟ ଫୁଲ'ର ମାନ୍ୟତା ପାଇଛି।

'ମହାନାଗେଶ୍ୱର' ଭାବେ ମଧ୍ୟ ପରିଚିତ ନାଗଲିଙ୍ଗ ପ୍ରାୟ ୩୦ ମିଟର ଉଚ୍ଚତା ବିଶିଷ୍ଟ ଏକ ବଡ଼ ଚିରହରିତ୍ ବା ଅର୍ଦ୍ଧଚିରହରିତ୍ ଦ୍ରୁମ। କାଣ୍ଡଟି ନଳାକାର, ଯାହାର ବ୍ୟାସ ୭୦ ସେମି ଅତିକ୍ରମ କରିପାରେ। ଛାଲି ମାଟିଆ ଧୂସର ରଙ୍ଗର। ପରିପକ୍ୱ ବୃକ୍ଷର ଛାଲି ଫାଟି ଫାଟିଯାଏ। ପତ୍ରଗୁଡ଼ିକ ଶାଖାଗୁଡ଼ିକର ଶୀର୍ଷରେ ପୁଞ୍ଜିଭୂତ ଏବଂ ବିକଳ୍ପ ଭାବରେ ସଜେଇ ହୋଇ ରହିଥାଏ। ପତ୍ର ଧାର ସମ୍ପୂର୍ଣ୍ଣ କିମ୍ବା ସାମାନ୍ୟ ଦନ୍ତୁରିତ, ପ୍ରାୟ ୧୦-୨୦ ସେମି ଲମ୍ବ ଓ ୪-୬ ସେମି ଚଉଡ଼ା। ମୁଖ୍ୟ ଗଣ୍ଡି ଏବଂ ଅନ୍ୟାନ୍ୟ ବଡ଼ ଶାଖାରୁ ଫୁଲଗୁଡ଼ିକ ଗୁଚ୍ଛରେ ଉତ୍ପନ୍ନ ହୁଏ। ଫୁଲଗୁଡ଼ିକର ବ୍ୟାସ ପ୍ରାୟ ୬ ସେମି ବିଶିଷ୍ଟ ମାଂସଳ, ହଳଦିଆ ଏବଂ ଲାଲ କିମ୍ବା ଗୋଲାପୀ ବାଇଗଣୀ ରଙ୍ଗର। ଫୁଲଗୁଡ଼ିକ ପ୍ରବଳ ସୁଗନ୍ଧଯୁକ୍ତ, ବିଶେଷକରି ରାତିରେ ଏବଂ ପ୍ରାତଃ ସମୟରେ। ପରିପକ୍ୱ ଫଳ ଭୂମିରେ ପଡ଼ିବା ବେଳେ ବାଡ଼େଇ ହୋଇ ଶବ୍ଦ ହୁଏ। ତଳେ ପଡ଼ି ଫାଟିଲା ଫଳକୁ ବିଭିନ୍ନ ପ୍ରାଣୀ ଖାଇଥା'ନ୍ତି। ଫଳଟି କଠିନ ଆବରଣ ସହିତ ଗୋଲାକାର। ଏହାର ବ୍ୟାସ ପ୍ରାୟ ୨୫ ସେମି। ଫଳଟି ଖାଦ୍ୟ ଉପଯୋଗୀ କିନ୍ତୁ ଏହାର ଅପ୍ରିୟ ଗନ୍ଧ ଯୋଗୁଁ ସାଧାରଣତଃ ଲୋକମାନେ ଏହାକୁ ଖାଆନ୍ତି ନାହିଁ। ଭାରତରେ ବର୍ଷସାରା ଗଛରେ ଫୁଲ ଫୁଟେ। ଫୁଲଗୁଡ଼ିକୁ ସୁଗନ୍ଧିତ ପ୍ରସାଧନୀ ସାମଗ୍ରୀ ପ୍ରସ୍ତୁତିରେ ବ୍ୟବହାର କରାଯାଏ।

ନାଗଲିଙ୍ଗକୁ ପାରମ୍ପରିକ ଭାବରେ ଉଚ୍ଚ ରକ୍ତଚାପ, ଟ୍ୟୁମର, ଯନ୍ତ୍ରଣା ଓ ପ୍ରଦାହ, ସାଧାରଣ ଥଣ୍ଡା, ପେଟ ଯନ୍ତ୍ରଣା, ଚର୍ମ ରୋଗ, କ୍ଷତ, ମ୍ୟାଲେରିଆ, ଦାନ୍ତ ବିନ୍ଧା, ଗ୍ୟାଷ୍ଟ୍ରାଇଟ୍, ସ୍କେବସ୍, ରକ୍ତସ୍ରାବ, ପାଇଲ୍ସ, ପତଳା ଝାଡ଼ା, ବିଛା ବିଷ ଆଦି ଚିକିତ୍ସା ପାଇଁ ବ୍ୟବହାର କରାଯାଇ ଆସୁଛି। ଏହା ଆଣ୍ଟିମାଇକ୍ରୋବିଏଲ୍, ଆଣ୍ଟିଅଲ୍ସର, କୃମିନାଶକ, ଆଣ୍ଟିଅକ୍ସିଡାଣ୍ଟ, ଆଣ୍ଟିପାଇରେଟିକ୍, ଆଣ୍ଟିଆର୍ଥ୍ରାଇଟିକ୍, ଇମ୍ୟୁନୋମୋଡୁଲେଟୋରୀ/ ପ୍ରତିରୋଧକ ଶକ୍ତି ବୃଦ୍ଧି କାରକ, ଆଣ୍ଟିବ୍ୟାକ୍ଟେରିଆଲ୍, ଆଣ୍ଟିଷ୍ଟ୍ରେସ୍, ଆଣ୍ଟିଡାଇରିଆଲ୍, ଆଣ୍ଟିଡିପ୍ରେସାଣ୍ଟ ଗୁଣରେ ସମୃଦ୍ଧ।

ଏହାଛଡ଼ା ନାଗଲିଙ୍ଗ ଗଛରେ ଟ୍ରାଇଟରପେନ୍ସ, ଫେନୋଲିକ୍ସ, କୁରୁପିଟାଇନ୍, ଇଣ୍ଡିରୁବିନ୍, ଆଇସାଟିନ୍, ଆନ୍ଥୋସିଆନିନ୍, ଫ୍ଲାଭାନୋଇଡ୍ସ, ୟୁଜେନୋଲ୍, ଟାନିନ୍, ଷ୍ଟେରଏଡ୍ସ, ସାପୋନିନ୍, ଗ୍ଲାଇକୋସାଇଡ୍ସ, ଆମିନୋ ଏସିଡ୍, ଫେନୋଲ୍ସ, ଆନ୍ଥ୍ରାକୁଇନୋନ୍, ଟ୍ରାଇଟରପେନୋଇଡ୍ସ, ଫାର୍ସେନଲ୍ ଏବଂ ତେଲ ଭଳି ଅନେକ ଉପାଦାନ ରହିଛି। ଫଳ ଏବଂ ଫୁଲରେ ଇଣ୍ଡିଗୋଟିନ୍ ଏବଂ ଇଣ୍ଡିରୁବିନ୍ ରାସାୟନିକ ଯୌଗିକ ଥିବା ଜଣାଯାଏ। ଫଳର କଠିନ ଖୋଳକୁ କେତେକ ସମୟରେ ପାତ୍ର ଭାବରେ ବ୍ୟବହାର କରାଯାଏ। କାଠଗୁଡ଼ିକ ବହୁତ ହାଲୁକା; ନରମ, ଅସ୍ଥାୟୀ ଏବଂ କବକ, କାଠ କୀଟ ଉଇ ପ୍ରତି ସମ୍ବେଦନଶୀଳ। ଏହି କାଠ ବିଭିନ୍ନ ପ୍ରକାରର ଖେଳଣା, ବାକ୍ସ, ପିଞ୍ଜରା, ଦିଆସିଲି, ପ୍ୟାନେଲିଂ, ଫର୍ଣ୍ଣିଚର ଉପାଦାନ, କାଠ ସାମଗ୍ରୀ, ଲାଥ୍-ବୋର୍ଡ ଓ ଫାଇବର-ବୋର୍ଡ ପ୍ରସ୍ତୁତିରେ ବ୍ୟବହାର କରାଯାଏ।

ଭାରତ ଏବଂ ଶ୍ରୀଲଙ୍କାରେ ଏହି ଗଛକୁ ହିନ୍ଦୁମାନେ ପୂଜା କରନ୍ତି। ଏହାର ଫୁଲର ହୁଡ ବା ଫେଣା ନାଗଫେଣା ପରି ଦେଖାଯାଏ, ଯାହା ତଳେ ଗର୍ଭକେଶର ଧଳା ରଙ୍ଗର ଲିଙ୍ଗ ପରି ଦେଖାଯାଏ। ତେଣୁ ଏହାକୁ ଶିବମନ୍ଦିରରେ ରୋପଣ କରାଯାଏ। ଶ୍ରୀଲଙ୍କା, ଥାଇଲ୍ୟାଣ୍ଡ, ମିଆଁମାର, କାମ୍ବୋଡିଆ, ଲାଓସ, ବଙ୍ଗଳାଦେଶ, ନେପାଳ, ଭୁଟାନ, ମାଲେସିଆ ଏବଂ ଅନ୍ୟାନ୍ୟ ବୌଦ୍ଧ ଦେଶଗୁଡ଼ିକରେ ଏହାକୁ ବୌଦ୍ଧ ମଠ ଏବଂ ଅନ୍ୟାନ୍ୟ ଧାର୍ମିକ ସ୍ଥଳରେ ଲଗାଯାଇଥାଏ। ମାନବ ବସତି ସ୍ଥାପନ, କୃଷି ଜମି ସମ୍ପ୍ରସାରଣ, ପ୍ରାକୃତିକ ଜଙ୍ଗଲ ସଙ୍କୋଚନ ଇତ୍ୟାଦି କାରଣରୁ ନାଗଲିଙ୍ଗ ଉଦ୍ଭିଦର ସଂଖ୍ୟା ପ୍ରାୟତଃ ହ୍ରାସ ପାଇବାରେ ଲାଗିଛି। ପ୍ରକୃତି ସଂରକ୍ଷଣ ପାଇଁ ଆନ୍ତର୍ଜାତୀୟ ସଂଘ ଲାଲ ବିପନ୍ନ ଜାତି ତାଲିକାରେ ଏହି ଉଦ୍ଭିଦକୁ 'ସର୍ବନିମ୍ନ ଚିନ୍ତା' ବର୍ଗରେ ସ୍ଥାନିତ କରିଛି।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ନୂଆପଡ଼ାରେ ଜାଲିଆତି କରି ଜିତିଛି ବିଜେପି: ସ୍ନେହାଙ୍ଗିନୀ

ଭୁବନେଶ୍ୱର,୧୬।୧୧(ସମିସ): ନୂଆପଡା ଉପନିର୍ବାଚନରେ ଜିଲ୍ଲା ପ୍ରଶାସନ, ପୁଲିସ ଓ ନିର୍ବାଚନ କମିଶନଙ୍କୁ ହାତବାରିସୀ କରି ଭୋଟ ରିଗିଂ ମାଧ୍ୟମରେ ବିଜେପି ବିଜୟୀ ହୋଇଛି। ଏହାପରେ ମଧ୍ୟ ନୂଆପଡାବାସୀଙ୍କ ସହିତ ବିଜୁ ଜନତା ଦଳ ଥିଲା ଓ ଆଗକୁ ରହିବ। ନୂଆପଡ଼ାବାସୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ସେ ସବୁବେଳେ ଲଢ଼େଇ କରିବେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ଉପ ନିର୍ବାଚନରେ ଦଳୀୟ ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆ।



ରବିବାର ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ଛୁରିଆ କହିଥିଲେ ଯେ ନିର୍ବାଚନ ପ୍ରଚାର ସମୟରେ ନୂଆପଡାର ପ୍ରତ୍ୟେକ ପଞ୍ଚାୟତ ଓ ଏନଏସି ଅଞ୍ଚଳକୁ ଯାଇଥିଲେ ଓ ପ୍ରତ୍ୟେକ ସ୍ଥାନରେ ବିଜୁ ଜନତା ଦଳ ପ୍ରତି ଓ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ପ୍ରତି ଅକୁଣ୍ଠ ସମର୍ଥନ ଓ ଭଲପାଇବା ଥିବା ଦେଖିଥିଲେ । ନିର୍ବାଚନ ପ୍ରଚାର ସମୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଦଳର ନେତା ଓ କର୍ମୀ ମାନଙ୍କ ଉପରେ ଆକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଇ ତାଙ୍କ ମନୋବଳକୁ ଦୁର୍ବଳ କରିବା ପାଇଁ ଚେଷ୍ଟା କରାଯାଉଥିଲା। ଏହାର ଅଭିଯୋଗ ବାରମ୍ବାର ବିଜେଡି ପକ୍ଷରୁ ନିର୍ବାଚନ ଅଧିକାରୀଙ୍କ ଆଗରେ କରାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳି ନଥିଲା । ସାଇଲେଣ୍ଟ ପିରିଅଡରେ ନିର୍ବାଚନ ଆଚରଣ ବିଧିକୁ ସମ୍ମାନ ଜଣାଇ ବିଜେଡିର ନେତାମାନେ ନୂଆପଡା ଛାଡି ଦେଇଥିବା ବେଳେ ବିଜେପିର ନେତାମାନେ ସେଠାରେ ଉପସ୍ଥିତ ରହି ଟଙ୍କା ବଣ୍ଟା କାର୍ଯ୍ୟରେ ଲିପ୍ତ ରହିଥିଲେ । ବିଜେଡି ପକ୍ଷରୁ ଏହାର ଅଭିଯୋଗ ସ୍ଥାନୀୟ ପୁଲିସ ଷ୍ଟେସନରେ

- ଭୋଟ ରିଗିଂ ପଛରେ ପ୍ରଶାସନ, ପୁଲିସ ଓ ନିର୍ବାଚନ ଅଧିକାରୀ
- ଭୋଟରେ ପ୍ରତିଫଳିତ ହୋଇନାହିଁ ବିଜେଡିକୁ ମିଳିଥିବା ସମର୍ଥନ
- ନୂଆପଡ଼ାବାସୀଙ୍କ ସ୍ୱାର୍ଥ ପାଇଁ ସବୁବେଳେ ଲଢେଇ କରିବି

କରାଯିବା ପରେ ଅଭିଯୋଗ କରିଥିବା ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖି ଆର୍ମ୍ସ ଆକ୍ଟ ଲଗାଇ ଜେଲକୁ ପଠାଯାଇଥିଲା ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି।

ସେହିପରି ନିର୍ବାଚନ ଦିନ ଭୋଟିଂ ସମୟରେ ବୁଥ୍ ଗୁଡିକରେ ବିଜେପି କର୍ମୀମାନେ ବୁଥ୍ ଭିତରେ ପସି କ୍ୟାମ୍ପେନିଂ କରିବା ସହିତ ଭୋଟର ମାନଙ୍କୁ ପଦ୍ମଫୁଲରେ ଭୋଟ ଦେବା ପାଇଁ ଏକ ପ୍ରକାର ବାଧ କରୁଥିଲେ। ଏହାର ଅଭିଯୋଗ କରାଯାଇଥିଲେ ମଧ୍ୟ କର୍ତ୍ତୃପକ୍ଷ ଶୁଣି ନଥିଲେ। ବୁଥ୍ ରିଗିଂ କାରଣରୁ ଭୋଟିଂ ପ୍ରତିଶତ ଅହେତୁକ ବୃଦ୍ଧି ପାଇଥିଲା । ୪୧ଟି ବୁଥରେ ୯୦ ପ୍ରତିଶତରୁ ଅଧିକା ଭୋଟିଂ ହୋଇଥିଲା। ଭୋଟିଂ ଶେଷ ହେବା ବେଳେ ଅର୍ଥାତ ସନ୍ଧ୍ୟା ୫ଟା ସମୟରେ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ୭୫ ପ୍ରତିଶତ ଭୋଟିଂ ହୋଇଛି ବୋଲି ସୂଚନା ଦିଆଯାଇଥିଲା । ସନ୍ଧ୍ୟା ୭ଟା ସମୟରେ ଭୋଟିଂ ୭୭ ପ୍ରତିଶତ ହୋଇଛି ବୋଲି ସୂଚନା ଦିଆଗଲା । କିନ୍ତୁ ପରଦିନ ଦିବା ୧୦ ଘଟିକା ସମୟରେ ୮୧ ପ୍ରତିଶତ ଓ ୧୨ଟା ସମୟରେ ୮୩.୪୫ ପ୍ରତିଶତ ଭୋଟିଂ ହୋଇଛି ବୋଲି କୁହାଗଲା। ଏଥିରୁ ଭୋଟ୍ ଜାଲିଆତିର ଆଭାସ ମିଳୁଛି। ଶ୍ରୀମତୀ ଛୁରିଆ ଆହୁରି କହିଥିଲେ ଯେ ନୂଆପଡାବାସୀଙ୍କ ସମର୍ଥନ ବିଜୁ ଜନତା ଦଳ ପ୍ରତି ରହିଥିଲା। ମାତ୍ର ଜିଲ୍ଲା ପ୍ରଶାସନ, ପୁଲିସ ଓ ନିର୍ବାଚନ ଅଧିକାରୀଙ୍କୁ ହାତବାରିସୀ କରି ଭୋଟ ରିଗିଂ କରି ବିଜେପି ବିଜୟୀ ହୋଇଛି। ନୂଆପଡାବାସୀ ତାଙ୍କୁ ଓ ନବୀନ ପଟ୍ଟନାୟକଙ୍କ ପ୍ରତି ଦେଇଥିବା ସମର୍ଥନ ପାଇଁ ସେ କୃତଜ୍ଞତା ଜଣାଇଥିଲେ। ଭୁବନେଶ୍ୱର ମେୟର ସୁଲୋଚନା ଦାସ କହିଥିଲେ ଯେ ପ୍ରଶାସନିକ କଳକୁ ହାତବାରିସୀ କରି ବିଜେପି ହୁଏତ ନୂଆପଡା ଆସନକୁ ହାତେଇବା ପାଇଁ ସଫଳ ହୋଇଥାଇ ପାରେ, କିନ୍ତୁ ନୂଆପଡାବାସୀଙ୍କ ସମର୍ଥନ ଶ୍ରୀମତୀ ଛୁରିଆ ଓ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ପ୍ରତି ରହିଛି। ସେଥିପାଇଁ ନୂଆପଡ଼ାବାସୀଙ୍କୁ ଦଳ ପକ୍ଷରୁ ଆମେ କୃତଜ୍ଞତା ଜଣାଉଛୁ ବୋଲି ସେ ମତବ୍ୟକ୍ତ କରିଥିଲେ।

# ଦଳର ବିଭୀଷଣଙ୍କୁ ଭକ୍ତଙ୍କ ନାଲିଆଖି

ଭୁବନେଶ୍ୱର,୧୬।୧୧(ସମିସ): ସବୁ ଦଳରେ ବିଭୀଷଣଅଛନ୍ତି। କଂଗ୍ରେସରେମଧ୍ୟ କିଛି ବିଭୀଷଣ ଭଳି ଆତ୍ମଘାତୀ କାର୍ଯ୍ୟ କରି ଦଳର କ୍ଷତି କରିଛନ୍ତି। ନିର୍ବାଚନ ସମୟରେ ଦଳ ଏବଂ ତାଙ୍କ ବିରୋଧରେ ଅପପ୍ରଚାରର ବନ୍ୟା ସୃଷ୍ଟି କରାଯାଇଥିଲା। ଦଳରେ ଥାଇ ଆତ୍ମଘାତୀ କାର୍ଯ୍ୟ କରି ଦଳକୁ କ୍ଷତି ପହଞ୍ଚାଇଥିବା ବିଭୀଷଣମାନଙ୍କୁ କଦାପି ଛଡ଼ାଯିବ ନାହିଁ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ନୂଆପଡ଼ା ଉପନିର୍ବାଚନ ପରେ ଶ୍ରୀ ଦାସ ରବିବାର ଭୁବନେଶ୍ୱର ଫେରି ଗଣମାଧ୍ୟମକୁ ସୂଚନା ଦେଇ କଂଗ୍ରେସରେ ଥିବା କୁଚକ୍ରୀ ବିଭୀଷଣଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି କଡ଼ା ଚେତାବନୀ ଦେଇଛନ୍ତି।

ଭକ୍ତ କହିଛନ୍ତି, କଂଗ୍ରେସ ନୂଆପଡ଼ାରେ ଉତ୍ତମ ଭାବରେ ନିର୍ବାଚନ ପରିଚାଳନା କରିଥିଲା। କଂଗ୍ରେସର ପ୍ରଚାରରେ ଜନସମର୍ଥନ ଦେଖି ବିଜେପି ଭୟଭୀତ ହୋଇଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ସଭାରେ ଲୋକ ନ ହୋଇ ବଳକା ଖାଦ୍ୟ ଖାଇ ୧୭ଟି ଗାଇ ମରିଯିବା ଯୋଗୁଁ ବିଜେପି ଦଳ ନିରୁତ୍ସାହିତ ହୋଇ ଯାଇଥିଲା। ତେଣୁ ବିଜେପି ରଣନୀତି ବଦଳାଇ ମାଳମାଳ ମନ୍ତ୍ରୀ ଏବଂ ବିଧାୟକଙ୍କୁ ପ୍ରଚାର କାର୍ଯ୍ୟରେ ଲଗାଇଲା। ଦୁଇଜଣ ମୁଖ୍ୟମନ୍ତ୍ରୀ ନୂଆପଡ଼ାରେ ଲଗାତାର ତୋଫାନୀ ସଭା କଲେ। ଏପରିକି ଶହଶହ ଗାଡ଼ିଘୋଡ଼ା, ଗୀତବାଦ୍ୟ, ଯାତ୍ରା, ଅର୍କେଷ୍ଟ୍ରା ପାର୍ଟି ଆଦି ଆଣି ଦିନ ତମାମ ସମ୍ପୂର୍ଣ୍ଣ ରାସ୍ତା ଅବରୋଧ କରିଥିଲେ। ବିଜେପି ଗୋଟେ ଗୋଟେ ଦିନରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲା। ଗୁରୁତ୍ୱପୂର୍ଣ୍ଣ ବିଷୟ, ସମ୍ପୂର୍ଣ୍ଣ ନିର୍ବାଚନ ପୁଲିସ ପରିଚାଳନା କରୁଥିଲା। ଏହାର ପରିଣାମ ସ୍ୱରୂପ ବିଜେପି ନବନିର୍ବାଚିତ ବିଧାୟକ ଜୟ ଢୋଲକିଆ ବିଜୟୀ ହେବା ପରେ ଆଇଜି ହିମାଂଶୁ ଲାଲ୍‌ଙ୍କ ପାଦ ଛୁଇଁ ପ୍ରଣାମ କରିଥିଲେ। ଏଥିରୁ ନୂଆପଡ଼ା



- କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେଲେ ପିସିସି ସଭାପତି
- ଏହା ଉପନିର୍ବାଚନ ନୁହେଁ; ଗଣତନ୍ତ୍ର ପ୍ରତି ଉପହାସ ଥିଲା
- ହିମାଂଶୁ ଲାଲ୍‌ଙ୍କଠୁ ଜୟ ଆଶୀର୍ବାଦ ନେବାକୁ ସମାଲୋଚନା

ଉପନିର୍ବାଚନରେ ପୁଲିସର ଭୂମିକା କ'ଣ ଥିଲା, ତାହା ସ୍ପଷ୍ଟ ପ୍ରମାଣିତ ହୋଇଛି। ହିମାଂଶୁ ଲାଲ୍ ଆଶୀର୍ବାଦ ଦେଲେ ଏବଂ ଜୟ ଢୋଲକିଆ ଭୋଟ୍ ପାଇଲେ ବୋଲି ଭକ୍ତ କହିଛନ୍ତି।

ଅନ୍ୟପକ୍ଷରେ କଂଗ୍ରେସ ପାଇଥିବା ଭୋଟ ସଂଖ୍ୟାରେ ସେ ସନ୍ତୁଷ୍ଟ ବୋଲି ଭକ୍ତ କହିଛନ୍ତି। କାରଣ ମୃତ୍ୟୁବରଣ କରିଥିବା ବିଜେଡି ବିଧାୟକଙ୍କ ପୁଅ ଶାସକ ଦଳ ପ୍ରାର୍ଥୀ ହୋଇଥିଲେ। ସରକାରୀ କଳର ସମ୍ପୂର୍ଣ୍ଣ ଅପବ୍ୟବହାର କରାଯାଇଥିଲା। ଅଭୂତପୂର୍ବ ଭାବେ ଟଙ୍କା ଖର୍ଚ୍ଚ କରାଯାଇଥିଲା। ସମସ୍ତ ମନ୍ତ୍ରୀ, ବିଧାୟକ ପ୍ରଚାରରେ ନିଯୁକ୍ତ ହୋଇଥିଲେ। ଯେଉଁ ସ୍ଥାନରେ ଟଙ୍କା କାମ ଦେଲାନାହିଁ, ସେ ସ୍ଥାନମାନଙ୍କରେ ବିଜେପି ବିଭିନ୍ନ ଉପାୟରେ ଭୋଟ ଚୋରି କଲା। କଂଗ୍ରେସ ପାଇଁ ଏଭଳି ଉପନିର୍ବାଚନରେ ଉପଲବ୍ଧ କେବେ ମିଳି ନ ଥିଲା। ଏହି ଉପନିର୍ବାଚନ କଂଗ୍ରେସର ଆଶା ଓ ମନୋବଳକୁ ଦୃଢ଼ କରିଛି। ବିଜେପି ନିର୍ବାଚନ ପ୍ରଚାରକୁ କିଭଳି ମୁକାବିଲା କରାଯିବ, ଆମେ ଏଥିରୁ ମଧ୍ୟ ଶିକ୍ଷାଲାଭ କଲୁ ବୋଲି ଭକ୍ତ କହିଛନ୍ତି।

ଭକ୍ତ ଆହୁରି କହିଛନ୍ତି ଯେ ନିର୍ବାଚନ ଯେପରି ଲଢ଼ାଯାଏ କଂଗ୍ରେସ ସେପରି ଦାୟିତ୍ୱରେ ଥିବା ସମସ୍ତ କର୍ମୀ, କର୍ମକର୍ତ୍ତା ଏବଂ ବରିଷ୍ଠ ନେତୃବୃନ୍ଦଙ୍କୁ ନେଇ ସୁଚାରୁ ରୂପେ ନିର୍ବାଚନ ପରିଚାଳନା କରିଥିଲା। ଜନସାଧାରଣଙ୍କ ସହିତ ସୁସମ୍ପର୍କ ସ୍ଥାପନ କରିଥିଲା। ଦଳ ପକ୍ଷରୁ କୌଣସି ଅବହେଳା ହୋଇ ନାହିଁ। କିନ୍ତୁ ବିଜେପିର ଅନୀତିଯୁକ୍ତ ପ୍ରଚାର ସହ କଂଗ୍ରେସ ସମକକ୍ଷ ହୋଇପାରିଲା ନାହିଁ। ଗୋଟେ ଉପନିର୍ବାଚନ ପାଇଁ ସରକାରଙ୍କ ଏଭଳି ଜିଦ୍ ଏବଂ ଶାସନର ଦୁରୁପଯୋଗ ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ ବୋଲି ପିସିସି ସଭାପତି କହିଛନ୍ତି।

## ମାଓ ଦମ୍ପତିଙ୍କ ଆତ୍ମସମର୍ପଣ

ଫୁଲବାଣୀ/ଫିରିଙ୍ଗିଆ, ୧୬।୧୧ (ସମିସ): କନ୍ଧମାଳ ପୁଲିସ ନିକଟରେ ଆଜି ଏକ ମାଓ ଦମ୍ପତି ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ, ଛତିଶଗଡ଼ ସୁକମା ଜିଲ୍ଲା ପାରଲାଗାଟା ଗ୍ରାମର ଉଙ୍ଗା କଲମା ଓରଫ କିଶୋର(୨୫) ଓ ସୁକମା ଜିଲ୍ଲା ବାଜେ ଥାନା ଗୁମୁ ପଞ୍ଚାୟତର କିଣ୍ଡରାମ ଗ୍ରାମର ମାସେ ମାଣ୍ଡଭୀ (୨୨)। ସେମାନେ ୨୦୧୮ ମସିହାରେ ଲାଲବାହିନୀରେ ଯୋଗଦେଇ ବଂଶଧାରା-ଘୁମୁସର-ନୟାଗଡ଼ (ବିଜିଏନ) ସଙ୍ଗଠନରେ ପାର୍ଟି ମେମ୍ବର ଭାବେ କାମ କରୁଥିଲେ। ଦକ୍ଷିଣ-



କେନ୍ଦ୍ର ଓଡ଼ିଶା ମଧ୍ୟ ଦେଇ ଲାଲବାହିନୀର ଉତ୍ତର-ଦକ୍ଷିଣ କରିଡରକୁ ପୁନଃ ସକ୍ରିୟ କରିବା ପାଇଁ ସେମାନେ କାମ କରୁଥିଲେ ବୋଲି ଆଜି ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦକ୍ଷିଣାଞ୍ଚଳ ଆଇଜି ନିତିଶେଖର ପ୍ରକାଶ କରିଛନ୍ତି। ସେମାନେ ରାଜ୍ୟର ବିଭିନ୍ନ ସ୍ଥାନରେ ସଂଘଟିତ ଅନେକ ମାଓ କାର୍ଯ୍ୟକଳାପରେ ସମ୍ପୃକ୍ତ ରହିଥିବା କନ୍ଧମାଳ ଏସ୍‌ପି ହରିଣ ବିଶି କହିଛନ୍ତି।

ମାଓ ସଙ୍ଗଠନର ମିଥ୍ୟା ପ୍ରତିଶ୍ରୁତି, ହିଂସାତ୍ମକ କାର୍ଯ୍ୟକଳାପ, ନିର୍ଯାତନା, ବିକାଶକୁ ବିରୋଧ ଭଳି ଜନବିରୋଧୀ କାର୍ଯ୍ୟ ପ୍ରତି ବୀତସ୍ପୃହ ହେବା ସହିତ ସରକାରଙ୍କ ପକ୍ଷରୁ ଘୋଷିତ ଆକର୍ଷଣୀୟ ଥଇଥାନ ପ୍ୟାକେଜ ଦ୍ୱାରା ପ୍ରଭାବିତ ହୋଇ ସଙ୍ଗଠନ ଛାଡିବା ସହ ସମାଜର ମୁଖ୍ୟସ୍ରୋତକୁ ଫେରିବା ପାଇଁ ନିଷ୍ପତ୍ତି ନେଇଥିବା ଉଭୟ ପ୍ରକାଶ କରିଛନ୍ତି।

ଅପରପକ୍ଷେ, ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ସୂଚନା ଦେଇଛନ୍ତି ଆଇଜି ନିତିଶେଖର। ଏଥିସହ ବାଲିଗୁଡ଼ା ଥାନା ଅନ୍ତର୍ଗତ ପାଙ୍ଗୁରମାଲା ଗ୍ରାମ ନିକଟରେ ଡିଭିଏଫ ପକ୍ଷରୁ କମ୍ବିଂ ଅପରେସନ ଚାଲିଥିବା ବେଳେ ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ ହୋଇଥିବା ସୂଚନା ଦେଇଛନ୍ତି ଆଇଜି। ଜବତ ସାମଗ୍ରୀ ମଧ୍ୟରେ ରହିଛି ୪ଟି ମୋର୍ଟାର ସେଲ, ୩ଟି ଡିଟୋନେଟର, ଟିଫିନ ବକ୍ସ, ବିଦ୍ୟୁତ ତାର ସହିତ ଖାଦ୍ୟ ସାମଗ୍ରୀ, ପୋଷାକ ଓ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ।

## ଜିଲ୍ଲା ପ୍ରଶାସନ ପକ୍ଷରୁ ଜାରି ହେଲା ସ୍ୱତନ୍ତ୍ର ମାର୍ଗଦର୍ଶିକା

# ଦଣ୍ଡନାଚରେ ଦ୍ୱିଅର୍ଥବୋଧକ ଶବ୍ଦକୁ ନା

ବ୍ରହ୍ମପୁର,୧୬।୧୧(ସମିସ): ଗଞ୍ଜାମର ଗଣପର୍ବ ଦଣ୍ଡନାଚରେ କ୍ରମଶଃ ଅଶ୍ଳୀଳତା ଓ ଅପସଂସ୍କୃତି ପ୍ରବେଶ କରୁଛି। ଏହା ଲୋକଙ୍କ ଧାର୍ମିକ ଭାବନାକୁ କୁଠାରଘାତ କରୁଥିବାରୁ ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଏହା ବିରୋଧରେ ପ୍ରଶାସନିକସ୍ତରରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଆସୁଥିବା ବେଳେ ବର୍ତ୍ତମାନ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଏନେଇ ତତ୍ପରତା ପ୍ରକାଶ ପାଇଛି। ଦଣ୍ଡନାଚରେ ଅଶ୍ଳୀଳତା, ଅପସଂସ୍କୃତି ଓ ଅସାମାଜିକ ତତ୍ତ୍ୱର ନିରାକରଣ ସକାଶେ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇଛି।

ଧୂଳିଦଣ୍ଡ ସମୟରେ ପାରମ୍ପରିକ ଢଗଢ଼ମାଳି ଓ ଲୋକସଙ୍ଗୀତର ବ୍ୟବହାରକୁ ଯଦିଓ ଅନୁମତି ମିଳିଛି, ଦ୍ୱିଅର୍ଥବୋଧକ ଶବ୍ଦର ପ୍ରୟୋଗକୁ ନିଷିଦ୍ଧ କରାଯାଇଛି। ରାତ୍ରି ସମୟରେ ଆୟୋଜିତ ସାଂସ୍କୃତିକ ମଞ୍ଚରେ କେବଳ ପାରମ୍ପରିକ କଳାକୁ ଅନୁମତି ଦିଆଯାଇଛି। ବ୍ଲକ୍/ମହାନଗର ନିଗମ



ସ୍ତରରେ କମିଶନର, ତହସିଲଦାର, ବିଡିଓ, ଥାନା ଅଧିକାରୀ, କାର୍ଯ୍ୟନିର୍ବାହୀ ଅଧିକାରୀ, ବ୍ଲକ କଳା ସଂସ୍କୃତି ସଂଘକୁ ନେଇ ଏକ କମିଟି ଗଠନ କରାଯିବ। ପ୍ରତିବର୍ଷ ଦଣ୍ଡନାଚ ଆରମ୍ଭ ପୂର୍ବରୁ ଦଣ୍ଡନାଚର ମୁଖ୍ୟ ପରିଚାଳକଙ୍କୁ ନେଇ ବୈଠକ କରାଯାଇ ପ୍ରଶାସନ ପକ୍ଷରୁ ଜାରି ଦଣ୍ଡନାଚର ମାର୍ଗଦର୍ଶିକାର କଡ଼ାକଡ଼ି ଅନୁପାଳନ ନେଇ ଆଲୋଚନା କରାଯିବ। ଦଣ୍ଡନାଚର ମୁଖ୍ୟ ପରିଚାଳକ ଦଣ୍ଡନାଚ ପୂର୍ବରୁ ଆବଶ୍ୟକ ସର୍ତ୍ତ ପୂରଣ କରି ସ୍ଥାନୀୟ ଥାନା ଅଧିକାରୀଙ୍କଠାରୁ ଅନୁମତି ନେବେ। ଅନୁମତିପତ୍ରରେ ଦଣ୍ଡନାଚର ସବିଶେଷ ତଥ୍ୟ ଯଥା ନାଟକ

### ଖିଲାପ କଲେ କାର୍ଯ୍ୟାନୁଷ୍ଠାନ: ଜିଲ୍ଲାପାଳ

ସମ୍ପର୍କିତ ସମ୍ପୂର୍ଣ୍ଣ ବିବାରଣୀ, କଳାକାରଙ୍କ ନାମ ଓ ଠିକଣା, କେତେଦିନ ଓ କେଉଁ ସ୍ଥାନରେ ଦଣ୍ଡନାଚ ପରିବେଷଣ କରାଯିବ, ସେନେଇ ମଧ୍ୟ ତଥ୍ୟ ପ୍ରଦାନ କରିବାକୁ ହେବ। ଦଣ୍ଡନାଚ ପରିବେଷଣ ସମୟରେ ମାର୍ଗଦର୍ଶିକାର ଉଲ୍ଲଂଘନ ହେଲେ, ଉଲ୍ଲଂଘନକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ ସ୍ପଷ୍ଟ ଉଲ୍ଲେଖ କରାଯାଇଛି। ପ୍ରଶାସନ ପକ୍ଷରୁ ନିଆଯାଇଥିବା ଏଭଳି ପଦକ୍ଷେପକୁ କଳା ଓ ସଂସ୍କୃତି ପ୍ରେମୀଙ୍କ ସହିତ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

## ଦିବ୍ୟାଙ୍ଗ ନାବାଳିକାଙ୍କୁ ଦୁଷ୍କର୍ମ

କେନ୍ଦୁଝର, ୧୬।୧୧ (ସମିସ): କେନ୍ଦୁଝର ସଦର ଥାନା ଅଞ୍ଚଳରେ ୯ ବର୍ଷୀୟା ଦିବ୍ୟାଙ୍ଗ ନାବାଳିକାଙ୍କୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ନାବାଳିକାଙ୍କ ବାପାଙ୍କ ଅଭିଯୋଗକ୍ରମେ ପୁଲିସ୍ ଏକ ମାମଲା ରୁଜୁ କରି ଅଭିଯୁକ୍ତ ପଶ୍ଚିମବଙ୍ଗ ବାଙ୍କୁରା ଅଞ୍ଚଳର ଅସିଫ୍ ଅନୱାର୍ ଖାନ୍‌କୁ କାଶୀପୁର ନିକଟରୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନାନୁସାରେ, ପୀଡ଼ିତାଙ୍କ ବାପାଙ୍କ ଗାଁରେ ଏକ ଗ୍ରୋସରୀ ଦୋକାନ ଅଛି। ଅସିଫ୍ ସେ ଅଞ୍ଚଳର ଦୋକାନଗୁଡ଼ିକରେ ପାଉଁରୁଟି ବିକିବାକୁ ଯାଇଥାଏ। ଗତକାଲି ମଧ୍ୟ ପାଉଁରୁଟି ବିକିବା ପାଇଁ ଯାଇଥିବା ବେଳେ ଦୋକାନ ବନ୍ଦ ଥିବାରୁ ସେ ପୀଡ଼ିତାଙ୍କ ଘରକୁ ଯାଇଥିଲା। ଘରେ କେହି ନଥିବା ଦେଖି ନାବାଳିକାଙ୍କୁ ଦୁଷ୍କର୍ମ କରି ଫେରାର୍ ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ନାବାଳିକାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆଜି ନାବାଳିକାଙ୍କ ବାପା ସଦର ଥାନାରେ ଅଭିଯୋଗ କରିଛନ୍ତି।

- ଆଇନଜୀବୀ ପୀତବାସ ହତ୍ୟା ମାମଲା

# ଚିଣ୍ଟୁ, ଯୋଗୀ ଓ କୁରୁପତିଙ୍କ ଟିଆଇ ପରେଡ୍ ଆଜି

ବ୍ରହ୍ମପୁର, ୧୬।୧୧ (ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ କୁରୁପତି ଭୂୟାଁ, ଚିଣ୍ଟୁ ପ୍ରଧାନ ଓ ଯୋଗେନ୍ଦ୍ର ରାଉତ ଓରଫ୍ ଯୋଗୀର ସୋମବାର ବ୍ରହ୍ମପୁର ଜେଲ୍‌ରେ ଟିଆଇ ପରେଡ୍ ହେବ। ଏଥିପାଇଁ ତଦନ୍ତକାରୀ ଅଧିକାରୀ ତଥା ଟାଉନ ଏସ୍‌ଡିପିଓ ପ୍ରିୟସ ରଂଜନ ଛୋଟରାୟ ସ୍ଥାନୀୟ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଆବେଦନ କରିଥିଲେ। କୋର୍ଟ ଅନୁମତି ଦେଇଥିବା ଜଣାପଡ଼ିଛି। ସୋମବାର ଆକାଶ ବିଷୋୟୀ ଓ ଏନ୍ କିରଣ କୁମାରଙ୍କ ସମେତ ୩ରୁ ଉର୍ଦ୍ଧ୍ୱ ସାକ୍ଷୀ ଜେଲରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଚିଣ୍ଟୁ, ଯୋଗୀ ଓ କୁରୁପତିଙ୍କୁ ଟିଆଇ ପରେଡ୍‌ରେ ଚିହ୍ନଟ କରିବାର କାର୍ଯ୍ୟକ୍ରମ ଥିବା ସୂଚନା ମିଳିଛି। ଗତ ଶନିବାର ଗିରଫ ୫ ଅଭିଯୁକ୍ତ ଶିଶୁପାଳ କୁମାର ପାଶ୍ୱାନ, ସୀମାଞ୍ଚଳ ନାୟକ, କୁନ୍ଦନ କୁମାର, ବିପିନ ସ୍ୱାଇଁ ଓ ଉମା ଶଙ୍କର ବିଶୋୟୀଙ୍କ ଟିଆଇ ପରେଡ୍ ହୋଇଥିଲା।

ହତ୍ୟାକାଣ୍ଡ ଦିନ ଚିଣ୍ଟୁ ବାଇକ୍ ଚଳାଉଥିବା ବେଳେ କୁରୁପତି ଗୁଳି ଚଳାଇଥିଲା ବୋଲି ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ। ଏପରିକି, ଚିଣ୍ଟୁ ଓ କୁରୁପତିଙ୍କ ମୁହଁରେ କଳାକନା ବା ମୁଖା ପିନ୍ଧାଇ ଘଟଣାସ୍ଥଳରେ ସିନ୍ ରିକ୍ରିଏସନ୍ ମଧ୍ୟ କରାଯାଇଥିଲା। କିନ୍ତୁ କୋର୍ଟଚାଲାଣ ବେଳେ ସମସ୍ତ ଅଭିଯୁକ୍ତଙ୍କ ମୁହଁ ଖୋଲା ରହିଥିବା ଦେଖିବାକୁ ମିଳିଥିଲା। ଏହାଦ୍ୱାରା ଅଭିଯୁକ୍ତଙ୍କୁ ସମସ୍ତେ ଦେଖିବାର ସୁଯୋଗ ପାଇଥିଲେ। ତେଣୁ, ବର୍ତ୍ତମାନ ଟିଆଇ ପରେଡ୍ ଜରିଆରେ ଅଭିଯୁକ୍ତଙ୍କୁ ଚିହ୍ନଟ କରିବାର ଯଥାର୍ଥତାକୁ ନେଇ ପ୍ରଶ୍ନ ଉଠିଛି।

## ବଳଦେବ ଜୀଉ ମନ୍ଦିର ଉନ୍ନୟନ ପ୍ରକଳ୍ପର ସମୀକ୍ଷା

# ପାରିପାର୍ଶ୍ୱିକ ଉନ୍ନତୀକରଣ ଉପରେ ପୂର୍ତ୍ତ ମନ୍ତ୍ରୀଙ୍କ ଗୁରୁତ୍ୱ

ଭୁବନେଶ୍ୱର,୧୬।୧୧(ସମିସ): କେନ୍ଦ୍ରାପଡ଼ାର ପ୍ରସିଦ୍ଧ ବଳଦେବ ଜୀଉ ମନ୍ଦିରର ଐତିହ୍ୟ, ପର୍ଯ୍ୟଟନ ଓ ଭକ୍ତଙ୍କ ଭାବାବେଗ ଦୃଷ୍ଟିରୁ ସ୍ୱତନ୍ତ୍ରତା ରହିଛି। ମନ୍ଦିରର ପୂଜାବିଧି ଓ ପରମ୍ପରା ମଧ୍ୟ



ଅନେକ ଜଗନ୍ନାଥପ୍ରେମୀଙ୍କୁ ଆକୃଷ୍ଟ କରିଥାଏ। ବର୍ତ୍ତମାନ ସମୟରେ ମନ୍ଦିର ଓ ପାରିପାର୍ଶ୍ୱିକ ଉନ୍ନତି ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ରହିଛନ୍ତି। ଏହି କ୍ରମରେ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ବଳଦେବ ଜୀଉ ମନ୍ଦିର ଓ ପାରିପାର୍ଶ୍ୱର୍କ ଉନ୍ନତି ନେଇ ଏକ ସମୀକ୍ଷା ବୈଠକ କରାଯାଇଛି। ବୈଠକରେ ମୁଖ୍ୟ ମନ୍ଦିରର ଆବଶ୍ୟକ ମରାମତି, ପାରିପାର୍ଶ୍ୱର୍କ ଉନ୍ନତି ସହ ଆନନ୍ଦ ବଜାର, ରୋଷଘର, ସିନ୍ଦୁକ ଘର, ନିକଟରେ ଥିବା ପୁଷ୍କରିଣୀର ଉନ୍ନତିକରଣ ନେଇ କ'ଣ ପଦକ୍ଷେପ ନିଆଯାଇପାରିବ ସେ ନେଇ ପ୍ରସ୍ତାବିତ ଥ୍ରୀ-ଡି ନକ୍ସାର ତର୍ଜମା କରାଯାଇଛି। ଏଥି ସହିତ ମାଉସୀ ମା' ମନ୍ଦିରର ଉନ୍ନତି କରଣ, ପାର୍କିଂ ସ୍ଥଳ, ରଥଖଳା, ଯାତ୍ରୀନିବାସ, ଭୋଗ ଦୋକାନ, ପୁଲିସ କଣ୍ଟ୍ରୋଲ ରୁମ୍ ଆଦିର ଆଧୁନିକୀକରଣ ବାବଦରେ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ଓ ଜିଲ୍ଲାପାଳ ରଘୁରାମ ଆର୍ ଆୟାର ଓ ମନ୍ଦିର ସେବାୟତ ମାନଙ୍କ ସହ ଆଲୋଚନା ହୋଇଥିଲା। ଏହି ଅବସରରେ ବଳଦେବ ଜୀଉ ମନ୍ଦିର ଓ ପାରିପାର୍ଶ୍ୱର୍କ ଉନ୍ନତି ପାଇଁ ବିସ୍ତୃତ ପ୍ଲାନ୍ ରିପୋର୍ଟ ପ୍ରସ୍ତୁତ କରି ସରକାରଙ୍କୁ ପ୍ରଦାନ କରିବା ପାଇଁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ାର ଅତିରିକ୍ତ ଜିଲ୍ଲାପାଳ, ମନ୍ଦିର ସେବାୟତ ସଂଘର ପ୍ରତିନିଧି ବୃନ୍ଦ ଏବଂ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

**NOTICE (for Minor)**

By virtue of an affidavit sworn before The Executive Magistrate, Udala, Mayurbhanj, dated 14-11-2025 I, Bariyal Hembram, Address AT- Jamgandia, PO-Paktia, PS-Jharpokharia, Dist-Mayurbhanj, PIN-757093 declare that I have changed the name of my son from Gabinda Murmu to Gobinda Hembram. Henceforth, he shall be known as Gobinda Hembram for all purposes.

Bariyal Hembram

ADMISSION NOTICE-2025-26

**Manjari Devi College**

Affiliated to Utkal University, OUHS, PCI, OSBP & DMLT/RTEB

Campus: 262, Puranpadhan, Balakati, Bhubaneswar

Mob. 7019799641, 7978608747, 9853801459

Email: mdscnbbsr@gmail.com

- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL

## ଅବଶିଷ୍ଟାଂଶ

### ଋଣ ଚାପରେ...

ପ୍ରଦର୍ଶନ କରିଛନ୍ତି। ଅନ୍ୟପକ୍ଷରେ ଗତ ଦଶନ୍ଧିରେ ଉତ୍ତମ ଆର୍ଥିକ ପରିଚାଳନା ନିମନ୍ତେ ଓଡ଼ିଶା, ଗୁଜରାଟ ଓ ମହାରାଷ୍ଟ୍ର ପରି ତିନିଟି ରାଜ୍ୟର ଜିଏସ୍‌ଡ଼ିପି ଓ ଋଣ ଅନୁପାତ ଭଲ ଥିବା କୁହାଯାଇଛି। ଓଡ଼ିଶାର ଋଣ ଓ ଜିଏସ୍‌ଡିପି ଅନୁପାତ ୧୪ % ମଧ୍ୟରେ ଥିବାବେଳେ ଗୁଜରାଟରେ ୧୫.୩% ଓ ମହାରାଷ୍ଟ୍ରରେ ୧୯ % ରହିଥିବା କୁହାଯାଇଛି।

ଅନ୍ୟପକ୍ଷରେ ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୟମାସିକ (ଅକ୍ଟୋବର-ଡ଼ିସେମ୍ବର) ମଧ୍ୟରେ ଦେଶର ୨୬ଟି ରାଜ୍ୟ ବଜାରରୁ ୨.୮୭ ଲକ୍ଷ କୋଟି ଟଙ୍କା ଓ ଶେଷ ତ୍ରୟମାସିକ ପାଇଁ ପ୍ରାୟ ସମାନ ପରିମାଣର ଋଣ ଉଠାଇବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ସମ୍ପ୍ରତି ଦେଶର ରାଜ୍ୟ ସମୂହର ଋଣ ଓ ଜିଏସ୍‌ଡିପିର ହାରାହାରି ଅନୁପାତ ୨୮.୮% ପହଞ୍ଚିଥିବାବେଳେ ଆର୍ଥିକ ବର୍ଷ ଶେଷ ବେଳକୁ ଏହା ୩୧% ଅତିକ୍ରମ କରିବାର ଆଶଙ୍କା ରହିଛି। ଯାହା ରାଜ୍ୟଗୁଡ଼ିକର ବିକାଶ ହାରକୁ ପ୍ରଭାବିତ କରିବାର ଯଥେଷ୍ଟ ସମ୍ଭାବନା ରହିଛି।

### ଛିଡୁନି ବିହାର...

କରିବାକୁ ଦାବି କରିଥିବା ଜଣାପଡ଼ିଛି। ଗତ ମନ୍ତ୍ରିମଣ୍ଡଳରେ ବିଜେପିର ୧୯ ଏବଂ ଜେଡିୟୁର ୧୩ ଜଣ ମନ୍ତ୍ରୀ ଥିଲେ। ତେବେ ଉପମୁଖ୍ୟମନ୍ତ୍ରୀ ଥିବା ବିଜେପିର ଦୁଇ ନେତା ସମ୍ରାଟ ଚୌଧୁରୀ ଏବଂ ବିଜୟ ସିହ୍ନାଙ୍କୁ ଏହି ପଦରେ ରଖାଯିବା ନେଇ କିଛି ନିଶ୍ଚିତ ହୋଇନାହିଁ। ଏନଡିଏ ନେତାମାନଙ୍କ ମଧ୍ୟରେ ଏସଂପର୍କରେ ବିଚାର ଆଲୋଚନା ଚାଲିଛି। ମଙ୍ଗଲ ପାଣ୍ଡେ ଓ ରଜନୀଶ କୁମାରଙ୍କ ମଧ୍ୟରୁ ଜଣଙ୍କୁ ଉପ- ମୁଖ୍ୟମନ୍ତ୍ରୀ ପଦ ମିଳିବା ନେଇ ଚର୍ଚ୍ଚା ହେଉଛି। ବିହାରା ବିଧାନସଭା ନିର୍ବାଚନରେ ବିଜେପିକୁ ସର୍ବାଧିକ ୮୯ ଆସନ ମିଳିଥିବା ବେଳେ ଜେଡିୟୁ ୮୫, ଏଲ୍‌ଜେପି (ଆର) ୧୯, ହାମ୍‌ସ ୫ ଓ ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା ୪ଟି ଆସନ ହାସଲ କରିଛନ୍ତି।

### ଭଉ୍ତା ଟଙ୍କା ପାଇଁ...

ହୋଇଥିଲା। ଏହା ଦେଖି ପାଖରେ ଥିବା ବଡ଼ଭାଇ ପ୍ରକାଶ ଓ ତପନ ବିରୋଧ କରିବାରୁ ରମେଶ ସେମାନଙ୍କୁ ଆକ୍ରମଣ କରିଥିଲା। ଏ ସଂପର୍କରେ ମା' ହେମ ସାହୁ ଓ ଅନ୍ୟ ୩ ଭାଇ ଘଟଣା ସମ୍ପର୍କରେ ଥାନାରେ ଜଣାଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆପୋଷ ସମାଧାନ କରି ଫେରିଥିଲା। କିନ୍ତୁ ଏହାକୁ ନେଇ ମନେମନେ ରମେଶ ଭୀଷଣ ରାଗି ଯାଇଥିଲା। ତେଣୁ ବିଳମ୍ବିତ ରାତିରେ ସେ ପ୍ରଚୁର ମଦ ପିଇ ଘରକୁ ଫେରିଥିଲା। ପଦ୍ମନାଭ ଏକୁଟିଆ ଶୋଇଥିବା ଦେଖି ତାଙ୍କ ପେଟରେ ଛୁରି ଭୁସି ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। କିନ୍ତୁ ଏ ସଂପର୍କରେ ପରିବାରଲୋକେ ଟେର୍ ପାଇନଥିଲେ। ସକାଳୁ ପରିବାରଲୋକ ଏ ସଂପର୍କରେ ଜାଣିବା ପରେ ଥାନାରେ ଏତଲା ଦେଇଥିଲେ। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ରମେଶକୁ ଅଟକ ରଖି ତଦନ୍ତ କରୁଛି।

### ଧରାପଡ଼ି ନାହାନ୍ତି...

ନ ଦେବାକୁ ଗତ ମାର୍ଚ୍ଚ ମାସ ୧ ତାରିଖରେ ଚୌଦ୍ୱାରା ଜେଲ୍ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଏହା ସତ୍ତ୍ୱେ ଚିଫ୍ ୱାର୍ଡର ଭଗତଙ୍କ ଉପରୁ ମାତ୍ର ୧୫ ଦିନ ପରେ ନିଲମ୍ବନ ଆଦେଶ ହଟାଯାଇ ପୁଣିଥରେ କେନ୍ଦ୍ରାପଡ଼ା ଜେଲ୍‌ରେ ଅବସ୍ଥାପିତ କରାଯାଇଛି। ଚୌଦ୍ୱାର ଜେଲ୍‌ରୁ ଯେଉଁଦିନ ଅଭିଯୁକ୍ତଦ୍ୱୟ ଫେରାର୍ ହେଲେ, ଉକ୍ତ ଦିନ ଭଗତ ଚିଫ୍ ୱାର୍ଡର ଡ୍ୟୁଟିରେ ଥିଲେ। ରାତି ସମୟରେ ସେ ଡ୍ୟୁଟି ନ କରି ଜେଲ୍‌ର ମେଡିକାଲ ରୁମ୍‌ରେ ଶୋଇଥିବା ସଙ୍ଗୀନ ଅଭିଯୋଗ ତାଙ୍କ ବିରୋଧରେ ଆସିଥିଲା। ଏହାପରେ ତାଙ୍କୁ ନିଲମ୍ବନ କରାଗଲା। ଏଭଳି ଦାୟିତ୍ୱହିନତା ସତ୍ତ୍ୱେ ବି ଜେଲ୍ ବିଭାଗ ତାଙ୍କୁ ମାତ୍ର ୧୫ ଦିନରେ ପୁନଃ ଅବସ୍ଥାପିତ କରାଯିବାକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ୫ ଡିଗ୍ରୀକୁ ଖସିଲା...

ସ୍ୱାଭାବିକ ତୁଳନାରେ ତାପମାତ୍ରା ୫.୧ ଡିଗ୍ରୀ କମ୍ ରେକର୍ଡ ହୋଇଛି। ଏହାସହିତ ଭୁବନେଶ୍ୱର ତାପମାତ୍ରା ୧୩ ଡିଗ୍ରୀ ଓ ସ୍ୱାଭାବିକ ତୁଳନାରେ ୬.୪ ଡିଗ୍ରୀ ତଳେ ରହିଥିବାରୁ ଏହି ଦୁଇ ସ୍ଥାନରେ ଶୀତ ଲହରୀ ସ୍ଥିତି ସୃଷ୍ଟି ହୋଇଛି। ଅନ୍ୟ ସହରଗୁଡ଼ିକ ଯଥା ଦାରିଙ୍ଗବାଡ଼ିରେ ତାପମାତ୍ରା ୮ ଡିଗ୍ରୀ, ସେମିଳିଗୁଡ଼ିରେ ୭.୪, ଫୁଲବାଣୀରେ ୯ ଡିଗ୍ରୀ ରେକର୍ଡ ହୋଇଛି। ରାଉରକେଲା ୧୦.୨, ଝାରସୁଗୁଡା ୧୦.୬, କେନ୍ଦୁଝର ୧୦.୮, ସମ୍ବଲପୁର ୧୪.୨, ହୀରାକୁଦ ୧୫.୩, ବାଲେଶ୍ୱର ୧୫.୪, ଗୋପାଳପୁର ୧୫.୭, ଚାନ୍ଦବାଲି ୧୫.୮, ପାରାଦୀପ ୧୫.୮ ଓ ପୁରୀ ରେ ତାପମାତ୍ରା ୧୭.୮ ଡିଗ୍ରୀ ରେକର୍ଡ ହୋଇଛି। ତାପମାତ୍ରା ହ୍ରାସ ପ୍ରଭାବରେ ଆଭ୍ୟନ୍ତରୀଣରୁ ନେଇ ଉପକୂଳ, ପଶ୍ଚିମରୁ ନେଇ ଦକ୍ଷିଣ ଓଡ଼ିଶା ସବୁଠି ଶୀତର ଲହରୀ ଦେଖିବାକୁ ମିଳୁଛି। ଏଭଳି ସ୍ଥିତି ଆଗାମୀ ୨ ଦିନ ଯାଏଁ ଅର୍ଥାତ ୧୮ ତାରିଖ ପର୍ଯ୍ୟନ୍ତ ଏଭଳି ସ୍ଥିତି ଜାରି ରହିବାର ସମ୍ଭାବନା ରହିଛି। ଏହାପରେ ତାପମାତ୍ରାରେ ୨-୩ ଡିଗ୍ରୀ ବଢ଼ିବା ସହ ଶୀତର ପରିମାଣ ସାମାନ୍ୟ ହ୍ରାସ ପାଇବ ବୋଲି ଅନୁମାନ କରାଯାଉଛି। ମାତ୍ର ଏହି ସମୟରେ ପଶ୍ଚିମ ସହ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ଜିଲ୍ଲାରେ ପୂର୍ବ ଭଳି ଥଣ୍ଡା ଅନୁଭୂତ ହେବ। ଶ୍ରୀଲଙ୍କା ଉପକୂଳ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ପ୍ରଭାବରେ ତାମିଲନାଡୁ ଓ ଦକ୍ଷିଣ ଉପକୂଳ ଆନ୍ଧ୍ରପ୍ରଦେଶ ଏବଂ ରୟାଲସୀମାରେ ଆଜି ଓ ଆସନ୍ତାକାଲି ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତେବେ ଲଘୁଚାପର ପ୍ରଭାବ ଓଡ଼ିଶା ଉପରେ ନଥିବା ବେଳେ ରାଜ୍ୟକୁ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ଆସିବା ଯୋଗୁଁ ଥଣ୍ଡା କମିବାର ସମ୍ଭାବନା ରହିଛି।

**ସର୍ବସାଧାରଣ ସୂଚନା**

ଓମେଗା ଏଣ୍ଟରପ୍ରାଇଜେସ୍, ସରଣ୍ଡାମାଲ ପଥର ଖଣି -୨ ର ଲିଜ୍ ଧାରକ ଯାହାର ପ୍ରକଳ୍ପକୁ ତୁରନ୍ତ EC ପ୍ରଦାନ କରାଯାଇଛି ଏବଂ EC ଚିଠିର କପି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ୱେବ୍‌ସାଇଟ୍ (www.parivesh.nic.in) ରେ ଉପଲବ୍ଧ।

**NOTICE**

It is hereby noticed to all concerned that the partnership firm M/s SARALA SERVICE STATION bearing Reg. No. 470/2012 of District Cuttack is reconstituted with effect from the 3rd November 2025 as follows :-

1. Shri. Rajendra Kumar Sahoo .............. Retiring Partner.
2. Shri. Manas Ranjan Sahoo .............. Incoming Partner.
3. Shri. Chandra Shekhar Sahoo .............. Existing Partner

Shri. CHANDRA SHEKHAR SAHOO
Managing Partner

### ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ

# 'ସମାଜକୁ ସଚେତନ କରିବାରେ ଗଣମାଧ୍ୟମ ଭୂମିକା ଗୁରୁତ୍ୱପୂର୍ଣ୍ଣ'



ପାରଳାଖେମୁଣ୍ଡି,୧୬ ।୧୧(ସମିସ): ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଛି। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗଜପତି ଜିଲ୍ଲାପାଳ ମଧୁମିତା ଯୋଗ ଦେଇ ଗଜପତି ଜିଲ୍ଲାର ସମସ୍ତ ଗଣମାଧ୍ୟମ ପ୍ରତିନିଧି ଜିଲ୍ଲାର ଅପହଞ୍ଚ ଗାଁ ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ବିଭିନ୍ନ ଖବର ସଂଗ୍ରହ କରି ପ୍ରସାର ପ୍ରଚାର କରି ସମସ୍ତ କ୍ଷେତ୍ରରେ ଆଗକୁ ନେବାରେ ସହାୟକ ହେଉଛନ୍ତି। ସମାଜକୁ ସଚେତନ କରିବାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସେହିପରି ପ୍ରଶାସନକୁ ପ୍ରତି ସମୟରେ ସହଯୋଗ କରୁଥିବାରୁ ସମସ୍ତ ଗଣମାଧ୍ୟମ ପ୍ରତିନିଧି ପ୍ରଶଂସାଯୋଗ୍ୟ ବୋଲି କହିଥିଲେ। ଏହି ଉପଲକ୍ଷେ ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧ୍ୟମ ବିଶ୍ୱସନୀୟତା ସଂରକ୍ଷଣ ଶୀର୍ଷକଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହୋନାଗା ଯୋଗ ଦେଇ ସମାଜ ବିକାଶରେ ଓ ତୃଣମୂଳସ୍ତରରୁ ଲୋକଙ୍କର ବିଭିନ୍ନ ସମସ୍ୟାକୁ ଲୋକଲୋଚନକୁ ଆଣିବାରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ଗରୁଡ଼ଧ୍ୱଜ ଚୌଧୁରୀ ଓ ବସନ୍ତ କୁମାର ପଣ୍ଡା ଯୋଗ ଦେଇଥିବା ବେଳେ ଡିଜେନ୍ଦ୍ର ନାଥ ପାଢ଼ୀ ସଭା ପରିଚାଳନା କରିଥିଲେ। ଶେଷରେ ରୂପେଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲାର ସମସ୍ତ ଗଣମାଧ୍ୟମ ପ୍ରତିନିଧିମାନେ ଏହି ଆଲୋଚନା ଚକ୍ରରେ ଅଂଶଗ୍ରହଣ କରି ଅଭିଭାଷଣ ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଦୀପ୍ତ ଗୁରୁମାଇ ପରିଚାଳନା କରିଥିବା ବେଳେ ବିଭାଗର ବରିଷ୍ଠ କର୍ମଚାରୀ ଅପରାନନ୍ଦ ଆନନ୍ଦ ଓ ପ୍ରଦୀପ କୁମାର ରଥ ସହଯୋଗ କରିଥିଲେ।

### ■ ଜାତୀୟ ପ୍ରେସ୍ ଦିବସ ପାଳିତ

# 'ସକ୍ରେଟିସଙ୍କ ପରି ସବୁ ସାମ୍ବାଦିକ ପ୍ରଶ୍ନ ମଣିଷ ହେବା ଉଚିତ'

କାଶୀନଗର,୧୬।୧୧(ସମିସ): ଗଜପତି ଜିଲ୍ଲା କାଶୀନଗର ପ୍ରେସ୍ କ୍ଲବ୍ ପକ୍ଷରୁ ରବିବାର ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଛି। କ୍ଲବ୍ ସଭାପତି ରାଜେଶ ମିସାଲଙ୍କ ପରିଚାଳନାରେ ଆୟୋଜିତ ସମାବେଶରେ ସମ୍ପାଦକ ଏସ୍. ପ୍ରଭାକର ରାଓ ବିବରଣୀ ପାଠ କରିଥିଲେ। ଗଜପତି ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ କାଶୀନଗର ଏନ୍‌ଏସି ଉପାଧ୍ୟକ୍ଷ ରଘୁରାମ ସାହୁ, ସାଂସଦ ପ୍ରତିନିଧି ଆର୍. ସତୀଶ କୁମାର ଓ ସାମ୍ବାଦିକ ସି.ଏଚ୍ ଲୋକନାଥମ୍ ମଞ୍ଚାସୀନ ହୋଇ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ତଥା କାଶୀନଗର ନାଗରିକ ମହାସଭା ଓ ଦକ୍ଷିଣ ଓଡିଶା ସାହିତ୍ୟ ସମ୍ମିଳନୀ ସଭାପତି ପ୍ରଶାନ୍ତ ମିଶ୍ର ଯୋଗ ଦେଇ ସକ୍ରେଟିସଙ୍କ ପରି ସବୁ ସାମ୍ବାଦିକ ପ୍ରଶ୍ନମଣିଷ ହେବା ଉଚିତ୍। ସ୍ଥିତାବସ୍ଥା ଓ କ୍ଷମତାସୀନ ସରକାରଙ୍କୁ ପ୍ରଶ୍ନ କରିବା ଦେଶଦ୍ରୋହ ନୁହେଁ। ଯେଉଁମାନେ ଦେଶକୁ ବାସ୍ତବରେ ଭଲ ପାଆନ୍ତି , ସେମାନେ ହିଁ ଜନସ୍ୱାର୍ଥ ସପକ୍ଷରେ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ ପ୍ରଶ୍ନ କରିଥାନ୍ତି। ଅନ୍ୟମାନଙ୍କ ଭିତରେ କାଉନସିଲର କେ.ରାମା ରାଓ, ଭି.ଚଳପତି ରାଓ, ଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ କେ.ବିଜୟ କୁମାର, ବରିଷ୍ଠ ନାଗରିକ ରବୀନ୍ଦ୍ର କୁମାର ପଣ୍ଡା ଓ ଯୁବ ଆଇନଜୀବୀ ଏମ.ପ୍ରବୀଣ କୁମାର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସମାବେଶ ଆରମ୍ଭରେ ଦିବଂଗତ ସାମ୍ବାଦିକ ଟି.କ୍ରିଷ୍ଣାଙ୍କ ଉଦ୍ଦେଶ୍ୟରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପି.ମୂରଲୀ , ଶୁଭ୍ରାଂଶୁ ପାତ୍ରଙ୍କ ସମେତ ପ୍ରେସ୍ କ୍ଲବ୍‌ର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ କ୍ଲବ୍‌ର ଆଇନ ପରାମର୍ଶଦାତା ଜଗଦୀଶ ପାତ୍ର ଧନ୍ୟବାଦ ଦେଇଥିଲେ।




# ହାଡ଼ଭଙ୍ଗା ଶୀତ; ୫.୮ ଡିଗ୍ରୀକୁ ଖସିଲା ପାରଦ





ଜି.ଉଦୟଗିରି,୧୬।୧୧(ସମିସ): କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡ଼ି ଓ ଜି. ଉଦୟଗିରିରେ ଦିନକୁ ଦିନ ପାରଦ ଖସୁଥିବା ବେଳେ ହାଡ଼ଭଙ୍ଗା ଶୀତ ଅନୁଭୂତ ହେଲାଣି। ଶନିବାର ଜି.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୮.୨ ଡିଗ୍ରୀ ରହିଥିବା ବେଳେ ରବିବାର ସର୍ବନିମ୍ନ ତାପମାତ୍ରା ୫.୮ ଡିଗ୍ରୀ ରହିଥିବା କୃଷି ଗବେଷଣା କେନ୍ଦ୍ର ରେକର୍ଡ କରିଛି। ଏଥିଯୋଗୁ

■ ଜନଜୀବନ ଅସ୍ତବ୍ୟସ୍ତ
■ ଖୋଲିଲା ଶୀତ କାଳୀନ ଆଶ୍ରୟସ୍ଥଳ

ରବିବାର ହାଡ଼ଭଙ୍ଗା ଶୀତ ଅନୁଭୂତ ହୋଇଛି। ଦିନକ ଭିତରେ ଦୁଇରୁ ତିନି ଡିଗ୍ରୀ କମିବା ଫଳରେ ଜୀବନ ଜୀବିକା ପ୍ରଭାବିତ ହୋଇଛି। ଦିନ ୧୦ଟା ଭିତରେ ଓ ରାତିରେ ଆଠଟା ପରେ ଘରୁ ବାହାରିବା ମୁସ୍କିଲ ହେଉଥିବା ବେଳେ ଶିଶୁଙ୍କ ସହିତ ବୟସ୍କ ବ୍ୟକ୍ତି, ଶ୍ୱାସରୋଗୀଙ୍କ ପାଇଁ ସମସ୍ୟା ହୋଇଛି। ଦିନ ତମାମ ଲୋକେ ଗରମ ପୋଷାକ ପରିଧାନ କରିବା ସହିତ ଖରାରେ ରହୁଥିବା ବେଳେ ସୂର୍ଯ୍ୟ ଅସ୍ତ ହେଉ ହେଉ ମାଡି ଆସୁଛି ଶୀତ। ଲୋକେ ଶୀତରୁ ରକ୍ଷା ପାଇବାକୁ ନିଆଁ ଜାଳି ବସି ରହୁଥିବା ଦେଖିବାକୁ ମିଳୁଛି। ଡେରିରେ ହେଲେ ମଧ୍ୟ ଅସହାୟ ଲୋକଙ୍କ ପାଇଁ ପରିଷଦ ତରଫରୁ ଖୋଲିଛି ଶୀତକାଳୀନ ଆଶ୍ରୟସ୍ଥଳ। ହାଡ଼ଭଙ୍ଗା ଶୀତରେ ଶ୍ରମିକ, ଚାଷୀ, ଖୋଲା ଆକାଶ ତଳେ ବସି ବିକ୍ରି କରୁଥିବା ଛୋଟ ଚାଷୀ /ବ୍ୟବସାୟୀଙ୍କ ପାଇଁ ବ୍ୟବସାୟ କରିବା କଷ୍ଟକର ହୋଇଛିପଡିଛି। ଅତ୍ୟଧିକ ଥଣ୍ଡାରେ ପଶୁପକ୍ଷୀ ମଧ୍ୟ ପ୍ରଭାବିତ ହୋଇଛନ୍ତି। ତାପମାତ୍ରା କମ କାରଣରୁ ଗୋରୁ ଖାଇବାରେ ସମସ୍ୟା ଦେଖା ଦେଉଥିବା ଗୋପାଳକ ରାମହରି ପଣ୍ଡା କହିଛନ୍ତି। ସହର ଅପେକ୍ଷା ଗ୍ରାମାଞ୍ଚଳ, କଳିଙ୍ଗା, ଲିଙ୍ଗାଗଡ଼, କତିଙ୍ଗିଆ, ମାଲିକପାଡ଼ି, ତାଳରିମହା ଆଦି ଅଞ୍ଚଳରେ ଅଧିକ ଶୀତ ଅନୁଭୂତ ଦେଉଥିବା ଜଣାଯାଇଛି। ଶୀତ ଯୋଗୁଁ ପ୍ରମୁଖ ପର୍ଯ୍ୟଟନସ୍ଥଳ ଗୁଡିକରେ ଗହଳି ପରିଲକ୍ଷିତ ହୋଇଛି। ବିଶେଷ କରି କାଳିଗାଡୁ ହିଲଟପରେ ଭିଡ଼ ବଢି ବାରେ ଲାଗିଛି।

# ସିୟୁଟିଏମ୍ କ୍ୟାମ୍ପସରେ ଅଭିଭାବକ ସମ୍ମିଳନୀ

ପାରଳାଖେମୁଣ୍ଡି,୧୬ ।୧୧(ସମିସ): ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ (ସିୟୁଟିଏମ୍) ପାରଳାଖେମୁଣ୍ଡି କ୍ୟାମ୍ପସରେ ଅଭିଭାବକ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ବହୁ ସଂଖ୍ୟାରେ ଅଭିଭାବକ ଅଂଶଗ୍ରହଣ କରିଥିଲେ। ଅଭିଭାବକ-ବିଶ୍ୱବିଦ୍ୟାଳୟ ପାରସ୍ପରିକ କ୍ରିୟାକୁ ସୁଦୃଢ଼ କରିବା ଏବଂ ଶିକ୍ଷା, ତାଲିମ ଏବଂ ଛାତ୍ର କଲ୍ୟାଣ ସହିତ ଜଡିତ ପ୍ରମୁଖ ବିକାଶଗୁଡ଼ିକ ଉପରେ ଆଲୋଚନା କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା। ଏଥିରେ ସିୟୁଟିଏମ୍ ର ଉପକୁଳପତି ଡ. ସୁପ୍ରିୟା ପଟ୍ଟନାୟକ, ରେଜିଷ୍ଟ୍ରାର ଡ. ଅନିତା ପାତ୍ର, ନିର୍ଦ୍ଦେଶକ ପ୍ରଶାସନ ଡ. ଦୁର୍ଗା ପ୍ରସାଦ ପାଢ଼ୀ ଙ୍କ ସମେତ ବିଭିନ୍ନ ବିଭାଗର ନିର୍ଦ୍ଦେଶକ, ଡିନ୍, ପ୍ରିନ୍ସିପାଲ୍ ଏବଂ ବିଭିନ୍ନ ବିଭାଗର ମୁଖ୍ୟଙ୍କ ସମେତ ବିଶ୍ୱବିଦ୍ୟାଳୟ ଅଧିକାରୀଙ୍କ ସହିତ ଅଭିଭାବକ ସିଧାସଳଖ ଆଲୋଚନା କରିଥିଲେ। ରେଜିଷ୍ଟ୍ରାର ଶ୍ରୀମତି ପାତ୍ର ବିଶ୍ୱବିଦ୍ୟାଳୟର ପ୍ରଗତି, ନୂତନ କାର୍ଯ୍ୟକ୍ରମ, ଦକ୍ଷତା ତାଲିମ ସୁବିଧା ଏବଂ ନିଯୁକ୍ତି ସଫଳତା ଉପସ୍ଥାପନ କରିଥିଲେ। ଉପକୁଳପତି ଶ୍ରୀମତୀ ପଟ୍ଟନାୟକ ଶିକ୍ଷାର ଅର୍ଥ, ପ୍ରଯୁକ୍ତିର ଦାୟିତ୍ୱପୂର୍ଣ୍ଣ ବ୍ୟବହାର, ନବସୃଜନ ଏବଂ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ପାଇଁ ବିଶ୍ୱବିଦ୍ୟାଳୟର ପଦକ୍ଷେପର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଡିନ୍ ଏବଂ ବରିଷ୍ଠ ପ୍ରଶାସକ ତାଲିମ, ନିଯୁକ୍ତି, ଶୃଙ୍ଖଳା ଏବଂ ଛାତ୍ର ସହାୟତା ବ୍ୟବସ୍ଥା ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ଅଭିଭାବକମାନେ ବିଶ୍"ବିଦ୍ୟାଳୟର ପ୍ରୟାସକୁ ପ୍ରଶଂସା କରିଥିଲେ ଏବଂ ମୂଲ୍ୟବାନ ପରାମର୍ଶ ଦେଇଥିଲେ।


# ତୀର୍ଥଯାତ୍ରାରେ ଗଲେ ୭୨ ବରିଷ୍ଠ ନାଗରିକ

ପାରଳାଖେମୁଣ୍ଡି,୧୬ ।୧୧(ସମିସ): ଉଜ୍ଜୟିନୀ-ଓଁକାରେଶ୍ୱର ଅଭିମୁଖେ ଗଜପତି ଜିଲ୍ଲାରୁ ବାହାରିଲେ ୭୨ ଜଣ ତୀର୍ଥଯାତ୍ରୀ। ତୀର୍ଥଯାତ୍ରୀ ଯାଉଥିବା ଦୁଇଟି ବସକୁ ଗଜପତି ଜିଲ୍ଲାପାଳ ମଧୁମିତା, ଭାରପ୍ରାପ୍ତ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଅରୁଣ କୁମାର ତ୍ରିପାଠୀ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା ମଙ୍ଗରାଜଙ୍କ ଉପସ୍ଥିତିରେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସୂଚନା ପ୍ରକାରେ ଏହି ତୀର୍ଥ ଯାତ୍ରା କାର୍ଯ୍ୟକ୍ରମ ସୋମବାର ବ୍ରହ୍ମପୁରରୁ ଆରମ୍ଭ ହୋଇ ଆସନ୍ତା ୨୨ ତାରିଖରେ ଶେଷ ହେବ। ଏହି ୭୨ ଜଣଙ୍କ ମଧ୍ୟରେ ମଧ୍ୟରେ ଗୋଷାଣି ବ୍ଲକରୁ ୧୦ , ରାୟଗଡ଼ ବ୍ଲକରୁ ୮, ନୂଆଗଡ଼ ବ୍ଲକରୁ ୯, ଆର୍. ଉଦୟଗିରି ବ୍ଲକରୁ ୬ , ମୋହନା ବ୍ଲକରୁ ୮ ଜଣ, ଗୁମ୍ମା ବ୍ଲକରୁ ୫ , କାଶୀନଗର ବ୍ଲକରୁ ୯ , ପାରଳାଖେମୁଣ୍ଡି ପୌରପରିଷଦରୁ ୧୧ ଏବଂ କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦରୁ ୫ ବରିଷ୍ଠ ନାଗରିକ ତଥା ତୀର୍ଥଯାତ୍ରୀ ଅଛନ୍ତି। ଜିଲ୍ଲା ପ୍ରଶାସନ ତରଫରୁ ଯାତ୍ରୀଙ୍କ ସୁରକ୍ଷା ନିମନ୍ତେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଗସ୍ତ ପୂର୍ବରୁ ସ୍ୱାସ୍ଥ୍ୟ ପରୀକ୍ଷା, ନିତ୍ୟ ଆବଶ୍ୟକ ଜିନିଷ ରହିଥିବା କିଟ୍, ଯାତ୍ରା ସମୟରେ ଆବଶ୍ୟକ ଡ଼ାକ୍ତର ଟିମ୍ ଟ୍ରେନ୍‌ରେ ଉପସ୍ଥିତ ରହିବା, ଯାତ୍ରୀଙ୍କ ତତ୍ତ୍ୱାବଧାନ ପାଇଁ ଦୁଇଜଣ ଏସକର୍ଟ ଅଫିସର, ଯାତ୍ରା ସମୟରେ ଯାତ୍ରୀଙ୍କ ସମସ୍ତ ଖର୍ଚ୍ଚ ସରକାର ବହନ କରିବା ଆଦି ବ୍ୟବସ୍ଥା କରାଯାଇଥିବାର ସୂଚନା ପ୍ରଦାନ କରାଯାଇଛି। ତୀର୍ଥଯାତ୍ରୀଙ୍କ ଯାତ୍ରା ମଙ୍ଗଳମୟ ଓ ଆରାମଦାୟକ ନିମନ୍ତେ ସମସ୍ତେ କାମନା କରିଥିଲେ।



# ପୁଣି କଟାଗଲା ୧୧୩ ଏକର ଜମିର ଗଞ୍ଜେଇ ଗଛ

ଫିରିଙ୍ଗିଆ,୧୬।୧୧(ସମିସ): କନ୍ଧମାଳ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ବିଭିନ୍ନ ଥାନା ପକ୍ଷରୁ ଗଞ୍ଜେଇ ଗଛକଟା ଅଭିଯାନ ଜାରି ରହିଛି। ଫିରିଙ୍ଗିଆ ପୁଲିସ ତରଫରୁ ଡିଣ୍ଡିରା ଗାଁ ପଞ୍ଚାୟତର କୁଡୁକି, ଟେଲାପାଲି ଓ ଗଞ୍ଜାଖୋଲ ଗାଁ ନିକଟରେ ଥିବା ପ୍ରାୟ ୧୧୩ ଏକର ପରିମିତ ଜଙ୍ଗଲ ଜମିରେ ଚାଷ ହୋଇଥିବା ଗଞ୍ଜେଇ ଗଛ କାଟି ନଷ୍ଟ କରାଯାଇଛି। ଥାନା ଅଧିକାରୀ ଗୋପୀନାଥ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏସଆଇ ଅଜୟ କୁମାର ସାହୁଙ୍କ ନେତୃତ୍ୱରେ ଗଞ୍ଜେଇ ଗଛ କଟା ଅଭିଯାନ ହୋଇଥିବା ବେଳେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଫିରିଙ୍ଗିଆ ତହସିଲଦାର ଜ୍ୟୋତିପ୍ରକାଶ ସେଠୀ ରହିଥିଲେ। ଅବକାରୀ ବିଭାଗ କର୍ମଚାରୀ ଓ ଥାନାରେ କାର୍ଯ୍ୟରତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ସୁରକ୍ଷା ଦୃଷ୍ଟିକୁ ଆଖିଆଗରେ ରଖି ଦୁଇ ପ୍ଲାଟୁନ ସୁରକ୍ଷା କର୍ମୀ ନିୟୋଜିତ ହୋଇଥିଲେ।



# ସୁସ୍ଥ ଶରୀର ପାଇଁ ଦୌଡ଼ ଓ ନିଶାମୁକ୍ତ ଅଭିଯାନ




ପାରଳାଖେମୁଣ୍ଡି,୧୬ ।୧୧(ସମିସ): ପାରଳାଖେମୁଣ୍ଡିରେ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ସ୍ୱାସ୍ଥ୍ୟ ପାଇଁ ଦୌଡ ଓ ନିଶାମୁକ୍ତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜପ୍ରାସାଦ ସମ୍ମୁଖରେ ଆୟୋଜିତ କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା ଯୋଗଦେଇ ନିଶା ସମାଜକୁ କଳୁଷିତ କରିଥାଏ, ଏହି ନିଶା ସେବନ କଲେ ଅନୀତି, ଅତ୍ୟାଚାର ଇତ୍ୟାଦି ବଢିଥାଏ। ସଡକ ଦୁର୍ଘଟଣା ଠାରୁ ଆରମ୍ଭ କରି ବିପଦକୁ ଆମନ୍ତ୍ରଣ କରିଥାଏ ବୋଲି କହିଥିଲେ। ନିଶା ସେବନ କରୁଥିବା ବ୍ୟକ୍ତି ବିଶେଷ ମାନସିକ, ଶାରିରୀକ ଓ ଆର୍ଥିକ ଭାବେ କ୍ଷତି ସହିବା ସହ ସମାଜରେ ବିପଦ ସୃଷ୍ଟି କରିଥାନ୍ତି। ତେଣୁ ନିଶାକୁ ଦୂରେଇ ରହି ସଭ୍ୟସମାଜ ଗଠନ ପାଇଁ ଆହ୍ୱାନ ଦେଇଥିଲେ। ସେହିପରି ସୁସ୍ଥ ଶରୀର ପାଇଁ ନିୟମିତ ଦୌଡ ବା ବ୍ୟାୟାମର ନିହାତି ଜରୁରୀ ବୋଲି କହିଥିଲେ। ସଭା ପରେ ସୁସ୍ଥ ପାଇଁ ଦୌଡ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଜିଲ୍ଲା ତାଏକ୍ୱୋଣ୍ଡୋ ଏକାଡେମୀର ଛାତ୍ରଛାତ୍ରୀମାନଙ୍କ ସହ ବିଶ୍ୱ ହିନ୍ଦୁପରିଷଦ ଏବଂ ବଜରଙ୍ଗଦଳର କର୍ମକର୍ତ୍ତା ଯୋଗଦେଇ ନଗର ପରିକ୍ରମା କରି ନିଶାନିବାରଣ ଉଦ୍ଦେଶ୍ୟରେ ସଚେତନତା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମଠ ମହନ୍ତ ରାମାନନ୍ଦଦାସଜୀ, ଗାୟତ୍ରୀ ପରିବାରର ଶିବ ପ୍ରସାଦ ପଟ୍ଟନାୟକ, ବିଶ୍ୱହିନ୍ଦୁ ପରିଷଦର ଲୋକନାଥ ମିଶ୍ର, ବଜରଙ୍ଗ ଦଳର ନାଗେଶ୍ୱର ମହାପାତ୍ର ଓ ନରେନ୍ଦ୍ର କୁମାର ଜାନୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କୈଳାଶ ପଟ୍ଟନାୟକ, ଜି. କୁର୍ମାରେଡ୍ଡୀ ଓ ଲକ୍ଷ୍ମୀକାନ୍ତ ପାଢୀ ପରିଚାଳନାରେ ସହଯୋଗ କରିଥିଲେ।

# ଗଣ୍ଡାହାତୀ ଜଳପ୍ରପାତରେ ମନ୍ତ୍ରୀ

ରାୟଗଡ,୧୬।୧୧(ସମିସ): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକକୁ ଦିନିକିଆ ଗସ୍ତରେ ଉଚ୍ଚଶିକ୍ଷା ଓ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଆସି ଗଣ୍ଡାହତୀ ଜଳ ପ୍ରପାତ ପରିଦର୍ଶନ କରିଥିଲେ। ଗଣ୍ଡାହାତୀ ପର୍ଯ୍ୟଟନ ସ୍ଥଳର ବିକାଶ ପାଇଁ ସରକାର ଚିନ୍ତା କରୁଛନ୍ତି ବୋଲି ମନ୍ତ୍ରୀ କହିବା ସହ ପର୍ଯ୍ୟଟନ ସ୍ଥଳ ବୁଲି ଦେଖିଥିଲେ। ମନ୍ତ୍ରୀଙ୍କ ଗସ୍ତ ସମୟରେ ଉପଜିଲ୍ଲାପାଳ ଅନୁପ କୁମାର ପଣ୍ଡା, ବିଡ଼ିଓ ସନ୍ତୋଷ କୁମାର ବାରିକ, ବରିଷ୍ଠ ବିଜେପି ନେତା ଗଣେଶ ବିଶୋୟୀଙ୍କ ସମେତ ବିଜେପି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# କନ୍ଧମାଳ ତାଏକ୍ୱୋଣ୍ଡୋ ପ୍ରତିଯୋଗୀଙ୍କ ସଫଳତା



ଦାରିଙ୍ଗବାଡ଼ି,୧୬।୧୧(ସମିସ): ଜାତୀୟ ସ୍ତରରେ ପ୍ରଥମ ତାଏକ୍ୱୋଣ୍ଡୋ ପ୍ରତିଯୋଗିତାରେ କନ୍ଧମାଳର ଖେଳାଳି କୃତିତ୍ୱ ହାସଲ କରିଛନ୍ତି। ବ୍ରହ୍ମପୁରରେ ଅନୁଷ୍ଠିତ ପ୍ରତିଯୋଗିତାରେ କନ୍ଧମାଳ ତାଏକ୍ୱୋଣ୍ଡୋ ସଂଘ ପ୍ରତିଯୋଗୀ ଚମତ୍କାର କୌଶଳ ପ୍ରଦର୍ଶନ କରି ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ୩୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ କନ୍ଧମାଳ ତାଏକ୍ୱୋଣ୍ଡୋ ସଂଘରୁ ୧୫ ଜଣ ଭାଗ ନେଇଥିବା ବେଳେ ସେମାନେ ୫ ସ୍ୱର୍ଣ୍ଣ, ୬ ରୌପ୍ୟ ଏବଂ ୪ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ସମସ୍ତ ସଫଳ ପ୍ରତିଯୋଗୀ ରାଇକିଆ ସ୍ଥିତ ସେଣ୍ଟ କ୍ୟାଥେରିନା ଇଂଲିଶ ମିଡିୟମ ସ୍କୁଲର ଛାତ୍ରଛାତ୍ରୀ। ଏଭଳି ସଫଳତା ପାଇଁ ପ୍ରଶିକ୍ଷକ ଭେନୁସ୍ କୁମାର ନାୟକ ସହ ପ୍ରଶିକ୍ଷକ ସୁଦୀପ ଏବଂ ସଭାପତି ଡରେଟ ବିଟ, ମ୍ୟାନେଜର ମନ୍ଦାକିନି ପରିଚ୍ଛା ସମସ୍ତ ପ୍ରତିଯୋଗୀଙ୍କୁ ଆଶୀର୍ବାଦ ଓ ଶୁଭେଚ୍ଛା ଜଣାଇଛନ୍ତି।

# ମୋହନା ପ୍ରେସ କ୍ଲବ୍ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ



ମୋହନା,୧୬।୧୧(ସମିସ): ମୋହନା ପ୍ରେସ କ୍ଲବ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ପ୍ରେସ କ୍ଲବ କାର୍ଯ୍ୟାଳୟରେ ସଭାପତି ଲକ୍ଷ୍ମଣ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ସମ୍ପାଦକ ବାବୁଲା ସେଠୀ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭାବେ ମୋହନା ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀ ପ୍ରସାଦ ବିଶୋୟୀ ଯୋଗଦେଇ ଜାତୀୟ ପ୍ରେସ ଦିବସ ଗଠନର ଆଭିମୁଖ୍ୟ ଓ ସାମ୍ବାଦିକଙ୍କ କର୍ତ୍ତବ୍ୟ ଉପରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସଦସ୍ୟ ସୁମନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଉପଦେଷ୍ଟା ପଞ୍ଚାନନ ଦାସ, ସହ ସମ୍ପାଦକ ମଜେସ ରଇତ, ବରିଷ୍ଠ ସଦସ୍ୟ ଅଂଶୁମାନ ପଣ୍ଡା, ପ୍ରମୋଦ ଦୋରା ଓ ଯୁବକ ସଂଘ ସଦସ୍ୟ ରବୀନ୍ଦ୍ର ନାରାୟଣ ପାଢ଼ୀ ଯୋଗ ଦେଇଥିଲେ।

# ବିଧାୟକଙ୍କ ଦୁର୍ଗମ ଅଞ୍ଚଳ ପରିଦର୍ଶନ

ଦାରିଙ୍ଗବାଡ଼ି,୧୬।୧୧(ସମିସ): ଦାରିଙ୍ଗବାଡ଼ି ବ୍ଲକ ଗୁମୁକିଆ ପଞ୍ଚାୟତର ଦୁର୍ଗମ ଗ୍ରାମ ଗୁଡ଼ିକୁ ଜି.ଉଦୟଗିରି ବିଧାୟକ ପ୍ରଫୁଲ ଚନ୍ଦ୍ର ପ୍ରଧାନ ପରିଦର୍ଶନ କରିଥିଲେ। ଗ୍ରାମବାସୀ ଅଲିମାହା ଠାରୁ ଗୁଡୁଡି ଭାୟା ତେମ୍ଲି ରାସ୍ତା ନିର୍ମାଣ ପାଇଁ ବିଧାୟକଙ୍କୁ ନିବେଦନ କରିଥିଲେ। ଏହାକୁ ସେ ଗୁରୁତ୍ୱର ସହିତ ଗ୍ରହଣ କରି ରାସ୍ତା ନିର୍ମାଣ ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ବିଧାୟକଙ୍କ ସହିତ ବିଧାୟକ ପ୍ରତିନିଧି ପ୍ରମୋଦ କୁମାର ଦିଗାଲ, କନିଷ୍ଠ ଯନ୍ତ୍ରୀ ସଞ୍ଜୟ ବେହେରା, ସହକାରୀ ଯନ୍ତ୍ରୀ ଶ୍ୟାମସୁନ୍ଦର ସିଂ, ସ୍ଥାନୀୟ ସରପଞ୍ଚ ତ୍ରିନାଥ ପ୍ରଧାନଙ୍କ ସହିତ ବହୁ କଂଗ୍ରେସ କର୍ମୀ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।



### ଆନ୍ତଃଜିଲ୍ଲା ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

# ପ୍ରଦୀପ ଏଫ୍‌ସିକୁ ହରାଇ ରାହୁଲ ଏଫ୍‌ସି ଚାମ୍ପିଅନ୍

ଫିରିଙ୍ଗିଆ,୧୬।୧୧(ସମିସ): ଫିରିଙ୍ଗିଆ ତଣ୍ଡିଗାଁ ଏମସିଏସ କ୍ଲବ ତରଫରୁ ଆୟୋଜିତ ୨୪ ତମ ଫୁଟବଲ ଟୁର୍ଣ୍ଣମେଣ୍ଟରେ ପ୍ରଦୀପ ଏଫ୍‌ସିକୁ ହରାଇ ରାହୁଲ ଏଫ୍‌ସି ଚାମ୍ପିଅନ ହୋଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ବାଲିଗୁଡା ବିଧାୟକ ଚକ୍ରମଣୀ କହଁର, ସମ୍ମାନିତ ଅତିଥି ଭାବରେ କୁଇ ସଂଗଠକ ତଥା ପୂର୍ବତନ ଖଜୁରୀପଡା ବ୍ଲକ ଅଧ୍ୟକ୍ଷ ବୀରେନ୍ଦ୍ର କହଁର, ଫିରିଙ୍ଗିଆ ଥାନା ଅଧିକାରୀ ଗୋପୀନାଥ ପ୍ରଧାନ, ସମାଜସେବୀ ଚନ୍ଦ୍ର ମୋହନ ନାୟକ, ଡ଼ିମିରିଗୁଡା ସରପଞ୍ଚ ମନୋଜ କହଁର, ବରିଷ୍ଠ କ୍ରୀଡ଼ା ସଂଗଠକ ତଥା ଓଡ଼ିଶା ଫୁଟବଲ ଆସୋସିଏସନର ଉପସଭାପତି ହୃଦୟ ରଞ୍ଜନ ବେହେରା, ବରିଷ୍ଠ କ୍ରୀଡ଼ାବିତ ତଥା ପୂର୍ବତନ ଫୁଟବଲ ଖେଳାଳି ସହଦେବ ପାତ୍ର, କାମେଶ୍ୱର କହଁର, ଅର୍ଜୁନ କହଁର, ଓ ମାଧବ କହଁର ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚ ପୂର୍ବରୁ ଖଜୁରୀପଡା ବ୍ଲକର ଭେଟେରାନ ଏକାଦଶ ଖେଳାଳିଙ୍କ ସହ ଫିରିଙ୍ଗିଆ ବ୍ଲକ ମର୍ଣ୍ଣିଙ୍ଗ କ୍ଲବ ଭେଟେରାନ ଏକାଦଶ ମଧ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ ହୋଇଥିଲା। ପ୍ରଦର୍ଶନୀ ମ୍ୟାଚକୁ ଫିରିଙ୍ଗିଆ ଥାନା ଅଧିକାରୀ ଗୋପୀନାଥ ପ୍ରଧାନ ଶୁଭାରମ୍ଭ କରିଥିଲେ। ଏଥିରେ ମର୍ଣ୍ଣିଙ୍ଗ କ୍ଲବର ଭେଟେରାନ ଏକାଦଶ ୧-୦ଗୋଲ ରେ ବିଜୟୀ ହୋଇଥିଲା। ପରେ ୨୪ ତମ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ପ୍ରଦୀପ ଏଫସି ଏବଂ ରାହୁଲ ଏଫସି ମଧ୍ୟରେ ହୋଇଥିଲା। ରାହୁଲ ଏଫସି ୩ -୦ଗୋଲରେ ପ୍ରଦୀପ ଏଫସିକୁ ହରାଇ ଚାମ୍ପିଅନ ହୋଇଥିଲା।



ଜାତୀୟ ସ୍ତରୀୟ କ୍ରୀଡ଼ା ପରିଚାଳକ ଶ୍ୟାମ ସୁନ୍ଦର ସାହାଙ୍କ ସହ, ପ୍ରଫୁଲ୍ଲ କହଁର, ଜଗନ ବିଶୋଇ,ମୁକେଶ ପ୍ରଧାନ, ବେଣୁଧର କହଁର ମ୍ୟାଚ ପରିଚାଳନା କରିଥିଲେ। ଶେଷରେ ଅତିଥିଙ୍କ ଦ୍ୱାରା ଭେଟେରାନ ମ୍ୟାଚର ବିଜେତା, ଉପବିଜେତା ସହ ଆନ୍ତଃଜିଲ୍ଲା ଟୁର୍ଣ୍ଣାମେଣ୍ଟର ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ଓ ଅର୍ଥ ରାଶି ପ୍ରଦାନ କରାଯାଇଥିଲା।

# ଦିବ୍ୟ ଜୀବନ ସଂଘର ୧୦୮ ହନୁମାନ ଚାଳିଶା ପାଠ



ରାୟଗଡ,୧୬।୧୧(ସମିସ): ଗଜପତି ଜିଲ୍ଲା ରାୟଗଡ ବ୍ଲକ ସଦରମହକୁମା ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ରବିବାର ଜିଲ୍ଲା ଦିବ୍ୟ ଜୀବନ ସଙ୍ଘ ପକ୍ଷରୁ ଦଶମ ୧୦୮ ହନୁମାନ ଚାଳିଶା ପାଠ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବରସାନା ଶ୍ୟାମା ଧାମର ସନ୍ଥ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମ ରାୟଗଡ ଦିବ୍ୟଜୀବନ ସଙ୍ଘ ପକ୍ଷରୁ ଆୟୋଜିତ ହୋଇଥିବାବେଳେ ନାରାୟଣପୁର ଦିବ୍ୟ ଜୀବନ ସଙ୍ଘ ଉପ ସଭାପତି ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଗ୍ରାମାଞ୍ଚଳର ଲୋକଙ୍କ ମଧ୍ୟରେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରିବା ଏହାର ମୂଳ ଉଦ୍ଦେଶ୍ୟ ବୋଲି ଶ୍ରୀ ମହାନ୍ତି କହିଛନ୍ତି। କାର୍ଯ୍ୟକ୍ରମରେ ବିଭିନ୍ନ ସଙ୍ଘ ସଭାପତିଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା।

## ସୁକାନାଣ୍ଡା-ଟିକାବାଲି ରାସ୍ତା ମରଣଯନ୍ତା



ଜି.ଉଦୟଗିରି,୧୬ ।୧୧(ସମିସ): ଜି.ଉଦୟଗିରି ନିକଟସ୍ଥ ଗଦଗୁଡ଼ା ପଞ୍ଚାୟତ ସୁକାନାଣ୍ଡା ଛକଠାରୁ ଭାୟା ତେଲିଙ୍ଗିଆ, ଗଦଗୁଡ଼ା, ଗସାଗୁଡ଼ା, ବ୍ରେକା ଓ ପିକରଡ଼ି ଦେଇ ଟିକାବାଲି ପର୍ଯ୍ୟନ୍ତ ମୁଖ୍ୟରାସ୍ତା ଏବେ ମରଣଯନ୍ତା ପାଲଟିଛି । ରାସ୍ତା ନିର୍ମାଣର ୫ ବର୍ଷ ବିତିଯାଇଥିଲେ ମଧ୍ୟ ଏହାର ରକ୍ଷଣାବେକ୍ଷଣା, ମରାମତି କିମ୍ବା ପୁର୍ନନିର୍ମାଣ କରାଯାଉନାହିଁ। ମୁଖ୍ୟରାସ୍ତା ହୋଇଥିବାରୁ ପ୍ରତ୍ୟେକ ଦିନ ଶହ ଶହ ଯାନବାହନ ଚଳାଚଳ କରୁଛି । ଜି.ଉଦୟଗିରି ଠାରୁ ଟିକାବାଲିକୁ ଯିବା ନିମନ୍ତେ ମଧ୍ୟ ଏହା ମୁଖ୍ୟ ରାସ୍ତା । ରାସ୍ତା ମରଣଯନ୍ତା ପାଲଟିଥିବାରୁ ଅନେକ ସମୟରେ ଦୁର୍ଘଟଣା ମଧ୍ୟ ଘଟୁଛି । ଏସମ୍ପର୍କରେ ଅଞ୍ଚଳବାସୀ ଅନେକ ଥର ଟିକାବାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବିଭାଗୀୟ ଅଧିକାରୀ ଏବଂ ଜିଲ୍ଲା ପ୍ରଶାସନଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । କିନ୍ତୁ ଆଜି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ହେଉନଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ତୁରନ୍ତ ଏହି ରାସ୍ତା ନିର୍ମାଣ କରା ନଗଲେ ଆଗାମୀ ଦିନରେ ଜନ ଆନ୍ଦୋଳନ କରାଯିବାକୁ ଅଞ୍ଚଳବାସୀ ନିଷ୍ପତ୍ତି ନେଇଛନ୍ତି ।

## ମନ୍ଦାର ଉଚ୍ଚ ବିଦ୍ୟାଳୟର ଛାତ୍ର ପୁରସ୍କୃତ

ପୋଲସରା,୧୬ ।୧୧(ସମିସ): ପୋଲସରା ବ୍ଲକ ମନ୍ଦାର ଉଚ୍ଚ ବିଦ୍ୟାଳୟର ୨୦୨୫ ମାଟ୍ରିକ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ର ସୋନୁ ଭୂୟାଁଙ୍କୁ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୫ର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ "ମୁଖ୍ୟମନ୍ତ୍ରୀ ଭାଷାବୃତ୍ତି' ପୁରସ୍କାରରେ ପୁରସ୍କୃତ କରିଛନ୍ତି । ଏହି ଅବସରରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସାଂସଦ ଅପରାଜିତା ଷଡ଼ଙ୍ଗୀ, ବିଧାୟକ ବାବୁ ସିଂ ମଞ୍ଚାସୀନ ଥିଲେ । ପୁରସ୍କାର ରାଶି ସ୍ୱରୂପ ୭ହଜାର ୫ଶହ ଟଙ୍କାର ଚେକ୍ ସୋନୁଙ୍କୁ ପ୍ରଦାନ କରାଯାଇଥିଲା । ଏହି କୃତିତ୍ୱ ପାଇଁ ପ୍ରଧାନ ଶିକ୍ଷକଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଓ ଅଞ୍ଚଳବାସୀ ଖୁସି ବ୍ୟକ୍ତ କରିଛନ୍ତି । ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ସୋନୁ କୃତଜ୍ଞତା ଜଣାଇଛନ୍ତି ।

## 'ଭାଇ ଭଉଣୀର ନୂଆ କାହାଣୀ' ମଞ୍ଚସ୍ଥ



ବେଲଗୁଣ୍ଠା,୧୬ ।୧୧(ସମିସ): ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ନେଟଙ୍ଗା ଗ୍ରାମରେ ସାମାଜିକ ନାଟକ 'ଭାଇ ଭଉଣୀର ନୂଆ କାହାଣୀ' ମଞ୍ଚସ୍ଥ ହୋଇଯାଇଛି । ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ନାଟକ ଉଦଘାଟନ କରିଥିଲେ । ଯୁବ ସଂଗଠକ ଜିତେନ୍ଦ୍ର ନାୟକ, ଗାଁର ଗୌରବ ତଥା ବୁଗୁଡ଼ା ବିଡ଼ିଓ ଦିବ୍ୟକୃଷ୍ଣ ପାତ୍ର ପାଇଲିପଡ଼ା ସମିତି ସଭ୍ୟ କେ ରବିନ୍ଦ୍ର କୁମାର ପାତ୍ର, ସରପଞ୍ଚ ପ୍ରତିନିଧି ସୁରେନ୍ଦ୍ର ଡାକୁଆ, ସରପଞ୍ଚ ସତ୍ୟବାନ ସ୍ୱାଇଁଙ୍କ ସମେତ ବେଲଗୁଣ୍ଠା ବ୍ଲକର ବହୁ ଜନପ୍ରତିନିଧି ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ । ନାଟ୍ୟକାର ସନ୍ତୋଷ ନାରାୟଣ ଦାସଙ୍କ ରଚିତ ଏବଂ ଯୁବ ନିର୍ଦ୍ଦେଶକ ସ୍ମିତ ରଞ୍ଜନ ସିଅଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ ନାଟକଟି ଅତି ଚମତ୍କାର ହୋଇଥିଲା । ଗ୍ରାମର କଳାକାର ବିଶାନ୍ତ, ଭିକାରି, ଅଭି, ବିରଞ୍ଚି, ରୁପେଶ, ସୁଧୀର, କାଳିଆ, କ୍ରିଷ୍ଣା ତଥା ଅନ୍ୟାନ୍ୟ ଅଭିନେତା ଅଭିନେତ୍ରୀଙ୍କ ଦ୍ୱାରା ପରିବେଷିତ ହୋଇଥିଲା ।

## ବିଜେଡି ନେତ୍ରୀ ବିମଳା ସାମଲଙ୍କ ପରଲୋକ



ପାରଳାଖେମୁଣ୍ଡି,୧୬ ।୧୧(ସମିସ): ଗଜପତି ଜିଲ୍ଲା ଗୋଶାଣି ବ୍ଲକର ସମାଜସେବୀ ତଥା ବିଜେଡି ନେତ୍ରୀ ବିମଳା ସାମଲ(୫୮)ଙ୍କ ପାରଳାଖେମୁଣ୍ଡି ସ୍ଥିତ ବାସଭବନରେ ଶୁକ୍ରବାର ପରଲୋକ ଘଟିଛି । ସେ ବଡ଼ଗୋଶାଣି ପଞ୍ଚାୟତ ଦୁଇଥର ସମିତିସଭ୍ୟା ଓ ଥରେ ଜିଲ୍ଲାପରିଷଦ ସଭ୍ୟା ନିର୍ବାଚିତ ହୋଇଥିଲେ । ଦୀର୍ଘବର୍ଷ ଧରି ସେ ବିଜେଡିରେ ରହି ଜଣେ ସକ୍ରିୟ ନେତ୍ରୀ ଭାବେ କାର୍ଯ୍ୟ କରୁଥିଲେ । ତାଙ୍କ ପରଲୋକରେ ଗୋଶାଣି ବ୍ଲକ ଅଧ୍ୟକ୍ଷ ଏନ୍.ବାବାରାଓ, ବ୍ଲକ ବିଜେଡି ସଭାପତି ଈଶ୍ୱର ରାଓ, ବ୍ଲକ ଯୁବ ବିଜେଡି ସଭାପତି ପି. ନାଗେଶ୍ୱର ରାଓ ଓ ଏସ୍.ଗଜପତି ରାଓଙ୍କ ସମେତ ବିଜେଡି କର୍ମୀ, ନେତାଙ୍କ ସହ ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟ ଶୋକ ପ୍ରକାଶ କରିଛନ୍ତି । ସେହିପରି ଜିଲ୍ଲା ବିଜେଡି ସଭାପତି ପ୍ରଦୀପ ନାୟକ, ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ, ଜିଲ୍ଲାପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓଙ୍କ ସମେତ ସମସ୍ତ ବ୍ଲକ ଅଧ୍ୟକ୍ଷ ଓ ଜିଲ୍ଲା ବିଜେଡି ନେତୃମଣ୍ଡଳୀ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି ।

## ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳିତ

ଖଲ୍ଲିକୋଟ,୧୬ ।୧୧(ସମିସ): ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ମାନାପୁର ଠାରେ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଜିବୀକାଟି ସୁରକ୍ଷା ମଞ୍ଚ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାରତ ମୁକ୍ତି ମୋର୍ଚ୍ଚା ଗଞ୍ଜାମ ଜିଲ୍ଲା ସଭାପତି ସୁମା ଦାସ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ମଧୁସୂଦନ ସେଠୀ, ଭାରତ ମୁକ୍ତି ମୋର୍ଚ୍ଚା ଛତ୍ରପୁର ସବଡିଭିଜନ ସଭାପତି ଜଗନ୍ନାଥ ପ୍ରଧାନ ପ୍ରମୁଖ ଯୋଗଦେଇ ବିର୍ସାଙ୍କ ସଂଗ୍ରାମମୟ ଜୀବନ ଉପରେ ଆଲୋକପାତ କରିଥିଲେ । ଜିଲ୍ଲା ପ୍ରଶାସନ ଓ ବନ ବିଭାଗ ଜଙ୍ଗଲ ଅଧିକାର ଆଇନକୁ ଖୋଲାଖୋଲି ଉଲ୍ଲଂଘନ କରି ଆଦିବାସୀଙ୍କୁ ଜଙ୍ଗଲ ଅଧିକାରରୁ ବଞ୍ଚିତ କରି ଆସୁଛନ୍ତି । ତେବେ ଜିଲ୍ଲା ପ୍ରଶାସନର ଏହି ମନମାନି ଉପରେ ଆଗାମୀ ଦିନରେ ଲଢେଇକୁ ଜୋର୍ ଦାର କରିବା ପାଇଁ ଆହ୍ୱାନ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ୧୧ଟି ଗାଁର ଶତାଧିକ ମହିଳା ଓ ପୁରୁଷ ଯୋଗଦେଇଥିଲେ ।

## ଗଞ୍ଜାମରେ ବୃଦ୍ଧି ପାଉଛି ଶିଶୁ ମୃତ୍ୟୁହାର

# ୫ ବର୍ଷରେ ବଢ଼ିଛି ଦୁଇଗୁଣା

ବ୍ରହ୍ମପୁର,୧୬ ।୧୧(ସମିସ)

ମା' ଓ ଶିଶୁଙ୍କ ସୁରକ୍ଷା ନିମନ୍ତେ ରାଜ୍ୟ ସରକାର ବିଭିନ୍ନ ଯୋଜନା କରିଛନ୍ତି । ଉଭୟଙ୍କ ଚିକିତ୍ସା ନିମନ୍ତେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି । କିନ୍ତୁ ଗଞ୍ଜାମ ଜିଲ୍ଲାରେ ବଢୁଥିବା ଶିଶୁମୃତ୍ୟୁ ହାର ଉଦ୍‌ବେଗଜନକ ସ୍ଥିତିରେ ରହିଛି । ୨୦୨୦-୨୧ମସିହାରେ ଜିଲ୍ଲାରେ ୩୬୨ଶିଶୁଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦୨୪-୨୫ରେ ଏହା ୫୪୭ ଛୁଇଁଛି । ପ୍ରତିବର୍ଷ ଜିଲ୍ଲାରେ ଶିଶୁ ମୃତ୍ୟୁହାର ବଢୁଛି । ଯାହାକୁ ନେଇ ପରିବାର ମଧ୍ୟରେ ଭୟ ସୃଷ୍ଟି ହେଉଛି । ସମଗ୍ର ରାଜ୍ୟରେ ଗତ ୨୦୨୦-୨୧ମସିହାରେ ଶିଶୁ ମୃତ୍ୟୁହାର ୧୩ହଜାର ୯୧୯ ଥିଲାବେଳେ ୨୦୨୪-୨୫ରେ ଏହା ହ୍ରାସ ପାଇ ୧୧ହଜାର ୭୪୯କୁ ଖସି ଆସିଛି । ଏଭଳି ଭାବେ ରାଜ୍ୟରେ ଶିଶୁ ମୃତ୍ୟୁହାର ହ୍ରାସ ପାଉଥିବା ବେଳେ ଗଞ୍ଜାମରେ ଗତ ୫ବର୍ଷରେ ଶିଶୁ ମୃତ୍ୟୁହାର ୨ଗୁଣା ବଢ଼ିଛି । ସୂଚନାଯୋଗ୍ୟ ଯେ, ୨୦୨୦-୨୧ମସିହାରେ ଜିଲ୍ଲାରେ ୩୬୨ଶିଶୁଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦୨୧-୨୨ରେ ତାହା ବୃଦ୍ଧି ହୋଇ ୪୦୧ରେ ପହଞ୍ଚିଥିଲା । ସେହିପରି ୨୦୨୨-୨୩ରେ ତାହା ସର୍ବାଧିକ ଶିଶୁ ମୃତ୍ୟୁହାର ୯୨୨ରେ ପହଞ୍ଚିଥିଲା । ୨୦୨୩-୨୪ରେ ୮୬୦ ଓ ୨୦୨୪-୨୫ ମସିହାରେ ୫୪୭ଜଣ ଶିଶୁଙ୍କ ମୃତ୍ୟୁ ହୋଇଛି । ଏଭଳି ଭାବେ ଗତ ୫ବର୍ଷ ମଧ୍ୟରେ ଗଞ୍ଜାମ ଜିଲ୍ଲାରେ ମୋଟ ୩ ହଜାର ୯୨ଜଣ ଶିଶୁ ବିଭିନ୍ନ କାରଣରୁ ମୃତ୍ୟୁବରଣ କରିଛନ୍ତି । ଅପରପକ୍ଷେ ପ୍ରତିବର୍ଷ ନଭେମ୍ବର ୧୫ରୁ ୨୧ତାରିଖ ପର୍ଯ୍ୟନ୍ତ ଜାତୀୟ ନବଜାତ ଶିଶୁ ସପ୍ତାହ ପାଳନ କରାଯାଉଛି । ଏଥିରେ ନବଜାତ ଶିଶୁଙ୍କ ଯତ୍ନ ଓ ବିପଦ ସଂକେତ ସମ୍ପର୍କରେ ଆଲୋଚନା କରାଯାଉଛି । ଏଦିଗରେ ଲୋକଙ୍କୁ ସଚେତନ କରାଯାଉଛି । କିନ୍ତୁ ଗଞ୍ଜାମ ଜିଲ୍ଲାରେ ଦିନକୁ ଦିନ ବୃଦ୍ଧି ପାଇଥିବା ଶିଶୁ ମୃତ୍ୟୁହାର ସମସ୍ତଙ୍କୁ ବ୍ୟଥିତ କରିଛି । ଅନ୍ୟପକ୍ଷରେ ଗର୍ଭଜନିତ ଜଟିଳତା, ରକ୍ତହୀନତା ଓ ପୁଷ୍ଟିହୀନତା ମାତୃ ଓ ଶିଶୁ ମୃତ୍ୟୁହାରକୁ ପ୍ରାୟତଃ ନିୟନ୍ତ୍ରଣ କରିଥାଏ । ସେହିପରି କମ୍ ବୟସରେ ଗର୍ଭଧାରଣ କରିବା, ଗର୍ଭାବସ୍ଥାରେ ମା'କୁ ମଧୁମେହ, ୭ମାସ ପରେ ରକ୍ତଚାପ ବଢ଼ିବା, ମେଦବହୁଳତା ମଧ୍ୟ ଗର୍ଭସ୍ଥ ଶିଶୁ ଉପରେ ପ୍ରଭାବ ପକାଇଥାଏ । ତେଣୁ ଗର୍ଭାବସ୍ଥାରେ ମା'ର ଯତ୍ନ ନେବା ଜରୁରି ସୁସ୍ଥ ରହିବା ଓ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ଅଭାବ ରହୁଥିବା ବେଳେ ଶିଶୁ ମୃତ୍ୟୁହାର ବୃଦ୍ଧି ପାଉଛି । ସେହିପରି ମେଡ଼ିକାଲର ଶିଶୁ ୱାର୍ଡରେ ଆବଶ୍ୟକତାରୁ ଅଧିକ ସମୟ ଯାଏଁ ଜଣେ ଶିଶୁ ରହିବା ଦ୍ୱାରା ଦ୍ୱାରା ସଂକ୍ରମଣ ଯୋଗୁଁ ମଧ୍ୟ ଶିଶୁମୃତ୍ୟୁ ହେଉଥିବା ଜଣାପଡିଛି । ଏହାସହ ଗ୍ରାମାଞ୍ଚଳରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ସମୟରେ ଡାକ୍ତର ଏବଂ କର୍ମଚାରୀ ଅନୁପସ୍ଥିତ ମଧ୍ୟ ଶିଶୁ ମୃତ୍ୟୁହାରର ଅନ୍ୟତମ କାରଣ ବୋଲି କୁହାଯାଉଛି । ଫଳରେ ମେଡ଼ିକାଲକୁ ସଠିକ୍ ସମୟରେ ଆସୁଥିବା ଗର୍ଭବତୀ ମହିଳାଙ୍କ ମୂଲ୍ୟବାନ ସମୟ ଗ୍ରାମାଞ୍ଚଳରେ ରହିଥିବା ସ୍ୱାସ୍ଥ୍ୟକେନ୍ଦ୍ର ହିଁ ନଷ୍ଟ ହେଉଛି । ଏଥିପ୍ରତି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେବା ସହ ଜିଲ୍ଲା ବୃଦ୍ଧି ପାଉଥିବା ଶିଶୁ ମୃତ୍ୟୁହାରରେ ରୋକ୍ ଲଗାଇବାକୁ ଆବଶ୍ୟକୀୟ ପଦେକ୍ଷପ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି ।

**ଜୀବନ ହାରିଛନ୍ତି ୩ ହଜାର ଶିଶୁ**

## ବିର୍ସା ମୁଣ୍ଡାଙ୍କ ଜୟନ୍ତୀରେ 'ବିକାଶ ଯାତ୍ରା'ର ଶୁଭାରମ୍ଭ



ଟିକାବାଲି,୧୬।୧୧(ସମିସ): ଟିକାବାଲି ବ୍ଲକ ହାଇସ୍କୁଲ ପଡ଼ିଆରେ ଆଜି ଜୀବିକା ସୁରକ୍ଷା ମଞ୍ଚ ଓ ମହିଳା ଜୀବିକା ସୁରକ୍ଷା ମଞ୍ଚ ଲୋକ ସଂଗଠନର ଆନୁକୂଲ୍ୟରେ ସହିଦ ବିର୍ସାମୁଣ୍ଡାଙ୍କ ୧୫୧ତମ ଜନ୍ମବାର୍ଷିକୀ ପାଳିତ ଅବସରରେ ପାରମ୍ପରିକ ବିକାଶ ଯାତ୍ରାର ଶୁଭାରମ୍ଭ କାର୍ଯ୍ୟକ୍ରମ ସଂଗଠନର ସଭାପତି ଦୁର୍ବାଶା ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆଦିବାସୀଙ୍କ ମଧ୍ୟରେ ଥିବା ପାରମ୍ପରିକ ଔଷଧ, ଜଡ଼ିବୁଟି, ଚାଷ ବିହନ ସଂରକ୍ଷଣ, ପରମ୍ପରା ଗୀତନାଚ, ଭାଷା ଲିପି,ସଂସ୍କୃତି ଏବଂ ଗାଁର ଛ ତିଅଣ ନ ଭଜା ରୋଷେଇ, ଗାଁ ସଭା ପୁରାତନ ଖେଳ, ବିକଶିତ ଭାରତ ପାଇଁ ଆଦିବାସୀ ଯୁବକ ଯୁବତୀ ଗରିବଙ୍କ ଗାଁର ସ୍ୱପ୍ନ, ଜଙ୍ଗଲ ଜାତ ଦ୍ରବ୍ୟ, ଖାଦ୍ୟ ପଦାର୍ଥ ଇତ୍ୟାଦି ଯାହା କି ବର୍ତ୍ତମାନ ମଡେଲ ଯୁଗରେ କେମିତି ସାଇତି ରଖିବା । କାର୍ଯ୍ୟକ୍ରମରେ ଟିକାବାଲି ସମିତି ଅଧ୍ୟକ୍ଷ ଦିଲୀପ କହଁର, ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ସରପଞ୍ଚ ଗଦାଗୁଡା ପୁଷ୍ପଲତା ପ୍ରଧାନ, ଟିକାବାଲି ସରପଞ୍ଚ କୁନ୍ଦୁରୁ ମଲିକ, ଓଡ଼ିଶା ଶ୍ରମଜୀବୀ ମଞ୍ଚ ର ଆବାହକ ଅଞ୍ଜନ ପ୍ରଧାନ, ଆମନ ଚନ୍ଦ୍ର ନାୟକ ଏବଂ ସଂଗଠନର ସଦସ୍ୟ ଏବଂ ସଂଗଠନ କର୍ମୀ ଉପସ୍ଥିତ ରହିଥିଲେ । ହେମନ୍ତ ମୁଖି, ଜୋସେଫ ଦିଗାଲ, ଉପସ୍ଥିତ ଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ ସଞ୍ଜୟ ଦିଗାଲ ।

## ସଂଗ୍ରାମୀ ଉଦୟ ପାତ୍ରଙ୍କ ଶ୍ରାଦ୍ଧବାର୍ଷିକୀ

ଦିଗପହଣ୍ଡି,୧୬ ।୧୧(ସମିସ): ବିଶିଷ୍ଟ କମ୍ୟୁନିଷ୍ଟ ନେତା ତଥା ସାନଖେମୁଣ୍ଡି ବ୍ଲକର ପୂର୍ବତନ ଅଧ୍ୟକ୍ଷ ସ୍ୱର୍ଗତ ସାଥୀ ଉଦୟ ଚନ୍ଦ୍ର ପାତ୍ରଙ୍କ ୨୫ ତମ ଶ୍ରାଦ୍ଧ ବାର୍ଷିକୀ ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି । ଉଦୟ ଚନ୍ଦ୍ର ପାତ୍ର ସ୍ମୃତି କମିଟି ପକ୍ଷରୁ ଆୟୋଜିତ ସମାରୋହରେ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ରହି ତାଙ୍କ ସ୍ମୃତିଚାରଣ କରିଥିଲେ । ଶମ୍ଭୁ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଆଇନଜୀବୀ ତଥା ସ୍ମୃତି କମିଟି ଆବାହକ ହରପ୍ରସାଦ ରଥ ସଂଯୋଜନା କରିଥିଲେ । ବ୍ରହ୍ମପୁରର ବରିଷ୍ଠ ଆଇନଜୀବୀ ତଥା ସମାଜ ବିଜ୍ଞାନୀ ଭଗବାନ ସାହୁ, ସିପିଆଇ ଗଞ୍ଜାମ ଜିଲା କମିଟି ସମ୍ପାଦକ ଶ୍ରୀହର୍ଷ ରଥ, ସିପିଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ପ୍ରକାଶ ଚନ୍ଦ୍ର ପାତ୍ର, ଖେମୁଣ୍ଡି ଓକିଲ ସଂଘ ସଭାପତି ହୃଦୟ ରଞ୍ଜନ ମେକାପ, ଦିଗପହଣ୍ଡି ଏନଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା, ପୂର୍ବତନ ନଗରପାଳ ଭି. ରବିନାରାୟଣ ରାଜୁ, ସାନଖେମୁଣ୍ଡି ବ୍ଲକ ପୂର୍ବତନ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ସ୍ୱାଇଁ, ସ୍ତମ୍ଭକାର ବିଘ୍ନେଶ୍ୱର ସାହୁ, ପୂର୍ବତନ ଛାତ୍ରନେତା ପ୍ରଭାତ କୁମାର ମହାନ୍ତି, ପାଣି ପଞ୍ଚାୟତ ଶୀର୍ଷ କମିଟି ସଭାପତି ରମେଶ ଚନ୍ଦ୍ର ପାତ୍ର, କବି ବୃନ୍ଦାବନ ପଣ୍ଡା, ପୂର୍ବତନ କାଉନସିଲର ନିରୂପମା ପଟ୍ଟନାୟକ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ବରିଷ୍ଠ ଆଇନଜୀବି କୁରେଶୁ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଯାଜପୁରରେ ହେବ ପଞ୍ଚାୟତର ଦ୍ୱିତୀୟ ସୋସାଇଟି



ପାରଳାଖେମୁଣ୍ଡି,୧୬ ।୧୧ (ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ କେରାଣ୍ଡି ପଞ୍ଚାୟତ ଅନ୍ତର୍ଗତ ଯାଜପୁର ଗ୍ରାମରେ ପଞ୍ଚାୟତର ଦ୍ୱିତୀୟ ସୋସାଇଟି ହେବ । ଯାଜପୁର ଗ୍ରାମବାସୀ ସ୍ଥାନୀୟ ତ୍ରିନାଥ ମନ୍ଦିରରେ ଏକ ସଭାର ଆୟୋଜନ କରି ଏହା କେବଳ ପାରଳା ବିଧାୟକ ରୂପେଶ କୁମାର ପାଣିଗ୍ରାହୀଙ୍କ ଉଦ୍ୟମରେ ସମ୍ଭବ ହୋଇଥିବା ଯୋଗୁ ତାଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଜଣାଇଛନ୍ତି । ଏହି ସଭାରେ ବିଧାୟକ ଶ୍ରୀ ପାଣିଗ୍ରାହୀଙ୍କ ସମେତ ଜିଲ୍ଲା ପରିଷଦ ସଭ୍ୟ ଏସ୍.ବାଲ ରାଜୁ , ସହକାରୀ ଉପନିବନ୍ଧକ ପ୍ରତାପ କୁମାର ନାୟକ ଏବଂ ଅଗ୍ରଣୀ ଚାଷୀ ତଥା ପୂର୍ବତନ ସରପଞ୍ଚ ବିନୋଦ ପ୍ରଧାନ ଓ ଶତାଧିକ ଚାଷୀ ଉପସ୍ଥିତ ଥିଲେ । ଯାଜପୁର ଗ୍ରାମ କେରାଣ୍ଡି ପଞ୍ଚାୟତର ଏକ ବଡ଼ ଗ୍ରାମ ହୋଇଥିଲେ ମଧ୍ୟ ଏଠାରେ କୌଣସି ସୋସାଇଟି ନ ଥିବା ଯୋଗୁ ଚାଷୀ ସରକାରୀ ସାମଗ୍ରୀ ଆଣିବା ପାଇଁ କେରାଣ୍ଡିକୁ ଯିବାପାଇଁ ବାଧ ହେଉଥିଲେ । କିଛିଦିନ ପୂର୍ବେ ଗ୍ରାମବାସୀ ଏ ସମ୍ପର୍କରେ ବିଧାୟକଙ୍କୁ ଭେଟି ଅବଗତ କରାଇବା ସହ ଯାଜପୁର ଗ୍ରାମରେ ଏକ ନୂତନ ସୋସାଇଟି ଗଠନ କରିବାକୁ ଅନୁରୋଧ କରିଥିଲେ । ଗ୍ରାମବାସୀଙ୍କ ଏହି ଅନୁରୋଧ ଓ ଦାବିକୁ ନେଇ ବିଧାୟକ ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବିଧାୟକଙ୍କ ଉଦ୍ୟମ ଯୋଗୁ ଆଜି ସରକାରଙ୍କ ତରଫରୁ ଯାଜପୁର ଗ୍ରାମରେ ଦ୍ୱିତୀୟ ସୋସାଇଟି କାର୍ଯ୍ୟକ୍ଷମ ହେବାକୁ ଯାଉଥିବାର ଜଣାପଡିଛି ।

## ଜିଲ୍ଲାସ୍ତରୀୟ ଜନଜାତୀୟ ଗୌରବ ଦିବସ



ପାରଳାଖେମୁଣ୍ଡି,୧୬।୧୧(ସମିସ): ଜିଲ୍ଲାସ୍ତରୀୟ ଜନଜାତୀୟ ଗୌରବ ଦିବସ ତଥା ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପରେ ପାଳିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ମୁନୀନ୍ଦ୍ର ହନେଗାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦର ସଭାପତି ଜି. ତିରୁପତି ରାଓ, ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ, ଗୁମ୍ମା ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁନେମି ମଣ୍ଡଳ, କାଶୀନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ବି.ସାୟାମ୍ମା, ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝି, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର, ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ କୁମାର ପଣ୍ଡା, ଜିଲ୍ଲା ମଙ୍ଗଳ ଅଧିକାରୀ ସଲମନ ରାଇକା ଯୋଗ ଦେଇଥିଲେ । ଅତିଥି ମାନେ ଅଭିଭାଷଣରେ ଜନଜାତି ସଂସ୍କୃତିର ମହତ୍ତ୍ୱ ଏବଂ ଦେଶର ସ୍ୱାଧୀନତାରେ ଆଦିବାସୀ ବୀରମାନଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ଆର୍.ଉଦୟଗିରିରେ ଏକ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଉଦଘାଟନ କରାଯାଇଛି ।

## ଯୁବକଙ୍କ ଆତ୍ମହତ୍ୟା

ଖଲ୍ଲିକୋଟ,୧୬ ।୧୧(ସମିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ ଓଡ଼ିଆ ଆଲପୁର ଗ୍ରାମରେ ପାରିବାରିକ ଅଶାନ୍ତିରୁ ଶନିବାର ଜଣେ ଯୁବକ ଘର ଭିତରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି । ମୃତକ ହେଲେ ଓଡ଼ିଆ ଆଲପୁର ଗ୍ରାମର କୁମର ପରିଡା । ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଭେଜିପୁଟ ଫାଣ୍ଡି ଏସଆଇ ଭକ୍ତ ଚରଣ ମୁଖୀ ମେଡିକାଲରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇବା ସହ ଘଟଣାର ଅଧିକ ତଦନ୍ତ ଜାରି ରଖିଛନ୍ତି । ଏ ନେଇ ଖଲ୍ଲିକୋଟ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ରମେଶ କୁମାର ପ୍ରଧାନ କହିଛନ୍ତି ।

## ଅତିରିକ୍ତ ଗୋଶାଳା ଭବନର ଶିଳାନ୍ୟାସ

ବେଲଗୁଣ୍ଠା,୧୬ ।୧୧(ସମିସ): ବେଲଗୁଣ୍ଠା ବ୍ଲକ୍ ଅନ୍ତର୍ଗତ ତନରଡ଼ାସ୍ଥିତ ଶ୍ରୀବତ୍ସ ଗୋରକ୍ଷାଶ୍ରମ ନିଜର ଶତବାର୍ଷିକୀ ଅବସରରେ ଅତିରିକ୍ତ ଗୋଶାଳ ଭବନର ଶିଳାନ୍ୟାସ ହୋଇଯାଇଛି । ଆଚାର୍ଯ୍ୟ ଡଃ ସୁଦର୍ଶନ ଦେବଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ବିଭୁତି ଭୂଷଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସ୍ୱତନ୍ତ୍ର ଅତିଥି ଭାବେ ସୋରଡା ବିଧାୟକ ନୀଳମଣି ବିଷୋୟୀ ଓ ଅନ୍ୟତମ ଅତିଥି ଭାବେ



ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ ନାୟକ, ଭଞ୍ଜନଗର ଉପଜିଲ୍ଲାପାଳ ଉମା ଶଙ୍କର ବେହେରା ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଯୁବ ସମାଜସେବୀ ଜିତେନ୍ଦ୍ର କୁମାର ନାୟକଙ୍କ ସମେତ ସଞ୍ଚାଳକ ଶୃତିପ୍ରିୟ ଶାସ୍ତ୍ରୀ, ସମ୍ପାଦକ ଗୋପବନ୍ଧୁ ସାହୁ, କୋଷାଧ୍ୟକ୍ଷ ଏ. ସନ୍ତୋଷ ଆଚାରୀ, ପଞ୍ଚାନନ ପାଳ, ଲୋକନାଥ ନାୟକ, ରବୀନ୍ଦ୍ର ଭୁୟାଁ, ତ୍ରିଲୋଚନ ଜେନା ଉପସ୍ଥିତ ଥିବା ବେଳେ ବହୁ ଗୋପ୍ରେମୀ, ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ ।

## ରାଧାକୃଷ୍ଣ ପାଠାଗାରର ଆଲୋଚନା ସଭା

ଭଞ୍ଜନଗର,୧୬ ।୧୧(ସମିସ): ରାଧାକୃଷ୍ଣ ପାଠାଗାରରେ "ନେହେରୁଙ୍କ ପରିକଳ୍ପିତ ଭାରତ, କେତେ ବାସ୍ତବ' ପ୍ରସଙ୍ଗ ଭିତ୍ତିକ ଆଲୋଚନା ସଭା ଅନୁଷ୍ଠାନର ସଭାପତି ନିରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ପ୍ରାକ୍ତନ ଅଧ୍ୟକ୍ଷ କୃତ୍ତିବାସ ବିଶ୍ୱାଳ ନେହେରୁଙ୍କୁ ଜଣେ ବିଦ୍ୱାନ, ବିଜ୍ଞ ରାଜନୀତିଜ୍ଞ ଓ ଉତ୍ସର୍ଗୀକୃତ ସ୍ୱାଧୀନତା ସଂଗ୍ରାମୀ ବୋଲି କହିଥିଲେ । ସମ୍ମାନୀତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ବୈଦ୍ୟନାଥ ସାହୁ, ଅଧ୍ୟାପିକା ସୁଜାତା ସିଂ, ମୁଖ୍ୟବକ୍ତା ପ୍ରାକ୍ତନ ପ୍ରାଧ୍ୟାପକ ରବୀନ୍ଦ୍ର ନାଥ ପାଳ, ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ବାର ଆସୋସିଏସନର ସଭାପତି ଅଭିମନ୍ୟୁ ଗୌଡ଼, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପଦ୍ମ ଚରଣ ପ୍ରଧାନ ଓ ସଂଗୀତ ଗୁରୁ ଅଶୋକ କୁମାର ମହାପାତ୍ର ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉଲା ସେଠୀ, ଯୁବ କଂଗ୍ରେସ ନେତା ସୁକାନ୍ତ କୁମାର ଦିଗାଲ, ଶିକ୍ଷକ ଭଞ୍ଜକିଶୋର ପ୍ରଧାନ, ପ୍ରସନ୍ନ କୁମାର ତ୍ରିପାଠୀ, ଅବସରପ୍ରାପ୍ତ ମୁଖ୍ୟ କିରାଣୀ ତାରିଣୀ ଚରଣ ନାୟକ, ବରିଷ୍ଠ ସରକାରୀ ଆଇନଜୀବୀ ରଞ୍ଜିତ କୁମାର ତ୍ରିପାଠୀ, ପ୍ରତାପ ସାହୁ, ଅବସରପ୍ରାପ୍ତ ଶିକ୍ଷକ ଯୁଦ୍ଧିଷ୍ଠିର ଗୌଡ଼, ଭାସ୍କର ସାମଲ, ସୁରେନ୍ଦ୍ର ବେହେରା ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ । ସମ୍ପାଦକ ଭଞ୍ଜକିଶୋର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ବୁଗୁଡ଼ାରେ ବଢୁଛି ଅପରାଧ; ସିସିଟିଭି ଅଚଳ



ବୁଗୁଡା,୧୬ ।୧୧(ସମିସ): ବୁଗୁଡା ସହରରେ ନାମକୁ ମାତ୍ର ଲାଗିଛି ମାଳ ମାଳ ସିସିଟିଭି କ୍ୟାମେରା । ସେଥିରୁ ଅଧାରୁ ଅଧିକ ଅଚଳ । ଫଳରେ ଅପରାଧ ଘଟିବା ପରେ ଅପରାଧୀଙ୍କ ଟେର୍ ପାଇପାରୁନି ପୁଲିସ । ସଂପ୍ରତି ବୁଗୁଡ଼ା ସହର ସିସିଟିଭି ଅଧିନରେ ରହିଥିବା ସାଙ୍ଗକୁ ଅସାମାଜିକ କାର୍ଯ୍ୟକଳାପକୁ ମୁକାବିଲା କରିବାର କ୍ଷମତା ରଖିଥିଲେ ହେଁ କାର୍ଯ୍ୟକ୍ଷମ ହେବାର ଅଳ୍ପ କେତେ ମାସ ମଧ୍ୟରେ ସେଥିରୁ ଅନେକ ଅଚଳ ଚିନ୍ତାର ବିଷୟ ପାଲଟିଛି । ଏହି କ୍ୟାମେରା ଗୁଡିକ ମଧ୍ୟରୁ କେତେକ ୨୪ ଘଣ୍ଟା କାମ କରୁନଥିବା ବେଳେ ଆଉ କେତେକ ଚାଲୁଛି ତାହା ମଧ୍ୟରୁ ପୁଣି କେତେକ ଲାଇଭ୍ ଚାଲୁଥିଲେ ମଧ୍ୟ ରେକର୍ଡିଂ ହେଉନାହିଁ । ୨୦୨୩ ଜାନୁଆରୀ ୬ରେ ସ୍ଥାନୀୟ ପୁଲିସ ଥାନା ପକ୍ଷରୁ ଆୟୋଜିତ "ବୁଗୁଡ଼ା ସହରକୁ ସିସିଟିଭି ଦ୍ୱାରା ସମ୍ପୂର୍ଣ୍ଣ ଅନ୍ତର୍ଭୁକ୍ତିକରଣ' କାର୍ଯ୍ୟକ୍ରମରେ ସହରାଞ୍ଚଳର ବଡଶଙ୍ଖ, ନୂଆବସଷ୍ଟାଣ୍ଡ, ହାଇସ୍କୁଲ ଛକ, ପୁରୁଣା ବସଷ୍ଟାଣ୍ଡ, ମଦନ ମୋହନ ଛକ, ବୁଦ୍ଧଖୋଲ ଗେଟ୍ ଛକ , ସିନେମା ହଲ୍ ଛକ, ବଡଦାଣ୍ଡ , ବାଗ୍‌ଦେବୀ ରୋଡ଼, ଖଦାଳସାହି ଛକ, ଥାନା ରୋଡ ସମେତ ବିଭିନ୍ନ ସ୍ଥାନରେ ପୋଲସରା ବିଧାୟକଙ୍କ ହାତପାଣ୍ଠି ବିନିଯୋଗରେ ୨୨ଟି ସିସିଟିଭି କ୍ୟାମେରା ଖଞ୍ଜା ଯାଇଥିଲା । ସେହିପରି ଗ୍ରାମାଞ୍ଚଳର କରସିଙ୍ଗି, ଗୋଲିଆ, ମୋଟାବାଡ଼ି, ମାଣିତରା, ଷୋଳମାଇଲି ଆଦି ଗାଁ ଛକରେ ମଧ୍ୟ ସିସିଟିଭି ଲଗାଯାଇ ଅପରାଧିକ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖାଯାଉଥିବା ନେଇ ପୋଲିସ ସୂତ୍ରରୁ ପ୍ରକାଶ ପାଇଥିଲା । ଏହି କ୍ୟାମେରା ଗୁଡିକର ଦାୟିତ୍ୱ ବୁଗୁଡା ପୁଲିସ ହାତରେ ରହିଥିବା ବେଳେ ବୁଗୁଡା ସହରରେ ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପକୁ ରୋକାଯାଇ ସହରରେ ଶାନ୍ତିଶୃଙ୍ଖଳା ରକ୍ଷା ଲକ୍ଷ୍ୟ ରହିଥିଲା । ଏହି କ୍ୟାମେରା ମାଧ୍ୟମରେ ବାହାରୁ ବୁଗୁଡା ସହରକୁ ପ୍ରବେଶ କରୁଥିବା ଏବଂ ସହରରୁ ବାହାରକୁ ଯାଉଥିବା ଯାନବାହାନ ଠାରୁ ଆରମ୍ଭ କରି ଅସାମାଜିକ ବ୍ୟକ୍ତିଙ୍କ ଉପରେ ନଜର ରଖାଯାଇ ପାରୁଥିଲା । ତେବେ ଅଧିକାଂଶ ସ୍ଥାନରେ ଲାଗିଥିବା କ୍ୟାମେରା କାମ ଦେଉନି । ଫଳରେ କୌଣସି ଅସାମାଜିକ ଘଟଣାର ତଦନ୍ତ ପାଇଁ ବିଭିନ୍ନ ଦୋକାନରେ ଲାଗିଥିବା କ୍ୟାମେରାର ସହାୟତା ଲୋଡ଼ା ଯାଉଛି । ତେବେ ଅଚଳ କ୍ୟାମେରାଗୁଡିକୁ ସ୍ଥାନୀୟ ପ୍ରଶାସନ ଯଥାଶୀଘ୍ର ସଜାଡ଼ିବାକୁ ସାଧାରଣରେ ଦାବି ହେଉଛି ।

**ତଥ୍ୟ ପ୍ରଦାନରେ ଅବହେଳା**

## ବ୍ଲକ୍ ଫାଇନାନ୍ସ କର୍ମଚାରୀଙ୍କ ବଦଳି ଦାବି

ବ୍ରହ୍ମପୁର/କୁକୁଡ଼ାଖଣ୍ଡି,୧୬ ।୧୧(ସମିସ): ସୂଚନା ଅଧିକାର ଉତ୍ତର ପରେ କୁକୁଡ଼ାଖଣ୍ଡି ବ୍ଲକ ଫାଇନାନ୍ସ ଅଫିସରଙ୍କ ବଦଳି ଦାବି କରିଛନ୍ତି ନଳିହାଡ଼ ପୂର୍ବତନ ସରପଞ୍ଚ ସନାତନ ସଂଗ୍ରାମ ସିଂ । ସୂଚନା ପ୍ରକାରେ କୁକୁଡ଼ାଖଣ୍ଡି ବ୍ଲକରେ ଫାଇନାନ୍ସ ଅଫିସରଙ୍କ ଦ୍ୱାରା ବିଭିନ୍ନ ଦୁର୍ନୀତି କାର୍ଯ୍ୟକୁ ଭିତ୍ତି କରି ଏପରିକି ବିଡିଓଙ୍କ ନକଲି ଦସ୍ତଖତ କରି ସୂଚନା ଅଧିକାର ତଥ୍ୟ ପ୍ରଦାନ ଭଳି ଜଘନ୍ୟ ଅଭିଯୋଗ ଆଣିଥିଲେ ପୂର୍ବତନ ସରପଞ୍ଚ ଶ୍ରୀ ସିଂ । ବ୍ଲକ ଫାଇନାନ୍ସ ଅଫିସରଙ୍କ ନିଯୁକ୍ତି ସମ୍ପର୍କରେ ଗତ ଅକ୍ଟୋବର ୮ରେ ସୂଚନା ଅଧିକାର ବଳରେ ତଥ୍ୟ ମାଗିଥିଲେ ଶ୍ରୀ ସିଂ । ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଏହାକୁ ଅକ୍ଟୋବର ୧୨ରେ କୁକୁଡାଖଣ୍ଡି ବ୍ଲକକୁ ପ୍ରେରଣ କରିଥିଲେ । ମାତ୍ର ତାଙ୍କୁ କୌଣସି ତଥ୍ୟ ପ୍ରଦାନ କରାଯାଇନଥିଲା । ପରେ ୧୫ ଅକ୍ଟୋବରରେ ପୁନଃ ଆବେଦନ କରିଥିଲେ । ତେବେ ଏହାର ଶୁଣାଣି ଅପିଲେଟ୍ ଅଧିକାରୀ ତଥା ବିଡିଓ କରିନଥିଲେ । ପରେ ଚଳିତ ମାସ ୩ ତାରିଖରେ ଚିଠି ନଂ.୩୭୭୮ ପ୍ରକାରେ ମାଗିଥିବା ତଥ୍ୟ ପ୍ରଦାନ କରାଯାଇଥିଲା । ତେବେ ପ୍ରଦତ୍ତ ତଥ୍ୟରେ ଗୁରୁତର ବିଭ୍ରାଟ ଥିଲା । ପ୍ରଦତ୍ତ ଚିଠିର ଲେଟେର ହେଡ୍‌ରେ ଧରାକୋଟ ଉପନିବନ୍ଧକ କାର୍ଯ୍ୟାଳୟ ଉଲ୍ଲେଖ ଥିବାବେଳେ ଚିଠିରେ କୁକୁଡ଼ାଖଣ୍ଡି ବିଡିଓ ତଥା ପ୍ରଥମ ଅପିଏଲେଟ୍‌ଙ୍କ ଦସ୍ତଖତ ଥିବା ଦେଖିବାକୁ ମିଳିଥିଲା । ଯାହାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ପୁଣି ଚିଠି ନଂ.୩୭୭୮ ପ୍ରକାରେ ବିଡିଓଙ୍କ ସ୍ୱାକ୍ଷର ଅସଲି ଦର୍ଶାଇ ପରବର୍ତ୍ତୀ ସମୟରେ ଆଉ ଗୋଟେ ଚିଠି ସୋସିଆଲ ମିଡିଆରେ ଘୁରି ବୁଲିଥିଲା । ପୁଣି ଏହାକୁ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଏହାର ସଠିକ ତଥା ନିରପେକ୍ଷ ତଦନ୍ତ ନିମନ୍ତେ ନଳିହାଡ ପୂର୍ବତନ ସରପଞ୍ଚ ସନାତନ ସଂଗ୍ରାମ ସିଂ ଭାରପ୍ରାପ୍ତ ବିଡିଓ ମୃଣାଳିକ ରାଠୋରଙ୍କୁ ଚିଠି ଲେଖିଥିଲେ । ସେହିପରି ବିଡିଓ ଓ ଭାରପ୍ରାପ୍ତ ବିଡିଓଙ୍କ ଦ୍ୱାରା ପ୍ରଦତ୍ତ ଚିଠି ମଧ୍ୟରୁ ଗୋଟିଏରେ ସମ୍ପୃକ୍ତ ଫାଇନାନ୍ସ ଅଧିକାରୀଙ୍କ କାର୍ଯ୍ୟରେ ଯୋଗଦେବା ତାରିଖ ୧୦ ଅକ୍ଟୋବର ୨୦୧୯ ଲେଖାଥିବାବେଳେ ଅନ୍ୟଟିରେ ୧୦ ଅକ୍ଟୋବର ୨୦୨୫ ଦର୍ଶାଯାଇଛି । ଏହାକୁ ନେଇ ତଦନ୍ତ କରି ଚଳିତ ମାସ ୧୧ ତାରିଖରେ ଚିଠି ନମ୍ବର ୩୮୭୦ ପ୍ରକାରେ ଭରପ୍ରାପ୍ତ ବିଡିଓ ମୃଣାଳିକ ରାଠୋର ସଠିକ୍ ଉତ୍ତର ପ୍ରଦାନ କରିଥିଲେ । ଏହାକୁ ନେଇ ସ୍ପଷ୍ଟ ଜଣାପଡୁଛି ଫାଇନାନ୍ସ ଅଫିସର ତଥା ଦାୟିତ୍ୱରେ ଥିବା ସୂଚନା ଅଧିକାରୀ ଅଫିସରଙ୍କ ଭୁଲ ପାଇଁ ଏପରି ବିଭ୍ରାନ୍ତକର ତଥ୍ୟ ପ୍ରଦାନ କରାଯାଉଛି । ତେବେ ସରକାରଙ୍କ ନିୟମ ଅନୁସାରେ ଫାଇନାନ୍ସ ଅଫିସର ଗୋଟିଏ ସ୍ଥାନରେ ୫ବର୍ଷରୁ ଅଧିକ ସମୟ ରହିଥିବା କାରଣରୁ ତାଙ୍କୁ କାହିଁକି ବଦଳି କରାଯାଉ ନାହିଁ ବୋଲି ଦାବି କରିଛନ୍ତି ପୂର୍ବତନ ସରପଞ୍ଚ ସନାତନ ସଂଗ୍ରାମ ସିଂ ।

## ଆଇକନିକ୍ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍ ଉଦ୍‌ଯାପିତ

# ଗୋଲକୁଣ୍ଡା ଚାମ୍ପିଅନ, ବାରବାଟୀ ରନର୍ସଅପ୍

**ଭୁବନେଶ୍ୱର, ୧୬।୧୧(ସମିସ)**

ଅଲ ଓଡ଼ିଶା ଚେସ୍ ଆସୋସିଏସନ (ଏଓସିଏ) ଓ ଆଇକନିକ୍ ସ୍ପୋର୍ଟ୍ସ ଫାଉଣ୍ଡେସନ (ଆଇଏସ୍‌ଏଫ୍) ପକ୍ଷରୁ କ୍ରିକେଟରେ ଆଇପିଏଲ୍ ଢ଼ାଞ୍ଚାରେ ଫ୍ରାଞ୍ଚାଇଜ୍ ଭିତ୍ତିକ ୧୨ଟି ଦଳକୁ ନେଇ ଓଡ଼ିଶାରେ ପ୍ରଥମଥର ଆୟୋଜିତ ହୋଇଥିବା ଓଡ଼ିଶା ଆଇକନିକ୍ ଚେସ୍ ପ୍ରିମିୟର ଲିଗ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଗୋଲକୁଣ୍ଡା ଗାର୍ଡିଅନ୍ସ ଚାମ୍ପିଅନ ହୋଇଥିଲାବେଳେ ବାରବାଟୀ ବ୍ୟାଟଲର୍ସ ରନସ ଅପ୍ ହୋଇଛି। ଭିକ୍ଟୋରିଆ ଭିକ୍ଟର୍ସ ଦ୍ୱିତୀୟ ରନର୍ସ ଅପ୍ ହୋଇଥିଲାବେଳେ ଅମ୍ବର ଆଭେଞ୍ଜର୍ସ ଚତୁର୍ଥ ସ୍ଥାନରେ ରହିଥିଲା। ପୁରସ୍କାର ବାବଦରେ ଚାମ୍ପିଅନ ଗ୍ରାଣ୍ଡ ଆୱାସ ମାଲିକାନାରେ ଖେଳୁଥିବା ଗୋଲକୁଣ୍ଡାକୁ ଟ୍ରଫି ସହ ୫ ଲକ୍ଷ, ଟ୍ରିପଲ 'ସି' କ୍ଲବ୍ ମାଲିକାନାରେ ଖେଳୁଥିବା ବାରବାଟୀ ବ୍ୟାଟଲର୍ସକୁ ରନର୍ସ ଅପ୍ ଟ୍ରଫି ସହ ୩ ଲକ୍ଷ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛତିଶଗଡ଼ର ରାଘବେନ୍ଦ୍ର ସିଂଘାଣିଆଙ୍କ ଟିମ୍ ଭିକ୍ଟୋରିଆ ଭିକ୍ଟର୍ସକୁ




ରନର୍ସ ଅପ୍ ଟ୍ରଫି ସହ ୨ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଛି। ଖେଳ ଶେଷରେ ଅନୁଷ୍ଠିତ ଉତ୍ସବରେ ସାଂସଦ ପ୍ରଦୀପ କୁମାର ବର୍ମା ମୁଖ୍ୟଅତିଥି, ଜେମିନୀ ଅଏଲର ଜେନେରାଲ ମ୍ୟାନେଜର ପ୍ରଦୀପ କିଶୋର ମହାପାତ୍ର, ଜିଏସ୍‌ଟି କମିଶନର ପ୍ରୀତିରଞ୍ଜନ ନାଥ, ଏଆଇସିଏଫ୍ ଯୁଗ୍ମ ସଚିବ ମନୀଷ କୁମାର, ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ପ୍ରଦୀପ୍ତ ମହାନ୍ତି, ଡ. ସଞ୍ଜୟ ଚୌଧୁରୀ, ଡ. ଚିଦାତ୍ମିକା ଖଟୁଆ, ଡ. ସେକ୍ ସମିମ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ।

ଆଇପିଏଲ ଢ଼ାଞ୍ଚାରେ ହୋଟେଲ ଲାଇଫ୍‌ରେ ଗତ ୩ ଦିନ ଧରି ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ୧୨ଟି ଦଳକୁ ନେଇ ଏହି ଟୁର୍ଣ୍ଣାମେଣ୍ଟ ରାଉଣ୍ଡ ରବିନ ଲିଗ୍ ଫର୍ମାଟରେ ଖେଳ ହେବା ପରେ ୪ଟି ଦଳ ନକ୍‌ଆଉଟକୁ ଉନ୍ନିତ ହୋଇଥିଲେ। ଆଇପିଏଲ୍ ପରି ପ୍ରଥମ ଦୁଇ ଦଳ ମଧ୍ୟରେ କ୍ୱାଲିଫାୟର-୧ରେ ପରସ୍ପର ସହ ମୁକାବିଲା କରିଥିଲେ। ଏଥିରେ ଭିକ୍ଟୋରିଆକୁ ହରାଇ ନଂ-୧ ଟିମ୍ ଗୋଲକୁଣ୍ଡା ପ୍ରଥମ ଟିମ୍ ଭାବେ ଫାଇନାଲକୁ ଯାଇଥିଲା। ଏଲିମିନେଟରରେ ଅମ୍ବର ଆଭେଞ୍ଜର୍ସକୁ ହରାଇ ବାରବାଟୀ ଦ୍ୱିତୀୟ କ୍ୱାଲିଫାୟର୍ସକୁ ଯାଇଥିଲା। ପରେ ଖେଳାଯାଇଥିବା ଦ୍ୱିତୀୟ କ୍ୱାଲିଫାୟରରେ ଭିକ୍ଟୋରିଆକୁ ହରାଇ ବାରବାଟୀ ଦ୍ୱିତୀୟ ଦଳ ଭାବେ ଫାଇନାଲ୍‌ରେ ପ୍ରବେଶ କରିଥିଲା। ଫାଇନାଲରେ ବାରବାଟୀକୁ ହରାଇ ଗୋଲକୁଣ୍ଡା ଗାର୍ଡିଆନ୍ସ ଚାମ୍ପିଅନ ହୋଇଥିଲା। ଏହି ଦଳରେ ଆର୍ଯ୍ୟ ଅର୍ଣ୍ଣବ ସାମନ୍ତରାୟ, ମହୀତୋଷ ଦେ', ଅଧିନାୟକ ତଥା ଆଇଏମ୍ ଆରାଧ ଗର୍ଗ, ସ୍ୱପ୍ନିଳ ପ୍ରିୟଦର୍ଶୀ, ମୁକୁନ୍ଦ ହେମନ୍ତ ଅଗରୱାଲ, ଆଶ୍ରିୟା ଦାସ, ରାକେଶ କୁମାର ନାୟକ ଏବଂ ସୋୟମ ଲକ୍ଷ୍ମୀଦତ୍ତ ଡି ସାବତ ଖେଳାଳିଭାବେ ଚମତ୍କାର ପ୍ରଦର୍ଶନ କରିଥିଲେ।

ଏହି ଟୁର୍ଣ୍ଣାମେଣ୍ଟର ଚିଫ୍ ଆର୍ବିଟର ଭାବେ ଆଇଏ ସୁରେଶ ଚନ୍ଦ୍ର ସାହୁ, ଡେପୁଟି ଚିଫ୍ ଆର୍ବିଟର ଭାବେ ଆଇଏ ତାପସ କୁମାର ମହାନ୍ତି ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ। ସନ୍ତୋଷ ମହାପାତ୍ର, ପିଙ୍କି ମହାପାତ୍ର, ଅଭିଷେକ ଆଚାର୍ଯ୍ୟ ଓ ଅନ୍ୟ ଆର୍ବିଟରମାନେ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ। ଏଓସିଏ କାର୍ଯ୍ୟନିର୍ବାହୀ ସଦସ୍ୟ ରୀତେଶ ରଥ, ପଦ୍ମିନୀ ସିଂ, ଧନଞ୍ଜୟ ସାବତ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ରାଜ୍ୟ ବେଞ୍ଚପ୍ରେସ୍ ପ୍ରତିଯୋଗିତା ଉଦ୍‌ଯାପିତ

# ଖୋର୍ଦ୍ଧା ପ୍ରଥମ, କଟକ ଦ୍ୱିତୀୟ

**ଭୁବନେଶ୍ୱର, ୧୬।୧୧(ସମିସ):** ଓଡ଼ିଶା ରାଜ୍ୟ ବେଞ୍ଚପ୍ରେସ୍ ପ୍ରତିଯୋଗିତା ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଶକ୍ତିଉତ୍ତୋଳନ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ୧୬ଟି ଜିଲ୍ଲାରୁ ୨୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଖୋର୍ଦ୍ଧା ଜିଲ୍ଲା ୨୩ଟି ସ୍ୱର୍ଣ୍ଣପଦକ ଜିତି ପ୍ରଥମ, କଟକ ଜିଲ୍ଲା ୮ଟି ସ୍ୱର୍ଣ୍ଣପଦକ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ସୁନ୍ଦରଗଡ଼ ୭ଟି ସ୍ୱର୍ଣ୍ଣ ସହ ତୃତୀୟ ହୋଇଛି। ଖେଳ ଶେଷରେ ଓଡ଼ିଶା ଶକ୍ତିଉତ୍ତୋଳନ ସଂଘ ସଭାପତି ଙ୍କ ଚିତ୍ତରଞ୍ଜନ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଏକାମ୍ର ବିଧାୟକ ବାବୁ ସିଂ ମୁଖ୍ୟ ଅତିଥି, ଜଗନ୍ନାଥ



ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆସୋସିଏସନର ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ, ଜାନକୀ ବଲ୍ଲଭ ମିଶ୍ର, ଚନ୍ଦ୍ରଶେଖର ସାହୁ, ପ୍ରଦୀପ କୁମାର ପାତ୍ର, ଏନ୍‌ବି ପଟ୍ଟନାୟକ, କୃଷ୍ଣଚନ୍ଦ୍ର ସାହୁ, ଲକିରାଣୀ ପାତ୍ର, ସ୍ୱାଗତିକା ଖଟେଇ ଓ ଅନୁପମା ସ୍ୱାଇଁ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

# ଶ୍ୱେତପଦ୍ମାଙ୍କୁ ମିଳିଲା ଏକଲବ୍ୟ ପୁରସ୍କାର


**ଭୁବନେଶ୍ୱର, ୧୬।୧୧(ସମିସ):** ରାଜ୍ୟର ପ୍ରମୁଖ ଅନ୍ତର୍ଜାତୀୟ ମହିଳା ବ୍ୟାଡମିଣ୍ଟନ ଖେଳାଳି ଶ୍ୱେତପଦ୍ମା ପଣ୍ଡାଙ୍କୁ ୩୩ତମ ଏକଲବ୍ୟ ପୁରସ୍କାର ପ୍ରଦାନ କରାଯାଇଛି। ରବିବାର ଏକ ଘରୋଇ ହୋଟେଲେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ରାଜ୍ୟ ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ମୁଖ୍ୟ ଅତିଥି, ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା ପ୍ରକାଶ ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ଶ୍ୱେତପଦ୍ମାଙ୍କୁ ଇମ୍ପାକ୍ଟ ପ୍ରଦତ୍ତ ଟ୍ରଫି, ମାନପତ୍ର ଓ ୭ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରିଥିଲେ। ଏହା ବ୍ୟତୀତ ରାଜ୍ୟର ଆଉ ଦୁଇଜଣ ଖେଳାଳିଙ୍କୁ ସମ୍ମାନିତ କରାଯାଇଛି। ଭାରୋତ୍ତୋଳିକା ପ୍ରିତୀସ୍ମିତା ଭୋଇ ଓ ଉଦୀୟମାନ ଟେନିସ ଖେଳାଳି ଆହାନଙ୍କୁ ମାନପତ୍ର, ଟ୍ରଫି ଓ ଦେଢ଼ଲକ୍ଷ ଲେଖାଏଁ ଟଙ୍କା ଦିଆଯାଇଥିଲା।

**ସମ୍ମାନିତ ହେଲେ ପ୍ରୀତିସ୍ମିତା ଓ ଆହାନ**



ଏକଲବ୍ୟ ପୁରସ୍କାର କମିଟି ଅଧ୍ୟକ୍ଷ ତଥା ଟ୍ରଷ୍ଟି ବୈଜୟନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅନ୍ୟତମ ଟ୍ରଷ୍ଟି ପାରମିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ବିତରଣ ଉତ୍ସବକୁ ପୁରସ୍କାର କମିଟି ସଂଯୋଜକ ତଥା କର୍ପୋରେଟ ବ୍ୟାପାର ମୁଖ୍ୟ ଅଶ୍ୱିନୀପ୍ରସାଦ ମହାନ୍ତି ପରିଚାଳନା କରିଥିଲେ। ୧୯୯୩ ମସିହାରୁ ରାଜ୍ୟର ଉଦୀୟମାନ ଖେଳାଳିଙ୍କୁ ଇମ୍ଫା ପକ୍ଷରୁ ଏକଲବ୍ୟ ପୁରସ୍କାର ପ୍ରଦାନ କରାହୋଇଆସୁଛି।

# ନିଖିଳ ଓଡ଼ିଶା ବିଲିଆର୍ଡ୍‌ସ ଓ ସ୍ନୁକର ରାଜ୍ୟ ର୍ୟାଙ୍କିଙ୍ଗ୍ ଚାମ୍ପିଅନ୍‌ସିପ୍ ଆରମ୍ଭ



ଭୁବନେଶ୍ୱର, ୧୬।୧୧(ସମିସ): ୩୧ତମ ରାଜ୍ୟ ବିଲିୟାର୍ଡ୍ସ ଓ ସ୍ନୁକର ଚାମ୍ପିଅନସିପ୍ ପଟିଆ ଛକସ୍ଥିତ ସିକ୍ସ ପକେଟସ କ୍ଲବ୍ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ୪ଟି ବିଭାଗରେ ହେବାକୁ ଥିବା ଏହି ରାଜ୍ୟ ର୍ୟାଙ୍କିଙ୍ଗ୍ ଚାମ୍ପିଅନସିପ୍‌କୁ ବିଲିଆର୍ଡ୍ସ ଆଣ୍ଡ ସ୍ନୁକର ସଂଘ ସମ୍ପାଦକ ସମୀର ଅଲି ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟର ଶୀର୍ଷ ଖେଳାଳି, କ୍ଲବ୍ ମାଲିକ ଚେତନ ଆନନ୍ଦ ଓ ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଗୋବିନ୍ଦ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଆଜି ଶେଷ ହୋଇଥିବା ସବଜୁନିଅର ବିଲିୟାର୍ଡ୍ସରେ ଆଜ୍‌ଲାନ ଅଲିଙ୍କୁ ହରାଇ ଚାମ୍ପିଅନ ହୋଇଛନ୍ତି। ସିନିଅର ବିଲିୟାର୍ଡ୍ସ ସେମିଫାଇନାଲରେ ସୁବ୍ରତ ଦାସ, ସମୀର ଅଲି ଓ ଚିରଞ୍ଜୀବ ସିଂ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସିନିଅର ସ୍ନୁକର ପ୍ରଥମ ରାଉଣ୍ଡରେ ଜଗଦୀଶ ମହାନ୍ତି, ଅନୁଜ ପଣ୍ଡା, ନିଶି ପ୍ରକାଶ, ଉଦ୍‌ଭାସ ମହାପାତ୍ର, ପ୍ରିୟା ଗୋବିନ୍ଦ ଓ ରାକେଶ ମହାନ୍ତି ବିଜୟ ହାସଲ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

## ମହିଳା ଦୃଷ୍ଟିହୀନ ବିଶ୍ୱକପ୍ କ୍ରିକେଟ୍

# ପାକିସ୍ତାନକୁ ହରାଇଲା ଭାରତ

କଲମ୍ବୋ, ୧୬।୧୧(ଏଜେନ୍ସି): ମହିଳା ଦୃଷ୍ଟିହୀନ ବିଶ୍ୱକପ୍ କ୍ରିକେଟରେ ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ୮ ୱିକେଟରେ ପଡୋଶୀ ପାକିସ୍ତାନକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ୨୩ ରନ୍‌ରେ ୪ଟି ୱିକେଟ ହରାଇବା ପରେ ମେହେରିନ୍ ଅଲିଙ୍କ ୬୬ ରନ୍ ସହାୟତାରେ ୮ ୱିକେଟ ହରାଇ ୧୩୫ ରନ୍ କରିଥିଲା। ଜବାବରେ ଭାରତ ୨ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲା। ଏହି ବିଜୟ ଫଳରେ ଭାରତ ସେମିଫାଇନାଲରେ ପ୍ରବେଶ କରିଛି। ଆସନ୍ତାକାଲି ବା ସୋମବାର ଅଷ୍ଟ୍ରେଲିଆ ଓ ଶ୍ରୀଲଙ୍କା ମଧ୍ୟରେ ଲିଗ୍ ମ୍ୟାଚ୍ ଖେଳାଯିବ।

## ଜାତୀୟ ପାରା ସୁଇମିଂ ଚାମ୍ପିଅନ୍‌ସିପ୍

# ପ୍ରଥମ ଦିବସରେ ଓଡ଼ିଶାକୁ ୭ ପଦକ



**ଭୁବନେଶ୍ୱର, ୧୬।୧୧ (ସମିସ):** ହାଇଦରାବାଦ୍‌ରେ ରବିବାର ଜାତୀୟ ପାରା ସୁଇମିଂର ୨୫ତମ ସଂସ୍କରଣ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିବସରେ ଓଡ଼ିଶା ସନ୍ତରଣକାରୀମାନେ ପ୍ରଭାବୀ ପ୍ରଦର୍ଶନ କରି ୭ଟି ପଦକ ବିଜୟୀ ହୋଇଛନ୍ତି। ଯେଉଁଥିରେ ୩ଟି ଲେଖାଏ ସ୍ୱର୍ଣ୍ଣ ଓ କାଂସ୍ୟ ଏବଂ ଗୋଟିଏ ରୌପ୍ୟ ପଦକ ରହିଛି। ପୁରୁଷ ୧୦୦ ମିଟର ଫ୍ରିଷ୍ଟାଇଲର ଏସ୍-୪ କାଟାଗୋରୀରେ ବଳରାମ ସ୍ୱାଇଁ, ଏସ୍-୫ କାଟାଗୋରୀରେ ନରହରି ବେହେରା ଓ ମହିଳା ଏସ୍-୬ କାଟାଗୋରୀରେ କବିତା ଦଳାଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିଭଳି ପୁରୁଷ ବ୍ୟାକ୍ ଷ୍ଟ୍ରୋକ ଏସ୍-୧୧ କାଟାଗୋରୀରେ ରଞ୍ଜନ ହାଁସଦାଙ୍କୁ ରୌପ୍ୟ ପଦକ ମିଳିଛି। କାଂସ୍ୟ ପଦକ ସଫଳତା ପାଇଥିବା ସନ୍ତରଣକାରୀମାନେ ହେଲେ ଦୀନେଶ ମାଝୀ, ଶିବାନନ୍ଦ ବୈଦ୍ୟ ଓ କମଳ ଟୁଡୁ।

## ଶରଣକୁଳ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ

# ଟାଇବ୍ରେକର୍‌ରେ ଜିତିଲା ସେଞ୍ଚୁରିଆନ କ୍ଲବ୍

**ଶରଣକୁଳ,୧୬।୧୧(ସମିସ)**

ଶରଣକୁଳ ଲଡୁକେଶ ଆଥଲେଟିକ୍ ଆସୋସିଏସନର ୬୪ ତମ ସର୍ବ ଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ସ୍ଥାନୀୟ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଉଦଘାଟିତ ହୋଇ ଯାଇଛି। ଆସାସିଏସନର ସଭାପତି ତଥା ପୂର୍ବତନ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ଏହି ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ, ସଂଯୁକ୍ତା ପଢ଼ିଆରୀ, ଶରଣକୁଳ ଥାନା ଅଧିକାରୀ ସୁଜିତ କୁମାର ଦାସ ପ୍ରମୁଖ ଅତିଥି ରୂପେ ଯୋଗ ଦେଇ ଥିଲେ। ଉଦଘାଟନୀ ମ୍ୟାଚ ଭୁବନେଶ୍ୱରର



ସେଞ୍ଚୁରିଆନ କ୍ଲବ ଓ ଜଟଣୀର ଉତ୍କଳ ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଖେଳର ପ୍ରଥମାର୍ଦ୍ଧ ବେଶ ଚିତ୍ତାକର୍ଷକ ଥିବାବେଳେ ୧୧ ତମ ମିନିଟରେ ଜଟଣୀ ଦଳର ୧୦ ନମ୍ବର ଜର୍ସି ଖେଳାଳି ଚିଣ୍ଟୁ ସାମଲ ଚତୁରତାର ସହ ପ୍ରଥମ ଗୋଲ ସ୍କୋର କରି ଦଳକୁ ଆଗେଇ ନେଇଥିଲେ । ଦ୍ୱିତୀୟାର୍ଦ୍ଧ ଖେଳର ପ୍ରଥମ ମିନିଟରେ ଭୁବନେଶ୍ୱର ଦଳର ୭ ନମ୍ବର ଜର୍ସି ଖେଳାଳି ଅମିନୁ ଗୋଲ ଶୁଝାଇ ଦଳକୁ ସମାନ ସ୍ତରକୁ ଆଣିଥିଲେ । ଖେଳ ୧-୧ରେ ସମାନ ହେବା ପରେ ଖେଳ ସଂଘର୍ଷପୂର୍ଣ୍ଣ ହୋଇଥିଲା ଓ ୩୧ ତମ ମିନିଟ ରେ ଚିଣ୍ଟୁ ସାମଲ ବିପକ୍ଷ ଦଳକୁ ଆଉ ଗୋଟିଏ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। କିନ୍ତୁ ଶେଷ ସମୟ ପୂର୍ବରୁ ଭୁବନେଶ୍ୱର ଦଳ ଶୁଝାଇଦେବାରୁ ନିର୍ଦ୍ଧାରିତ ସମରେ ଖେଳ ୨-୨ ଗୋରେ ସମାନସ୍ତରେ ରହିଥିଲା। ମ୍ୟାଚ୍ର ଫଳାଫଳ ଲାଗି ଟାଇବ୍ରେକର ପଦ୍ଧତି ନିଆଯାଥିଲା। ଏଥରେ ଭୁବନେଶ୍ୱର ଦଳ ବିଜୟୀ ହୋଇଥିଲା ଓ ଦଳର ଅମିନୁଙ୍କୁ ଶ୍ରେଷ୍ଠ ଖେଳାଳି ରୁପେ ଚୟନ କରାଯାଇଥିଲା। ଶରଣକୁଳ ଜନସଂଗ୍ରାମ ପ୍ରେସ ପକ୍ଷରୁ ଅତିଥିଙ୍କ ଦ୍ୱାରା ଏକହଜାର ଅର୍ଥ ରାଶି ସହିତ ଏକ ଟ୍ରଫି ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଛି। ରେଫରୀ ରାଜୁ ମହାନ୍ତି ଖେଳ ପରିଚାଳନା କରିଥିବା ବେଳେ ପ୍ରସନ୍ନ କୁମାର ନାୟକ, ଜ୍ୟୋତିରଞ୍ଜନ ସ୍ୱାଇଁ, ଜଗନ୍ନାଥ ପରିଡା ଲାଇନରେ ସହାୟତା କରିଥିଲେ। ବିକ୍ରମ କୁମାର ଦାଶ,କୃଷ୍ଣଚନ୍ଦ୍ର ମହାପାତ୍ର,ଚିତ୍ତ ରଞ୍ଜନ ବରାଡ଼,କୃଷ୍ଣଚନ୍ଦ୍ର ତ୍ରିପାଠୀ,ରମେଶଚନ୍ଦ୍ର ବରାଡ଼,ଅଖିଳ କୁମାର ମହାପାତ୍ର ପ୍ରମୁଖ ଖେଳ ରେ ସହଯୋଗ କରିଥିଲେ। ସୋମବାର ଖେଳ ଡ଼ିଏମଏସଏଫସି କେପିଖାଡ଼ଖଣ୍ଡ ଏବଂ ଗଣ୍ଡରପୁର ଫୁଟବଲ କ୍ଲବ, ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆସୋସିଏସନର ସମ୍ପାଦକ ରବିନ୍ଦ୍ର କୁମାର ଚୌଧୁରୀ ଜଣାଇଛନ୍ତି।

## ଆଜିଠୁ ମହିଳା କବାଡ଼ି ବିଶ୍ୱକପ୍

# ଟାଇଟଲ୍ ବଜାୟ ଲକ୍ଷ୍ୟରେ ଭାରତ

**ଢାକା, ୧୬।୧୧ (ଏଜେନ୍ସି):** ମହିଳା କବାଡ଼ି ବିଶ୍ୱକପ୍‌ର ଦ୍ୱିତୀୟ ସଂସ୍କରଣ ସୋମବାରଠାରୁ ବାଂଲାଦେଶର ଢାକାରେ ଆରମ୍ଭ ହେବାକୁଯାଉଛି। ୧୩ ବର୍ଷର ବ୍ୟବଧାନ ପରେ ମହିଳା କବାଡ଼ି ବିଶ୍ୱକପ୍ ଖେଳାଯିବ। ୨୦୧୨ରେ ବିହାରରେ ଖେଳାଯାଇଥିବା ପ୍ରଥମ ସଂସ୍କରଣରେ ଭାରତୀୟ ମହିଳା ଦଳ ଇରାନକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ଫଳରେ ଡିଫେଣ୍ଡିଂ ଚାମ୍ପିଅନ ଭାବେ ଭାରତ ଏଥର ବିଶ୍ୱକପ୍‌ରେ ପ୍ରବେଶ କରିଛି। ନଭେମ୍ବର ୨୪ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଦ୍ୱିତୀୟ ସଂସ୍କରଣରେ ମୋଟ୍ ୧୧ଟି ଦଳ ଭାଗନେଇଛନ୍ତି। ଆୟୋଜକ ବାଂଲାଦେଶ ଓ ଭାରତ ସମେତ ଜର୍ମାନୀ, ଥାଇଲାଣ୍ଡ ଓ ଉଗାଣ୍ଡା ଗ୍ରୁପ୍-ଏ'ରେ ସ୍ଥାନ ପାଇଛନ୍ତି। ସେହିଭଳି ଗ୍ରୁପ୍-ବି'ରେ ଇରାନ, କେନିଆ, ନେପାଳ, ପୋଲାଣ୍ଡ, ଚାଇନିଜ ତାଇପେଇ ଓ ଯାଞ୍ଜିବର ରହିଛନ୍ତି। ଶେଷ ମୁହୂର୍ତ୍ତରେ ଆର୍ଜେଣ୍ଟିନା ଓହରିଯିବାରୁ ଗ୍ରୁପ୍-ଏ'ରେ ୫ଟି ଦଳ ସ୍ଥାନ ପାଇଛନ୍ତି। ପ୍ରତି ଗ୍ରୁପ୍‌ର ଦୁଇଟି ଲେଖାଏ ଶ୍ରେଷ୍ଠ ଦଳ ସେମିଫାଇନାଲକୁ ପ୍ରବେଶ କରିବେ।

## କୁଚ୍ ବିହାର ଟ୍ରଫି

# ଅର୍ପିତଙ୍କୁ ୩ ୱିକେଟ୍; ମହାରାଷ୍ଟ୍ର ୨୯୯/୫

**କଟକ, ୧୬।୧୧(ସମିସ):** ଘରୋଇ ମହାରାଷ୍ଟ୍ର ଓ ଓଡ଼ିଶା ମଧ୍ୟରେ ରବିବାରଠାରୁ ନାଗୋଥାନେର ରିଲାଏନ୍ସ କ୍ରିକେଟ ଗ୍ରାଉଣ୍ଡରେ କୁଚ୍ ବିହାର ଟ୍ରଫି (୧୯ ବର୍ଷରୁ କମ୍) ମ୍ୟାଚ୍ ଆରମ୍ଭ ହୋଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ସୁଯୋଗ ପାଇଥିବା ମହାରାଷ୍ଟ୍ର ଦଳ ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ୫ ୱିକେଟ ବିନିମୟରେ ୨୯୯ ରନ ସଂଗ୍ରହ କରି ଦୃଢ଼ସ୍ଥିତିରେ ରହିଛି। ଦଳ ପକ୍ଷରୁ ଓପନର ଜାସନ ସିଂହ ସର୍ବାଧିକ ୧୦୨ ରନ କରିଥିଲେ। ସେହିଭଳି ୱିକେଟକିପର ସାଇ ପ୍ରଦେଶୀ ଏବଂ ଏସ୍ ଜଗତପ ଯଥାକ୍ରମେ ୪୫ ଏବଂ ୪୮ ରନ ସଂଗ୍ରହ କରି ଅପରାଜିତ



ରହିଛନ୍ତି। ଓଡ଼ିଶା ପକ୍ଷରୁ ଅର୍ପିତ ମହାନ୍ତି ୩ଟି ଏବଂ ରାଜ ଯାଦବ ୨ଟି ୱିକେଟ ଦଖଲ କରିଛନ୍ତି। ପ୍ରଥମ ଦିବସରେ ଓଡ଼ିଶା ବୋଲର ୯୨ ଓଭର ବୋଲିଂ କରି ମାତ୍ର ୫ ୱିକେଟ୍ ନେଇ ନିରାଶ କରିଛନ୍ତି।

## ଏସିଆ କପ୍ ରାଇଜିଂ ଷ୍ଟାର୍

# ସୂର୍ଯ୍ୟବଂଶୀଙ୍କ ଦ୍ରୁତ ଇନିଂସ ବେକାର

**ଦୋହା, ୧୬।୧୧ (ଏଜେନ୍ସି):** ଏଠାରେ ଚାଲିଥିବା ଏସିଆ କପ୍ ରାଇଜିଂ ଷ୍ଟାର୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଭାରତ-ଏ ପ୍ରଥମ ପରାଜୟବରଣ କରିଛି। ରବିବାର ରାତିରେ ଖେଳାଯାଇଥିବା ଟୁର୍ଣ୍ଣାମେଣ୍ଟର ସବୁଠୁ ହାଇଭୋଲଟେଜ ମ୍ୟାଚରେ ଭାରତ-ଏ ୮ ୱିକେଟ୍‌ରେ ପାକିସ୍ତାନ-ଏ ନିକଟରୁ ପରାସ୍ତ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ଭାରତ-ଏ ୧୯ ଓଭରାରେ ୧୩୬ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଦଳ ପକ୍ଷରୁ ଓପନର୍ ବୈଭବ ସୂର୍ଯ୍ୟବଂଶୀ ୨୮ ବଲରେ ୫ ଚୌକା ଓ ୩ ଛକା ସହ ସର୍ବାଧିକ ୪୫ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନମନ ଧୀର ୩୫, ହର୍ଷ ଦୁବେ ୧୯, ନେହାଲ ୱାଧେର ୮ ଓ ରମନଦୀପ୍ ସିଂହ ୧୧ ରନ କରିଥିଲେ। ପାକିସ୍ତାନର ଶାହିଦ ଅଜିଜ ସର୍ବାଧିକ ୩ଟି ୱିକେଟ୍ ନେଇଥିଲେ। ଜବାବରେ ପାକିସ୍ତାନ-ଏ ୧୩.୨ ଓଭରରେ ୨ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଓପନର୍ ମାଜ୍ ସାଦକତ୍ ୪୭ ବଲରେ ଅପରାଜିତ ୭୯ ରନ କରିଥିଲେ। ଗ୍ରୁପ୍-ବି'ରେ ସ୍ଥାନ ପାଇଥିବା ଭାରତ ପୂର୍ବରୁ ପ୍ରଥମ ମ୍ୟାଚରେ ୧୪୮ ରନରେ ୟୁଏଇ'କୁ ହରାଇଥିଲା। ଶେଷ ମ୍ୟାଚରେ ଭାରତ ମଙ୍ଗଳବାର ଓମାନକୁ ଭେଟିବ।

## ଟୋକିଓ ଡିଫ୍ ଅଲିମ୍ପିକ୍ସ

# ଟାଇଟଲ୍ ବଜାୟ ରଖିଲେ ଶୁଟର୍ ଶ୍ରୀକାନ୍ତ

**ଟୋକିଓ, ୧୬।୧୧ (ଏଜେନ୍ସି):** ଜାପାନର ରାଜଧାନୀ ଟୋକିଓରେ ଗତକାଲିଠାରୁ ଆରମ୍ଭ ହୋଇଥିବା ଡିଫ୍ (ବଧିର) ଅଲିମ୍ପିକ୍ସର ୨୫ତମ ସଂସ୍କରଣରେ ଭାରତୀୟ ସୁଟର୍ ଧନୁଶ ଶ୍ରୀକାନ୍ତ ଟାଇଟଲ୍ ବଜାୟ ରଖିବାରେ ସଫଳ ହୋଇଛନ୍ତି। ପୁରୁଷ ଏୟାର ରାଇଫଲ୍‌ରେ ଶ୍ରୀକାନ୍ତ ୨୫୨.୨ ସ୍କୋର ସହ ପୋଡିୟମର ଶୀର୍ଷ ସ୍ଥାନରେ ରହିଥିଲେ। ଶ୍ରୀକାନ୍ତ ୨୦୨୨ରେ ବ୍ରାଜିଲରେ ଅନୁଷ୍ଠିତ ଡିଫ୍ ଅଲିମ୍ପିକ୍ସର ଗତ ସଂସ୍କରଣରେ ମଧ୍ୟ ଏହି ଇଭେଣ୍ଟରେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ଅନ୍ୟତମ ଭାରତୀୟ ସୁଟର୍ ମହମ୍ମଦ ଭାନିଆ ୨୫୦.୧ ସ୍କୋର ସହ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ଫଳରେ ଭାରତ ଏହି ଇଭେଣ୍ଟରୁ ୨ଟି



ପଦକ ଜିତିବାରେ ସଫଳ ହୋଇଛି। ସେହିଭଳି ମହିଳା ଏୟାର ରାଇଫଲ୍ ଇଭେଣ୍ଟରେ ମଧ୍ୟ ଭାରତ ୨ଟି ପଦକ ଜିତିଛି। ମହିତ ସାନ୍ଧୁ ଓ କୋମଲ ୱାଗମାରେ ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପଦକ ହାସଲ କରିଛନ୍ତି।

# ରାଜ୍ୟ ଓପନ ଚେସ୍ ଜିତିଲେ ତନ୍ମୟ

**ଭୁବନେଶ୍ୱର, ୧୬।୧୧(ସମିସ):** ଓଡ଼ିଶା ରାଜ୍ୟ ଚେସ ସଂଘ ପକ୍ଷରୁ ଆଉ ଏକ ପ୍ରୋତ୍ସାହନମୂଳକ ଚେସ୍ ପ୍ରତିଯୋଗିତା 'ନିର୍ମଳ କୁମାର ପଟ୍ଟନାୟକ ସ୍ମାରକୀ ରାଜ୍ୟ ଓପନ ଚେସ୍ ଚାମ୍ପିଅନସିପ୍' ରବିବାର ଅନୁଷ୍ଠିତ ହୋଇଯାଇଛି। କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ



ଆୟୋଜିତ ଏହି ପ୍ରତିଯୋଗିତାରେ ଭୁବନେଶ୍ୱରର ତନ୍ମୟ ତ୍ରିପାଠୀ ପ୍ରଥମ ସ୍ଥାନ ଅଧିକାର କରି ଚାମ୍ପିଅନ ହୋଇଛନ୍ତି। ତାଙ୍କ ପଛକୁ ପାରାଦୀପର ଜ୍ଞାନରଞ୍ଜନ ସେଠୀଙ୍କୁ ରନର୍ସଅପ୍‌ରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। କଟକର ନିରେକ ପରିଡ଼ା, ପ୍ରତ୍ୟୁଷ ମହାପାତ୍ର, ବାଲେଶ୍ୱରର ଶୁଭେନ୍ଦୁ କୁମାର ପାତ୍ର, ଭୁବନେଶ୍ୱରର ସତ୍ୟମାଧବ ଶତପଥୀ, ପୁରୀର କ୍ରିତୀଶ କୁମାର ଓ ଗଜପତିର ମନୀନ୍ଦ୍ର କାର୍ଜୀ ଯଥାକ୍ରମେ ତୃତୀୟରୁ ୮ମ ସ୍ଥାନ ଅଧିକାର କରିଛନ୍ତି। ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲାବେଳେ ରୟାଲ ପବ୍ଲିକ୍ ସ୍କୁଲର ପ୍ରଜ୍ଞା ସାହୁ, ସଞ୍ଜୀବ ପଟ୍ଟନାୟକ, ସ୍ମିତା ଭୋଳ ପ୍ରମୁଖ ପୁରସ୍କାର ବିତରଣ ଉତ୍ସବରେ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ।



## ଆଜିର ରାଶିଫଳ

**ମେଷ:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟ ଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**ମିଥୁନ:** କ୍ୟାରିୟର୍‌କୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**କର୍କଟ:** ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି। ମାନସିକ ଚିନ୍ତା ଦୂର ହେବ। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମ ଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ତୁଳା:** ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ଚକ୍ଷୁ ସମସ୍ୟା ଦେଖା ଦେବ।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ଧନୁ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ନୂଆ ଗାଡ଼ି କିଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପରିବାର ସଦସ୍ୟଙ୍କ ସହ ହସ ଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ମୀନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ଘରେ ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

## ଆଜିର ଇତିହାସ

- ୧୮୩୧- ଇକ୍ୱାଡୋର ଓ ଭେନେଜୁଏଲା ଗ୍ରେଟର୍ କଲମ୍ବିଆଠାରୁ ଅଲଗା ହେଲେ।
- ୧୯୨୮ -ସ୍ୱାଧୀନତା ସଂଗ୍ରାମୀ ଲାଲା ଲଜପତ୍ ରାୟଙ୍କ ବିୟୋଗ।
- ୧୯୬୬- ରୀତା ଫାରିଆ ବିଶ୍ୱ ସୁନ୍ଦରୀ ହେଲେ।
- ୧୯୯୯ -ଆନ୍ତର୍ଜାତିକ ମାତୃଭାଷା ଦିବସ ପାଳନ ପାଇଁ ୟୁନେସ୍କୋ ଅନୁମତି ଦେଲା।



# ଆସିପାରେ 'କୁଛ କୁଛ ହୋତା ହେ'ର ସିକ୍ୱେଲ

## କରନ୍ ଦେଲେ ଇସାରା


ବଲିଉଡ୍‌ର କିଙ୍ଗ୍‌ଖାନ୍ ଶାହାରୁଖ୍, କାଜଲ ଓ ରାନୀ ମୁଖାର୍ଜୀଙ୍କ ଅଭିନୀତ 'କୁଛ କୁଛ ହୋତା ହେ'(୧୯୯୮) ଫିଲ୍ମ ବଲିଉଡର ଏକ ଆଇକନିକ୍ ଫିଲ୍ମ ଭାବେ ଜଣାଯାଏ। ଏହି ଫିଲ୍ମ ଆଜିବି ଦର୍ଶକଙ୍କ ହୃଦୟରେ ରାଜ୍ କରୁଛି। ଫିଲ୍ମଟି ପ୍ରେମ ଏବଂ ବନ୍ଧୁତା ଉପରେ ପର୍ଯ୍ୟବେସିତ ଥିଲା। ଏହା ବକ୍ସ ଅଫିସ୍‌ରେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା । କରନ୍ ଜୋହର୍‌ଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ପୁଣି ଥରେ ଚର୍ଚ୍ଚାକୁ ଆସିଛି। ନିକଟରେ କରନ୍ ଏକ ସାକ୍ଷାତକାରରେ 'କୁଛ କୁଛ ହୋତା ହେ ୨' ବିଷୟରେ କହିବା ସହ ଏଥିରେ କେଉଁ କଳାକାରମାନେ ଅଭିନୟ କରିବେ ସେବିଷୟରେ ମଧ୍ୟ କହିଥିଲେ । କରନ୍ କହିଥିଲେ ଯେ, ଯଦି 'କୁଛ କୁଛ ହୋତା ହେ'ର ସିକ୍ୱେଲ ସେ ଆଣୁଛନ୍ତି ତେବେ ଏଥିରେ ରଣବୀର ସିଂହ, ଆଲିଆ ଭଟ୍ଟ, ଅନନ୍ୟା ପାଣ୍ଡେଙ୍କୁ ନେବେ। ଆଲିଆ ମଡର୍ଣ୍ଣ ଅଞ୍ଜଳି, ରଣବୀର ରାହୁଲ ଓ ଅନନ୍ୟା ଟିନା ହେବେ। ଟିନା ପାଇଁ ଜାହ୍ନବୀ କପୁର ଓ ସାରା ଅଲ୍ଲୀ ଖାନ୍‌ଙ୍କୁ ମଧ୍ୟ ସେ ବିକଳ୍ପ ଭାବେ ରଖିଥିବା କହିଛନ୍ତି। କରନ୍‌ଙ୍କ ଏହି ବୟାନ ପରେ ସାମାଜିକ ଗଣମାଧ୍ୟମରେ ଏହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇ ଯାଇଛି। ଏହି ଫିଲ୍ମକୁ ପସନ୍ଦ କରୁଥିବା ଅନେକ ୟୁଜର୍ସ ଏଭଳି ଏକ ଆଇକନିକ୍ ଫିଲ୍ମର ସିକ୍ୱେଲ ଆଣନ୍ତୁ ନାହିଁ ବୋଲି କରନ୍‌ଙ୍କୁ କହିଛନ୍ତି। ଏଯାବତ୍ କରନ୍ ଏହାକୁ ନିର୍ମାଣ କରିବେ କି ନାହିଁ ତାହା ସ୍ପଷ୍ଟ ଭାବେ କିଛି କହିନାହାନ୍ତି।

# ହତ୍ୟାକାରୀଙ୍କୁ ଧରିବା ପାଇଁ ୨୬ ବର୍ଷ ଦେଲେ ଘରଭଡ଼ା

ପତିପତ୍ନୀଙ୍କ ମଧ୍ୟରୁ କାହାରି ଜଣକର ମୃତ୍ୟୁ ହୋଇଗଲେ ଆର ଜଣକ ବଞ୍ଚିବା ବେଶ୍ କଷ୍ଟଦାୟକ ହୋଇଥାଏ। ଏହି କ୍ରମରେ ଜାପାନରୁ ଏକ ଚକିତ କଲା ଭଳି ଘଟଣା ସାମ୍ନାକୁ ଆସିଛି। ଜଣେ ବ୍ୟକ୍ତି ୨୬ ବର୍ଷ ଧରି ଏକ ଫ୍ଲାଟ୍‌ର ଭଡ଼ା ଦେଇ ଆସୁଥଲେ ଯେଉଁଠାରେ ତାଙ୍କ ପତ୍ନୀଙ୍କୁ ହତ୍ୟା କରାଯାଇଥିଲା। ପତ୍ନୀର ହତ୍ୟାକାରୀଙ୍କୁ ଧରିବା ପାଇଁ କୌଣସି ତଥ୍ୟ ମିଳିଯାଉ ବୋଲି ଆଶା କରି ସେ ଏପରି କରି ଆସୁଥିଲେ। ୧୩ ନଭେମ୍ବର, ୧୯୯୯ ମସିହାରେ ନାମିକୋ ତାକାବାଙ୍କୁ ତାଙ୍କ ଫ୍ଲାଟ୍‌ରେ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ହତ୍ୟାକାରୀ ତାଙ୍କ ବେକରେ ବାରମ୍ବାର ଛୁରୀ ଭୂଷିଥିଲା। ଏହି ସମୟରେ ତାଙ୍କ ସାନ ପୁଅ ପାଖରେ ଶୋଇଥିଲେ ମଧ୍ୟ ତାର କୌଣସି କ୍ଷତି ହୋଇ ନ ଥିଲା। ଏନେଇ ପୁଲିସ ୫ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ପଚରାଉଚରା କରିବା ପରେ ବି ହତ୍ୟାକାରୀର ସନ୍ଧାନ ମିଳି ନ ଥିଲା। ତେବେ ସାତୋରୁ ତାକାବା(ନାମିକୋଙ୍କ ସ୍ୱାମୀ) ଅପରାଧ ସ୍ଥଳରେ ଲାଗିଥିବା ରକ୍ତଛିଟାକୁ ସଫା କରିବା ତଥା ସେହି ଫ୍ଲାଟ୍‌ରୁ ତାଙ୍କର ଆସବାବପତ୍ରକୁ ହଟାଇବାକୁ ସିଧାସିଧା ମନା କରିଥିଲେ। ସେ ନିଜ ଝିଅକୁ ଧରି ଅନ୍ୟ ଏକ ସ୍ଥାନରେ ରହିଲେ। ସେ ଦ୍ୱିତୀୟ ବିବାହ କରି ନ ଥିଲେ। ସ୍ତ୍ରୀର ହତ୍ୟାକାରୀଙ୍କୁ ଧରିବା ପାଇଁ ୨୬ ବର୍ଷ ଧରି ଫ୍ଲାଟ୍‌ର ଭଡ଼ା ବାବଦରେ ୧.୨ କୋଟି ଟଙ୍କା ଦେଇଥିଲେ। ସେ ଲଗାତାର ଗଣମାଧ୍ୟମରେ ସାକ୍ଷାତକାର ଦେଇ ତାଙ୍କ ସ୍ତ୍ରୀଙ୍କ ହତ୍ୟାକାରୀଙ୍କୁ ଧରିବା ପାଇଁ କହୁଥିଲେ। ଶେଷରେ ଏହି ଘଟଣାର ୨୬ ବର୍ଷ ପରେ ଚଳିତ ବର୍ଷ ଅକ୍ଟୋବର ମାସରେ ହତ୍ୟାକାରୀ ଚିହ୍ନଟ ହୋଇଥିଲେ। ହତ୍ୟାକାରୀ ନାଁ ହେଉଛି କୁମିକୋ ୟାସୁଫୁକୁ। ସେ ସାତୋରୁଙ୍କର ସ୍କୁଲ ସାଙ୍ଗ ଥିଲେ। କୁମିକୋ ସାତୋରୁଙ୍କୁ ଏକତରଫା ପ୍ରେମ କରୁଥିଲେ । ସାତୋରୁଙ୍କୁ କିନ୍ତୁ କୁମିକୋଙ୍କ ପ୍ରେମକୁ ପ୍ରତ୍ୟାଖ୍ୟାନ କରିଥିଲେ। ୩୦ ଅକ୍ଟୋବର, ୨୦୨୫ରେ କୁମିକୋ ପୁଲିସ୍ ନିକଟରେ ଆତ୍ମସମର୍ପଣ କରିଥିଲେ। ତେବେ ଅପରାଧ ସ୍ଥଳକୁ ମିଳିଥିବା ରକ୍ତନମୁନା ତାଙ୍କ ସହିତ ମ୍ୟାଚ୍ ହୋଇଥିଲା। ତେବେ ସାତୋରୁ ହତ୍ୟାକାରୀଙ୍କ ସମ୍ପର୍କରେ ଶୁଣିବା ପରେ ସ୍ତବ୍ଧ ହୋଇ ଯାଇଥିଲେ। ସାତୋରୁ କହିଛନ୍ତି ଯେ, 'ସେ ଯେଉଁ ଘର ପାଇଁ ଏତେ ଦିନରୁ ଭଡ଼ା ଦେଇ ଆସୁଥିଲେ କୁମିକୋ ତାରି ଆଖପାଖରେ ଦୀର୍ଘ ବର୍ଷ ଧରି ରହି ଆସୁଥିଲେ।' ଦୀର୍ଘ ୨୬ବର୍ଷ ଧରି ସେ ନ ରହି ମଧ୍ୟ ଯେଉଁ ଫ୍ଲାଟ୍ ପାଇଁ ଭଡ଼ା ଦେଇ ଆସୁଥିଲେ, ଉକ୍ତ ନିଷ୍ପତ୍ତି ଠିକ୍ ଥିଲା ବୋଲି ସାତୋରୁ କହିଛନ୍ତି।



# କର୍ମଚାରୀଙ୍କୁ ସୁନା କି-କ୍ୟାପ୍ ଉପହାର



ଅନେକ କମ୍ପାନି କର୍ମଚାରୀଙ୍କୁ ଉତ୍ସାହିତ କରିବା ପାଇଁ ବୋନ୍‌ସ, ଉପହାର ଆଦି ଦିଅନ୍ତି। ଏହି କ୍ରମରେ ଚୀନ୍‌ର ଏକ କମ୍ପାନି ଉପହାରରେ କର୍ମଚାରୀଙ୍କୁ ସୁନା କି ବୋର୍ଡ କ୍ୟାପ୍ ଦେଇ ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛି। ଚୀନ୍ ଶେନ୍‌ଝେନ୍‌ରେ ଥିବା ଇନ୍‌ଷ୍ଟା ୩୬୦ ନାମକ କମ୍ପାନି କର୍ମଚାରୀଙ୍କୁ ଦୀର୍ଘ ଚାରିବର୍ଷ ଧରି ସୁନା କିବୋର୍ଡ କ୍ୟାପ୍ ଦେଇ ଆସୁଛି। କମ୍ପାନି ପକ୍ଷରୁ ଏହାର ନାମ 'ଗୋଲଡେନ୍ ବୋନସ୍' ନାମ ଦିଆଯାଇଛି। ନିକଟରେ ଏହି କମ୍ପାନି ଚୀନ୍ ପ୍ରୋଗାମର ଡେ ( ୨୪ ଅକ୍ଟୋବରରେ) ଅବସରରେ ୨୧ ଜଣ କର୍ମଚାରୀଙ୍କୁ ସୁନାର କି କ୍ୟାପ୍ ଉପହାରରେ ଦେଇଥିଲା। ଏହି କି କ୍ୟାପ୍‌ଗୁଡ଼ିକ ମଧ୍ୟରେ ସ୍ପେଶ୍ ବାର୍ ମଧ୍ୟ ଥିଲା। ଏହାର ମୂଲ୍ୟ ପାଖାପାଖି ୪୫ ଲକ୍ଷ ଟଙ୍କା ହେବ। ଏଯାବତ୍ କମ୍ପାନି ପକ୍ଷରୁ କର୍ମଚାରୀଙ୍କୁ ସମୁଦାୟ ୫୫ଟି ସୁନାର କି କ୍ୟାପ୍ ପ୍ରଦାନ କରାଯାଇଛି। ସୁନାର ଏହି କି କ୍ୟାପ୍‌ଗୁଡ଼ିକ କେବଳ ବୋନସ୍ ନୁହେଁ ଏହା କର୍ମଚାରୀଙ୍କ ପରିଶ୍ରମ ଓ ନିଷ୍ଠାର ପ୍ରତୀକ ବୋଲି ଇନ୍‌ଷ୍ଟା ୩୬୦ ପକ୍ଷରୁ କୁହାଯାଇଛି। ସୁନା ଦେଉଥିବାରୁ ଏହି କମ୍ପାନିକୁ ଚୀନ୍‌ରେ 'ଗୋଲଡ୍ ଫ୍ୟାକ୍ଟ୍ରି' ବୋଲି କୁହାଯାଏ। ସେହିପରି ଇନ୍‌ଷ୍ଟା ୩୬୦ ଏହାର ୧୦ ବର୍ଷ ପୂର୍ତ୍ତି ଅବସରରେ କର୍ମଚାରୀ ଓ ଇଣ୍ଟର୍ଣ୍ଣଙ୍କୁ ଉପହାର ସ୍ୱରୂପ ଗୋଲଡ୍ ବ୍ଲାଇଣ୍ଡ ବାକ୍ସ ଦେଇଥିଲା। ଏଥିରେ ୦. ୩୬ ଗ୍ରାମ୍‌ର ଶୁଦ୍ଧ ସୁନାର ଷ୍ଟିକର୍ ଥିଲା। ଏହି କମ୍ପାନି କର୍ମଚାରୀଙ୍କୁ କେବଳ ବୋନ୍‌ସ ନୁହେଁ, ସେମାନଙ୍କ ବ୍ୟକ୍ତିଗତ ଖୁସିକୁ ମଧ୍ୟ ପ୍ରାଧାନ୍ୟ ଦେଇଥାଏ। ବିଶେଷ ଅବସରରେ ସୁନା ଉପହାର ଦେଇଥାଏ। କୌଣସି କର୍ମଚାରୀଙ୍କ ବିବାହ କିମ୍ବା ପିଲା ଜନ୍ମ ହେଲେ କମ୍ପାନି ପକ୍ଷରୁ ଏକ ଗ୍ରାମ୍ ଓଜନର ସୁନା ମୁଦ୍ରା ପ୍ରଦାନ କରାଯାଏ।


# ତୁଳସୀ ଜଟାର ମହତ୍ତ୍ୱ



**ହିନ୍ଦୁ ଧର୍ମରେ ତୁଳସୀକୁ ସବୁଠୁ ପବିତ୍ର ବୃକ୍ଷ ବୋଲି କୁହାଯାଇଛି। ତୁଳସୀ କେବଳ ଭଗବାନ ବିଷ୍ଣୁଙ୍କ ପ୍ରିୟ ନୁହେଁ, ଏହା ଘରର ସକାରାତ୍ମକ ଶକ୍ତି ସଞ୍ଚାର କରିବା ସହିତ ସମୃଦ୍ଧିର ପ୍ରତୀକ ଭାବେ ବିବେଚନା କରାଯାଏ। ଯେମିତି ତୁଳସୀ ପତ୍ରର ମହତ୍ତ୍ୱ ଅଛି, ଠିକ୍‌ସେମିତି ତୁଳସୀ ଫୁଲ ବି ମଙ୍ଗଳକାରୀ। କୁହାଯାଏ ତୁଳସୀ ଗଛରେ ତୁଳସୀ ଫୁଲ ମା' ଲକ୍ଷ୍ମୀଙ୍କ ଆଗମନର ସଙ୍କେତ ଦେଇଥାଏ।**

ଧାର୍ମିକ ଗ୍ରନ୍ଥରେ କୁହାଯାଇଛି, ଭଗବାନ ବିଷ୍ଣୁଙ୍କ ପୂଜା ତୁଳସୀ ବିନା ଅଧୁରା। ତେଣୁ ତୁଳସୀରେ ଫୁଲ ଆସିଲେ ଏହାକୁ ଶ୍ରୀହରିଙ୍କ ଭୋଗ ସହିତ ଅର୍ପଣ କରନ୍ତୁ। ଏଭଳି କରିବା ଦ୍ୱାରା ଭଗବାନ ବିଷ୍ଣୁ ଅତ୍ୟନ୍ତ ପ୍ରସନ୍ନ ହୋଇଥାନ୍ତି ଏବଂ ପୁଣ୍ୟ ପ୍ରାପ୍ତି ହୁଏ। ଏହା ଜୀବନରୁ ନକାରାତ୍ମକତାକୁ ଦୂରେଇ ସୌଭାଗ୍ୟ ଆଣେ। ସେହିପରି ଆର୍ଥିକ ସମସ୍ୟା ଦେଇ ଗତି କରୁଥିଲେ, ଶୁକ୍ରବାର ମା' ଲକ୍ଷ୍ମୀଙ୍କୁ ତୁଳସୀ ଫୁଲ ଅର୍ପଣ କରିବା ଉଚିତ। ଏଭଳି କରିବା ଦ୍ୱାରା ଦେବୀ ଲକ୍ଷ୍ମୀ ଶୀଘ୍ର ପ୍ରସନ୍ନ ହୋଇଥାନ୍ତି। ଏହି ଉପାୟ ଅର୍ଥ ସମସ୍ୟା ଦୂର କରେ।

ସେହିପରି ଘରେ ଲଗାତାର କଳି, ଝଗଡ଼ା, ଚିନ୍ତା ଓ ନକାରାତ୍ମକ ପରିବେଶ ବଜାୟ ରହିଲେ, ତୁଳସୀ ଫୁଲକୁ ବ୍ୟବହାର କରିବା ଭଲ। ଏକ ପାତ୍ରରେ ଗଙ୍ଗାଜଳ ନେଇ ତାହାକୁ ତୁଳସୀ ଫୁଲରେ ଘରେ ସିଞ୍ଚନ କରିବା ଦ୍ୱାରା ଘର ପରିବେଶ ଶୁଦ୍ଧ ଓ ଶାନ୍ତିପୂର୍ଣ୍ଣ ହୋଇଥାଏ। ଉଭୟ ତୁଳସୀ ଓ ଗଙ୍ଗାଜଳ ପବିତ୍ରତାର ପ୍ରତୀକ ହୋଇଥିବାରୁ ଏହାର ମିଶ୍ରଣ ଶୁଭଫଳ ପ୍ରଦାନ କରେ।



# ପୂଜା ଫୁଲ ଧୋଇ ଚଢ଼ାଉ ଥିଲେ

ଫୁଲ ବିନା ଦେବୀ ଦେବତା ଏବଂ ଧାର୍ମିକ ଅନୁଷ୍ଠାନ ଅଧୁରା ବୋଲି କୁହାଯାଏ। ଶାସ୍ତ୍ରରେ ପୂଜା ଫୁଲର ଅନେକ ନିୟମ ରହିଛି। ସେହିପରି ଭଗବାନଙ୍କ ପାଖେ ଲାଗି ହେଉଥିବା ଫୁଲର ମହତ୍ତ୍ୱ ବେଶି। ତେବେ ଏହି ଫୁଲକୁ ଭଗବାନଙ୍କୁ ଲାଗି କରିବା ପୂର୍ବରୁ ଏହାକୁ ଅନେକ ଧୋଇ ଚଢ଼ାଇ ଥାନ୍ତି। ହେଲେ ଏଭଳି କରିବା ଠିକ୍ କି ଭୁଲ୍ ସେ ସମ୍ପର୍କରେ ଅନେକ ଜାଣନ୍ତି ନାହିଁ।

ଧ୍ୟାନ ଦେବା ଦରକାର ଯେ, ଭଗବାନଙ୍କୁ କୌଣସି ଜିନିଷ ଲାଗି କରିବା ବେଳେ ତାହା ତାଜା ଥିବା ଦରକାର। ତେଣୁ ଭଗବାନଙ୍କୁ ଚଢ଼ାଯାଉଥିବା ଫୁଲ ବାସି ହେବା ଅନୁଚିତ। ଫୁଲରେ ଜଳ ସ୍ପର୍ଶ ହେବା ଯୋଗୁଁ ତାହା ଜଳ ଦେବତାଙ୍କୁ ଅର୍ପିତ ବୋଲି ବିବେଚନା କରାଯାଏ। ତେଣୁ ଫୁଲକୁ ଧୋଇ ଠାକୁରଙ୍କୁ ଲାଗି କରିବା ଠିକ୍ ନୁହେଁ। ଫୁଲକୁ ଧୋଇ ଚଢ଼ାଇବା ଦ୍ୱାରା ଏହାର ପବିତ୍ରତା ନଷ୍ଟ ହୁଏ। ତା'ସହ ଭଗବାନଙ୍କ ପାଖେ ଅର୍ପଣ ହେଉଥିବା ଫୁଲକୁ ଧୋଇବା ଠିକ୍ ନୁହେଁ। ନିୟମ ଅନୁସାରେ, ସ୍ନାନ ପରେ ଫୁଲ ତୋଳିବା ଉଚିତ। ସେହିପରି ବଜାରରୁ ଆଣୁଥିବା ଫୁଲକୁ ମଧ୍ୟ ନ ଧୋଇ ପୂଜା ଥାଳିରେ ସିଧା ରଖିବା ଉଚିତ। ହିନ୍ଦୁ ମାନ୍ୟତାନୁସାରେ, ଭଗବାନଙ୍କୁ ବାସି, ପୋକ ଲଗା ଭୁଲ, ଛିଣ୍ଡା ଫୁଲ, ତଳେ ପଡ଼ିଥିବା ଫୁଲ ଲାଗି କରିବା ଅନୁଚିତ। ସେହିପରି ଠାକୁରଙ୍କ ପାଖରେ ଲାଗି ହୋଇଥିବା ଫୁଲକୁ ଅନ୍ୟ ଠାକୁରଙ୍କୁ ଲାଗି କରିବା ଅନୁଚିତ।





# ମା' ଲକ୍ଷ୍ମୀଙ୍କ ପ୍ରିୟ ଭୋଗ

**ମା'ଲକ୍ଷ୍ମୀଙ୍କ ପୂଜାରେ ଭୋଗର ବିଶେଷ ମହତ୍ତ୍ୱ ରହିଛି। କୁହାଯାଏ ଠିକ୍ ଓ ପବିତ୍ର ଭୋଗ ସାମଗ୍ରୀ ଦ୍ୱାରା ମା' ଲକ୍ଷ୍ମୀଙ୍କ ଆରାଧନା କରିବା ଦ୍ୱାରା ତାଙ୍କ କୃପା ପ୍ରାପ୍ତି ହୁଏ। ତେଣୁ ମା'ଲକ୍ଷ୍ମୀଙ୍କୁ ପ୍ରସନ୍ନ କରିବା ପାଇଁ ଭୋଗ ଉପରେ ବିଶେଷ ଗୁରୁତ୍ୱ ଦେବା ଉଚିତ।**



- କ୍ଷୀର, ଚାଉଳ ଏବଂ ଗୁଡ଼ରେ ପ୍ରସ୍ତୁତ କ୍ଷୀରି ଭୋଗ ମା' ଲକ୍ଷ୍ମୀଙ୍କୁ ଅର୍ପଣ କରିବା ଶୁଭ। କ୍ଷୀରି ଭୋଗ ଲାଗି କରିବା ଦ୍ୱାରା ଘରେ ଧନ, ସୁଖ ଓ ସମୃଦ୍ଧି ବଜାୟ ରହେ।
- ଲଡୁକୁ ସୌଭାଗ୍ୟର ପ୍ରତୀକ ବୋଲି କୁହାଯାଏ। ବେସନ କିମ୍ବା ବୁନ୍ଦିରେ ତିଆରି ଲଡୁ ମା' ଲକ୍ଷ୍ମୀଙ୍କୁ ଲାଗି କରିବା ଦ୍ୱାରା ପାରିବାରିକ ସମୃଦ୍ଧି ଓ ପ୍ରେମ ଭାବ ବୃଦ୍ଧି ପାଏ।
- ସୁଜି, ଦେଶୀ ଘିଅ ଓ ଗୁଡ଼ରେ ପ୍ରସ୍ତୁତ ହାଲୁଆ ମା' ଲକ୍ଷ୍ମୀଙ୍କ ଅତ୍ୟନ୍ତ ପ୍ରିୟ। ଏହାକୁ ଭୋଗ ଭାବେ ଅର୍ପଣ କଲେ ଘରେ ସକାରାତ୍ମକ ଶକ୍ତି ସଞ୍ଚାର ହୁଏ।
- କଦଳୀ, ସେଓ, ଡାଳିମ୍ବ ଭଳି ଅନ୍ୟ ଫଳ ଲକ୍ଷ୍ମୀ ମା'ଙ୍କୁ ଅର୍ପଣ କଲେ ଜୀବନରେ ସ୍ଥିରତା ଆସେ। ମା' ଲକ୍ଷ୍ମୀ ପ୍ରସନ୍ନ ହୁଅନ୍ତି।
- ନଡ଼ିଆ ବା ଶ୍ରୀଫଳକୁ ପୂର୍ଣ୍ଣତାର ପ୍ରତୀକ ବୋଲି ବିବେଚନା କରାଯାଏ। ଏହାକୁ ଅର୍ପଣ କଲେ ଆଧ୍ୟାତ୍ମିକ ଉନ୍ନତି ହୋଇଥାଏ। ମା' ଲକ୍ଷ୍ମୀଙ୍କୁ ଏହା ପ୍ରଦାନ କଲେ ଭୌତିକ ସୁଖ, ସାଧନର ବିକାଶ ଘଟେ।



# ସୂର୍ଯ୍ୟଦେବଙ୍କୁ ଅର୍ଘ୍ୟ ଅର୍ପଣର ନିୟମ

**ସୂର୍ଯ୍ୟଦେବଙ୍କୁ ପ୍ରସନ୍ନ କରିବା ପାଇଁ ସୂର୍ଯ୍ୟୋଦୟ ପୂର୍ବରୁ ଜଳ ଅର୍ଘ୍ୟ ଅର୍ପଣ କରିବା ଉଚିତ। ଏହି ଅର୍ଘ୍ୟ ଅର୍ପଣର ନିୟମ ବି ଅଛି।**

- ପ୍ରଥମେ ସ୍ନାନ ସାରି ପରିଷ୍କାର ବସ୍ତ୍ର ପରିଧାନ କରନ୍ତୁ।
- ସୂର୍ଯ୍ୟୋଦୟ ସମୟରେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରନ୍ତୁ।
- ତା'ସହ ଅର୍ଘ୍ୟ ଅର୍ପଣର ସମୟ ନିର୍ଦ୍ଧାରିତ କରି ସେହି ସମୟରେ ସବୁଦିନ ଅର୍ଘ୍ୟ ଦେବା ଉଚିତ।
- ତମ୍ବା ଢ଼ାଳରେ ଅର୍ଘ୍ୟ ଅର୍ପଣ କରିବା ଉଚିତ।
- ଅର୍ଘ୍ୟ ଜଳରେ ନାଲି ଫୁଲ, ଚନ୍ଦନ ଓ ଅକ୍ଷତ ପକାନ୍ତୁ। ସେହି ଜଳକୁ ଅର୍ଘ୍ୟ ଭାବେ ଅର୍ପଣ କରନ୍ତୁ।
- ଅର୍ଘ୍ୟ ଦେବାବେଳେ ଜଳଧାରରେ ସୂର୍ଯ୍ୟଙ୍କ ଦର୍ଶନ କରିବା ଶୁଭ।
- ଏହି ଅର୍ଘ୍ୟ ସମୟରେ ସୂର୍ଯ୍ୟଙ୍କ କିରଣ ଦେଖିବା ଉତ୍ତମ।
- ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରିବା ବେଳେ ସୂର୍ଯ୍ୟ ମନ୍ତ୍ର ଜପ କରିବା ଉଚିତ।
- ଅର୍ଘ୍ୟ ଅର୍ପଣ ସମୟରେ ନିଜ ମୁଖକୁ ପୂର୍ବ ଦିଗରେ ରଖନ୍ତୁ।

ଇଡେନ୍ ସ୍ପିନ୍ ପିଚ୍ ହେଲା ବୁମେରାଂ | ହାର୍ମର ଶ୍ରେଷ୍ଠ ଖେଳାଳି | ୨୨ରୁ ଦ୍ୱିତୀୟ ଟେଷ୍ଟ

# ଅଢ଼େଇ ଦିନରେ ହାରିଲା ଭାରତ

କୋଲକାତା,୧୬।୧୧(ଏଜେନ୍ସି)

ଅଢ଼େଇ ଦିନରେ ଇଡେନ୍ ଟେଷ୍ଟ ଲଢ଼େଇ ଶେଷ। ଅଧିନାୟକ ଶୁବମନ ଗିଲ୍‌ଙ୍କ ଅନୁପସ୍ଥିତିରେ ଇଡେନ୍‌ର ସ୍ପିନ୍ ପିଚ୍‌ରେ ଦକ୍ଷିଣ ଆଫ୍ରିକା ବୋଲରଙ୍କୁ ଉଚିତ ମୁକାବିଲା କରିପାରିଲାନି ଭାରତ। ଯାହା ଫଳରେ ଏଠାରେ ରବିବାରର ଶେଷ ହୋଇଥିବା ପ୍ରଥମ ଟେଷ୍ଟର ତୃତୀୟ ଦିନ ଟି' ପୂର୍ବରୁ ଭାରତ ୩୦ ରନ୍‌ରେ ଦକ୍ଷିଣ ଆଫ୍ରିକା ନିକଟରୁ ପରାଜିତ ହୋଇଛି। ଭ୍ରମଣକାରୀ ଦଳ ପ୍ରଦତ୍ତ ୧୨୪ ରନ୍‌ର ଟାର୍ଗେଟ୍‌କୁ ହାସଲ କରିବାରେ ସମର୍ଥ ହେଲାନି ଭାରତ। ଦଳ ୩୫ ଓଭରରେ ୯ ୱିକେଟ ହରାଇ ୯୩ ରନ୍ କରିଅଲଆଉଟ ହୋଇଥିଲା। ଆହତ ଯୋଗୁଁ ପ୍ରଥମ ଇନିଂସରେ ୩ଟି ବଲ୍‌ରୁ ୪ ରନ୍ କରିଥିବା ଗିଲ୍ ଦ୍ୱିତୀୟ ଇନିଂସରେ ବ୍ୟାଟିଂ କରିବାକୁ ଆସି ନ ଥିଲେ। ଦକ୍ଷିଣ ଆଫ୍ରିକାର ଏହି ଐତିହାସିକ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ୩୭ ବର୍ଷୀୟ ଅଫ୍‌ସ୍ପିନର ସାଇମନ ହାର୍ମର ଉଭୟ ଇନିଂସରେ ୪ଟି ଲେଖାଏଁ ୱିକେଟ ନେଇ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟରେ ସିରିଜ୍‌ରେ ୧-୦ରେ ଆଗୁଆ ରହିଥିବା ଦକ୍ଷିଣ ଆଫ୍ରିକା ଆସାମର ଗୁଆହାଟୀରେ ଭାରତ ସହ ଦ୍ୱିତୀୟ ଟେଷ୍ଟ ନଭେମ୍ବର ୨୨ରୁ ଖେଳିବ। ଭାରତରେ ଦୀର୍ଘ ୧୫ ବର୍ଷ ପରେ ଦକ୍ଷିଣ ଆଫ୍ରିକା ଟେଷ୍ଟ ଜିତିବାରେ ସମର୍ଥ ହୋଇଛି। ତାହା ପୁଣି ସ୍ପିନ୍ ବୋଲରଙ୍କ ସଫଳତା ବଳରେ। ଭାରତ ଉଭୟ ଇନିଂସରେ ହରାଇଥିବା ୧୮ଟି ୱିକେଟ ମଧ୍ୟରୁ ଦକ୍ଷିଣ ଆଫ୍ରିକୀୟ ସ୍ପିନରମାନେ ୧୨ଟି ୱିକେଟ ନେଇଥିଲେ।



## ୨୦୬ ଓଭର, ୫୧୭ ରନ୍, ୩୮ ୱିକେଟ୍

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ଅଢ଼େଇଦିନରେ ଶେଷ ହୋଇଛି। ଆଲୋକ ଅଭାବରୁ ଖେଳ ବ୍ୟାହତ ହୋଇ ନ ଥିଲେ ଆହୁରି ଆଗରୁ ଶେଷ ହୋଇଥାନ୍ତା। ଏହି ମ୍ୟାଚ୍‌ର ପ୍ରଥମ ଇନିଂସରେ ଦକ୍ଷିଣ ଆଫ୍ରିକା ୫୫ ଓଭରରେ ୧୫୯ ରନ୍ କରିଥିଲା। ଜବାବରେ ଗିଲ୍ ୪ ରନ୍‌ରେ ମ୍ୟାଚ୍ ଛାଡ଼ିବା ପରେ ଭାରତ ୬୨.୨ ଓଭରରେ ୧୮୯ ରନ୍ କରିଥିଲା। ୩୦ ରନ୍‌ରେ ପଛୁଆ ଥିବା ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସରେ ୫୪ଓଭରରେ ୧୫୩ ରନ୍ କରିଥିଲା। ଏହା ଫଳରେ ଭାରତକୁ ଏହି ମ୍ୟାଚ୍ ଜିତିବାକୁ ୧୨୪ ରନ୍‌ର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଭାରତ ଦ୍ୱିତୀୟ ଇନିଂସରେ ମାତ୍ର ୩୫ ଓଭର ଖେଳି ୯୩ ରନ୍‌ରେ ଆଉଟ ହୋଇଥିଲା। ଆହତ ଯୋଗୁ ଗିଲ୍ ବ୍ୟାଟିଂ କରିବାକୁ ଆସି ନ ଥିଲେ। ଏହା ଫଳରେ ଏହି ମ୍ୟାଚ୍‌ରେ ମୋଟ ୨୦୬.୨ ଓଭର ଖେଳ ସମ୍ଭବ ହୋଇଥିଲା। ଏଥିରେ ଉଭୟ ଦଳ ମିଳିତଭାବେ ୫୧୭ ରନ୍ କରିଥିଲାବେଳେ ୩୮ ଟି ୱିକେଟର ପତନ ଘଟିଥିଲା। ଆହତ ଥିବାରୁ ଗିଲ ଉଭୟ ଇନିଂସରେ ବ୍ୟାଟିଂ କରି ପାରି ନ ଥିଲେ।

ଏହି ମ୍ୟାଚ୍‌ର ଆଜି ସକାଳେ ଦକ୍ଷିଣ ଆଫ୍ରିକା ତାହାର ଦ୍ୱିତୀୟ ଇନିଂସ ୭ ୱିକେଟରେ ୯୩ ରନ୍‌ରୁ ଖେଳ ଆରମ୍ଭ କରି ୧୫୩ ରନ୍‌ରେ ଆଉଟ ହୋଇଥିଲା। ୨୯ ରନ୍‌ରେ ଅପରାଜିତ ଥିବା ଅଧିନାୟକ ତେମ୍ବା ୧୩୬ ବଲ୍‌ରୁ ଏହି ମ୍ୟାଚ୍‌ରେ ସର୍ବାଧିକ ୫୫ ରନ୍ କରି ଶେଷଯାଏ ଆଉଟ ହୋଇ ନ ଥିଲେ। କିନ୍ତୁ ନଂ-୯ରେ ବ୍ୟାଟିଂ କରିଥିବା କର୍ବିନ ବୋଶ୍‌ଙ୍କ ୨୫ ରନ୍ ଗୁରୁତ୍ୱପୂର୍ଣ୍ଣ ଥିଲା। ଭାରତ ପକ୍ଷରୁ ରବୀନ୍ଦ୍ର ଜାଡେଜା ୪ଟି, କୁଲଦୀପ ଯାଦବ ଓ ମହମ୍ମଦ୍ ସିରାଜ ୨ଟି ଲେଖାଏଁ ୱିକେଟ ନେଇଥିଲେ।

ଏହା ଫଳରେ ଏହି ମ୍ୟାଚ୍ ଜିତିବାକୁ ଭାରତ ପାଇଥିବା ୧୨୪ ରନ୍‌ର ଟାର୍ଗେଟ୍‌କୁ ପିଛା କରି ଦ୍ୱିତୀୟ ଇନିଂସରେ ୯୩ ରନ୍ କରିଥିଲା। ନଂ-୩ରେ ବ୍ୟାଟିଂ କରିଥିବା ୱାଶିଂଟନ ସୁନ୍ଦର ୯୨ ବଲ୍ ଖେଳି ସର୍ବାଧିକ ୩୧, ଅକ୍ଷର ପଟେଲ ୨୬, ଜାଡେଜା ୧୮ ଓ ଧ୍ରୁବ ଜୁରେଲ ୧୩ ରନ୍ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ସାଇମନ ହାର୍ମର ୨୧ ରନ୍‌ରେ ୪ଟି, ମାର୍କୋ ୟାନ୍‌ସେନ୍ ଓ କେଶବ ମହାରାଜ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

**ଦକ୍ଷିଣ ଆଫ୍ରିକା**: ୧୫୯ (ମାରକ୍ରମ-୩୧, ବୁମ୍‌ରା-୫/୨୭) ଓ ୧୫୩ (ବଭୁମା-୫୫*, ଜାଡେଜା-୪/୫୦)।
**ଭାରତ**: ୧୮୯ (ରାହୁଲ-୩୯, ସୁନ୍ଦର-୨୯, ହାର୍ମର-୪/୩୦, ୟାନ୍‌ସେନ୍-୩/୩୫) ଓ ୯୩ (ସୁନ୍ଦର-୩୧, ଅକ୍ଷର-୨୬, ଜାଡେଜା-୧୮, ହାର୍ମର-୪/୨୧)।

## ୧୫ ବର୍ଷ ପରେ ଟେଷ୍ଟ ଜିତିଲା ଦ. ଆଫ୍ରିକା



କୋଲକାତା,୧୬।୧୧(ଏଜେନ୍ସି): ଭାରତକୁ ୩୦ ରନ୍‌ରେ ହରାଇ ଦକ୍ଷିଣ ଆଫ୍ରିକା ଭାରତ ମାଟିରେ ଦୀର୍ଘ ୧୫ ବର୍ଷ ପରେ ପ୍ରଥମ ଟେଷ୍ଟ ବିଜୟ ହାସଲ କରିଛି। ୨୦୧୦ରେ ଶେଷଥର ଭାରତ ମାଟିରେ ଦକ୍ଷିଣ ଆଫ୍ରିକା ଟେଷ୍ଟ ଜିତିବା ପରେ ଏଠାରେ ଉଭୟଙ୍କ ମଧ୍ୟରେ ଖେଳାଯାଇଥିବା ମୁକାବିଲାରେ ୬ଷ୍ଠ ବିଜୟ ହାସଲ କରିଛି। ୩୬ ବର୍ଷ ୨୭୯ ଦିନରେ ସ୍ପିନର ସାଇମନ୍ ହାର୍ମର ତୃତୀୟ ବରିଷ୍ଠ ଖେଳାଳି ଭାବେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଏହା ପୂର୍ବରୁ କ୍ଲାଇବ୍ ଲୟଡ ୧୯୮୩-୮୪ରେ ଓ କିଥ୍ ଫ୍ଲେଚର ୧୯୮୧-୮୨ ଟେଷ୍ଟ ସିରିଜ୍‌ରେ ଭାରତ ବିପକ୍ଷରେ ହାର୍ମରଙ୍କଠାରୁ ଅଧିକ ବୟସରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

### ● ଇଡେନ୍ ପିଚ୍‌କୁ ଗମ୍ଭୀରଙ୍କ ସମର୍ଥନ



ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ କୋଲକାତାର ଇଡେନ ଗାର୍ଡେନରେ ଖେଳାଯାଇଥିବା ପ୍ରଥମ ଟେଷ୍ଟର ପିଚ୍‌କୁ ସମର୍ଥନ ଜଣାଇଛନ୍ତି ଭାରତୀୟ କୋଚ୍ ଗୌତମ ଗମ୍ଭୀର। ଏହି ମ୍ୟାଚ୍ ଅଢ଼େଇ ଦିନରେ ଶେଷ ହୋଇଥିଲା ଓ ମୋଟ ୨୦୬.୨ ଓଭର ଖେଳରେ ଉଭୟ ଦଳ ଦୁଇଥର ଲେଖାଏଁ ଅଲଆଉଟ ହୋଇଥିଲେ। ଏହା ସତ୍ତ୍ୱେ ଗମ୍ଭୀର ଇଡେନ୍ ପିଚ୍‌କୁ ଖରାପ ବୋଲି କହି ନ ଥିଲେ। ବରଂ ଆମେ ଏଭଳି ପିଚ୍‌ରେ ୧୨୪ ରନ୍ କରିବା ସମ୍ଭବ ଥିଲା। ପିଚ୍ ନିର୍ମାତା ସୁଜନ ମୁଖାର୍ଜୀ ଖୁବ୍ ସହଯୋଗ କରିଥିଲେ। ଆମେ ଯେଉଁ ପିଚ୍ ଚାହିଁଥିଲୁ ତାହା ମିଳିଥିଲା। କିନ୍ତୁ ଯେଉଁ ଦଳ ଭଲ ଖେଳିଲା, ସେହି ଦଳ ବିଜୟୀ ହେଲା ବୋଲି ଗମ୍ଭୀର କହିଛନ୍ତି।

### ● ଅପରାଜେୟ ଟେଷ୍ଟ ଅଧିନାୟକ ତେମ୍ବା

ଦକ୍ଷିଣ ଆଫ୍ରିକା ଟେଷ୍ଟ ଦଳର ନେତୃତ୍ୱ ନେବା ପରଠାରୁ ଅଧିନାୟକ ତେମ୍ବା ବଭୁମା ଗୋଟିଏ ହେଲେ ମ୍ୟାଚ୍‌ରେ ହାରି ନାହାନ୍ତି। ତାଙ୍କ ନେତୃତ୍ୱରେ ଦକ୍ଷିଣ ଆଫ୍ରିକା ଦଳ ୧୧ଟି ଟେଷ୍ଟ ଖେଳି ୧୦ଟିରେ ବିଜୟୀ ହୋଇଛି। ଏହି ୧୦ଟି ମଧ୍ୟରେ ଇଂଲଣ୍ଡର ଲର୍ଡ୍ସର ଅନୁଷ୍ଠିତ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲରେ ଅଷ୍ଟ୍ରେଲିଆ ବିପକ୍ଷରେ ବିଜୟ ସର୍ବଶ୍ରେଷ୍ଠ ବୋଲି ସେ କହନ୍ତି। ସେହିପରି ଭାରତୀୟ ମାଟିରେ ମଧ୍ୟ ଦଳକୁ ସେ ୧୫ ବର୍ଷ ପରେ ଟେଷ୍ଟ ବିଜୟର ସ୍ୱାଦ ଚଖାଇଛନ୍ତି।

### ● ବିଶ୍ୱ ଚାମ୍ପିଅନ ହେଲା ଭଳି ଲାଗିଲା



କୋଲକାତାରେ ଭାରତ ବିପକ୍ଷ ବିଜୟକୁ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ବିଜୟ ସହ ତୁଳନା କରିଛନ୍ତି ଦକ୍ଷିଣ ଆଫ୍ରିକାର କୋଚ୍ ଶୁକରି କନରାଡ। ତାଙ୍କ ମତରେ ଏହି ବିଜୟ ମୋତେ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ ବିଜୟ ଭଳି ଲାଗୁଛି। ୧୫ ବର୍ଷ ପରେ ଭାରତରେ ଟେଷ୍ଟ ଜିତିଥିବାରୁ ଏହା ବୋନସ ମିଳିଲା ଭଳି ଲାଗୁଛି। ଏତିକିରେ ଆମର କାମ ଶେଷ ହୋଇନାହିଁ। ସିରିଜ୍ ବିଜୟୀ ହେବା ପରେ ଆମେ ଭାରତର ଦୁର୍ଗ ଦଖଲ କରିବୁ ବୋଲି ସେ କହିଛନ୍ତି।

### ● ଚତୁର୍ଥ ଇନିଂସରେ ଭାରତର ତୃତୀୟ ସର୍ବନିମ୍ନ ସ୍କୋର

ଏଠାରେ ଭାରତ ଆଗରେ ୧୨୪ ରନ୍‌ର ଟାର୍ଗେଟ ରହିଥିଲା। ଜବାବରେ ଭାରତ ୯୩ ରନ୍ କରିଥିଲା। ଟେଷ୍ଟ ଇତିହାସର ଚତୁର୍ଥ ଇନିଂସରେ ଏହା ଭାରତର ତୃତୀୟ ସର୍ବନିମ୍ନ ସ୍କୋର। ପୂର୍ବରୁ ଦଳ ୧୯୯୭ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ୮୧, ୧୯୭୭ ଇଂଲଣ୍ଡ ବିପକ୍ଷରେ ୮୩ ରନ୍ କରିଥିଲା। ଏଠାରେ ୯୩ ରନ୍‌ରେ ଆଉଟ ହେବା ଭାରତର ତୃତୀୟ ସର୍ବନିମ୍ନ ଟେଷ୍ଟ ସ୍କୋର। ୯ମ ଥର ଲାଗି ଭାରତ ଟେଷ୍ଟର ପ୍ରଥମ ଇନିଂସରେ ଅଗ୍ରଣୀ ନେବା ପରେ ପରାଜିତ ହୋଇଛି।

## ସିରିଜ୍ ଜିତାଇଲେ ଗାଏକ୍‌ୱାଡ

ରାଜକୋଟ, ୧୬।୧୧ (ଏଜେନ୍ସି): ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା-ଏ ବିପକ୍ଷରେ ଏଠାରେ ରବିବାର ଖେଳାଯାଇଥିବା ଦ୍ୱିତୀୟ ଅନ୍‌ଅଫିସିଆଲ୍ ଦିନିକିଆ ମ୍ୟାଚକୁ ଭାରତ-ଏ ୯ ୱିକେଟ୍‌ରେ ବିଜୟୀ ହୋଇଛି। ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା-ଏ ଘରୋଇ ବୋଲର ନିଶାନ୍ତ ସିନ୍ଧୁ ଓ ହର୍ଷିତ ରାଣାଙ୍କ ବୋଲିଂକୁ ସାମ୍ନା କରି ନ ପାରି ୩୦.୩ ଓଭରରେ ୧୩୨ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଓପନର୍ ରିଭାଲ୍ଡୋ ମୁନସାମୀ ସର୍ବାଧିକ ୩୩ ରନ କରିଥିଲେ। ଭାରତ-ଏ ପକ୍ଷରୁ ନିଶାନ୍ତ ସିନ୍ଧୁ (୭-୧-୧୬-୪) ଓ ହର୍ଷିତ ରାଣା (୫-୧-୨୧-୩) ମିଳିତ ଭାବେ ୭ଟି ୱିକେଟ୍ ନେଇଥିଲେ। ଜବାବରେ ଓପନର୍ ଋତୁରାଜ ଗାଏକ୍‌ୱାଡଙ୍କ ଅପରାଜିତ ୬୮ ରନ ବଳରେ ଭାରତ-ଏ ୨୭.୫ ଓଭରରେ ଗୋଟିଏ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ଅଭିଷେକ ଶର୍ମା ୩୨ ରନ କରି ଆଉଟ୍ ହୋଇଥିଲେ। ପ୍ରଥମ ଦିନିକିଆକୁ ୪ ୱିକେଟ୍‌ରେ ଜିତିଥିବା ଭାରତ-ଏ ଏଥିସହ ୨-୦ରେ ଆଗୁଆ ସିରିଜ କବ୍‌ଜା କରିନେଇଛି। ଅନ୍ତିମ ତଥା ୩ୟ ମ୍ୟାଚ୍ ନଭେମ୍ବର ୧୯ ରେ ଏଠାରେ ଅନୁଷ୍ଠିତ ହେବ।


## ରଣଜୀ ଟ୍ରଫି: ଓଡ଼ିଶାର ସମ୍ମାନ ରଖିଲେ ବିପ୍ଳବ-ଅନିଲ

ଭୁବନେଶ୍ୱର, ୧୬।୧୧ (ସମିସ):

ଘରୋଇ ଓଡ଼ିଶା ଓ ନାଗାଲାଣ୍ଡ ମଧ୍ୟରେ ରବିବାରଠାରୁ ସ୍ଥାନୀୟ କିଟ୍ କ୍ରିକେଟ୍ ଷ୍ଟାଡିୟମରେ ରଣଜୀ ଟ୍ରଫି ୫ମ ରାଉଣ୍ଡ ମ୍ୟାଚ୍ ଆରମ୍ଭ ହୋଇଛି। ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଓଡ଼ିଶା ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୮୯ ଓଭରରେ ୭ ୱିକେଟ୍ ହରାଇ ୨୪୩ ରନ ସଂଗ୍ରହ କରିଛି। ଖେଳ ଶେଷବେଳକୁ ଅନିଲ ପରିଡ଼ା ୯୮ ଓ ରାଜେଶ ମହାନ୍ତି ୨ ରନ କରି ଖେଳୁଛନ୍ତି।

### ୩୪/୪: ଓଡ଼ିଶାର ପ୍ରାରମ୍ଭିକ ବିପର୍ଯ୍ୟୟ

ପାଞ୍ଚ ବର୍ଷର ବ୍ୟବଧାନ ପରେ କିଟ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ରଣଜୀ ଲଢ଼େଇରେ ଟସ୍ ଜିତି ଘରୋଇ ଓଡ଼ିଶା ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଧୀମା ବ୍ୟାଟିଂ ଆରମ୍ଭ କରିଥିବା ଓଡ଼ିଶା ୨୦ ଓଭରବେଳକୁ ମାତ୍ର ୩୪ ରନ ମଧ୍ୟରେ ଗୌରବ ଚୌଧୁରୀ (୧୦ ରନ) ଓ ସ୍ୱସ୍ତିକ ସାମଲ (୯)ଙ୍କ ସହ ଅଧିନାୟକ ଶୁଭ୍ରାଂଶୁ ସେନାପତି (୧୩) ଓ ଗୋବିନ୍ଦ (୦)ଙ୍କ ୱିକେଟ୍ ହରାଇଥିଲା। ଏହି ସମୟରେ ମଧ୍ୟକ୍ରମରେ ଅଭିଜ୍ଞ ବିପ୍ଳବଙ୍କ ସହ ଯୁବ ବ୍ୟାଟର୍ ଅନିଲ ବ୍ୟାଟିଂର ମଙ୍ଗ ସମ୍ଭାଳିଥିଲେ। ଗତ ସିଜନ ଭଳି ଚଳିତ ବର୍ଷ ମଧ୍ୟ ପ୍ରାରମ୍ଭରୁ ଅଣଦେଖାର ଶିକାର ହୋଇଥିବା ବିପ୍ଳବ ପ୍ରତ୍ୟାବର୍ତ୍ତନ ସୁଯୋଗର ଭରପୁର ଫାଇଦା ଉଠାଇଥିଲେ। ଅନିଲଙ୍କ ସହ ମିଶି ବିପ୍ଳବ ନାଗାଲାଣ୍ଡ ବୋଲରଙ୍କୁ ଧୈର୍ଯ୍ୟର ସହ ମୁକାବିଲା କରି ୫ମ ୱିକେଟ୍‌ରେ ୧୭୯ ରନର ଗୁରୁତ୍ୱପୂର୍ଣ୍ଣ ଭାଗୀଦାରି ଗଢ଼ିଥିଲେ। ଫଳରେ ଦଳୀୟ ସ୍କୋର ୨୦୦ ଶହ ରନ ଅତିକ୍ରମ ହୋଇଥିଲା। ତେବେ ବିପ୍ଳବ ୯୨ ରନ (୧୪୫ ବଲ୍, ୯ ଚୌକା ଓ ୧ ଛକା) କରି ଶତକରୁ ବଞ୍ଚିତ ହୋଇଥିଲେ। ଏହାପରେ ସମ୍ବିତ ବରାଳ (୧୧ ରନ) ଓ ପଦାର୍ପଣକାରୀ ୱିକେଟ୍‌କିପର ଶାୱନ ପହରିୟା (୧) ନିରାଶ କରିଥିଲେ। ନିଜର ୨ୟ ମ୍ୟାଚ୍ ଖେଳୁଥିବା ଅନିଲ ୨୪୯ ବଲରେ ୯୮ ରନ କରି ଅପରାଜିତ ରହିଛନ୍ତି। ଗତ ସିଜନରେ ପଦାର୍ପଣରେ ସର୍ଭିସେସ ବିପକ୍ଷରେ ଅପରାଜିତ ୯୯ ରନ କରିଥିଲେ ମଧ୍ୟ ଅନିଲଙ୍କୁ ଚଳିତ ସିଜନ ପ୍ରାରମ୍ଭରୁ ଅଣଦେଖା କରାଯାଇଥିଲା। ନାଗାଲାଣ୍ଡର ଅଧିନାୟକ ରଙ୍ଗସେନ ଜୋନାଥନ, ରୋନିତ୍ ମୋରେ ଓ ଲାମଲିୱତି ଲାମଲିୱତି ୨ଟି ଲେଖାଏ ୱିକେଟ୍ ନେଇଛନ୍ତି।





ସକାଳ THE SAKALA
A Unit of Nandighosha Network Pvt. Ltd.
ନନ୍ଦିଘୋଷ

'ସକାଳ'ର ପଞ୍ଚମ ସ୍ୱନକ୍ଷତ୍ର ଉପଲକ୍ଷେ ରାଜ୍ୟସ୍ତରୀୟ
ବିତର୍କ ପ୍ରତିଯୋଗିତା ୨୦୨୫
ଭାଷା: ଓଡ଼ିଆ

Presented by:
BHARAT MASALA
AN ISO 9001 : 2015 & HACCP CERTIFIED COMPANY
The Taste of New India

In Association with:
CBSE-XI & XII
SRI VINAYAKA Concept School
BHUBANESWAR

5th Anniversary

**ପ୍ରତିଯୋଗିତା ସ୍ଥାନ ଓ ଯୋଗାଯୋଗ ନଂ.**

| | | |
|---|---|---|
| ଭୁବନେଶ୍ୱର | ଡ଼ିଏଭି ପବ୍ଲିକ ସ୍କୁଲ, ୟୁନିଟ୍-୮, ଭୁବନେଶ୍ୱର | ସୁଧାଂଶୁ ସାହୁ - ୭୩୭୧୬୯୪୧୪୨ |
| ଖୋର୍ଦ୍ଧା | ସିଗମା ପବ୍ଲିକ ସ୍କୁଲ, ଖୋର୍ଦ୍ଧା | ରଞ୍ଜିତ କେଏନ୍ ସାମନ୍ତରାୟ - ୯୪୩୭୪୫୬୫୭୭ |
| ନୟାଗଡ଼ | ସାମ୍ବାଦିକ ଭବନ, ନୟାଗଡ଼ | ଅନିଲ କୁମାର ପଣ୍ଡା - ୭୩୭୭୭୧୦୦୯୭ |
| ଅନୁଗୋଳ | ରୋଟାରୀ ପବ୍ଲିକ ସ୍କୁଲ, ଅନୁଗୋଳ | ସଂଗ୍ରାମ ଦାସ - ୯୪୩୯୦୧୭୦୧୯ |
| ପୁରୀ | କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ସଦାଶିବ ପରିସର, ପୁରୀ | ହେମନ୍ତ କୁମାର ନାୟକ - ୯୯୩୭୫୫୧୭୨୯ |
| କଟକ | ସାରଳା ଭବନ ,ବିଜୁ ପଟ୍ଟନାୟକ ଛକ , ତୁଳସିପୁର, କଟକ | ଭକ୍ତି ଭୂଷଣ ମହାନ୍ତି - ୯୩୩୮୧୦୧୦୮୩ |
| ଢେଙ୍କାନାଳ | ଢେଙ୍କାନାଳ, ସିନର୍ଜି ଇଞ୍ଜିନିୟରିଂ ବୈଷୟିକ ମହାବିଦ୍ୟାଳୟ | ସୟେଦ ଇମତିଆଜ୍ ହୁସେନ୍ - ୯୪୩୭୦୭୪୦୩୩ |
| ମୟୂରଭଞ୍ଜ | ସାଇଆଦର୍ଶ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ରଘୁନାଥପୁର ବାରିପଦା | ମନୋଜ କୁମାର ପଣ୍ଡା - ୯୪୩୮୨୪୮୪୯୧ |
| ଗଜପତି | ମହେନ୍ଦ୍ରଗିରି ପୌର ସରକାରୀ ଉଚ୍ଚ ବିଦ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି | ରଶ୍ମି ରଞ୍ଜନ ମିଶ୍ର-୯୪୩୭୧୪୦୦୦୨ |
| ଗଞ୍ଜାମ | ସହିଦ ଲକ୍ଷ୍ମଣ ନାୟକ ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ, କୋର୍ଟପେଟା, ବ୍ରହ୍ମପୁର | କ୍ଷୀରସିନ୍ଧୁ ମହାନ୍ତି - ୭୭୪୯୮୧୧୭୦୩ |
| କନ୍ଧମାଳ | ଡିଆଇପିଆରଓ କନଫରେନ୍ସ ହଲ, ଫୁଲବାଣୀ, କନ୍ଧମାଳ | ସଞ୍ଜୟ ପାତ୍ର - ୭୦୦୮୬୨୫୭୧୯ |
| କେନ୍ଦ୍ରାପଡା | ସେଣ୍ଟ ଜାଭିୟର ହାଇସ୍କୁଲ, ଗୋପ, କେନ୍ଦ୍ରାପଡା | ଦେବଦତ୍ତ ଦାଶ - ୯୯୩୭୨୨୭୯୯୪ |
| ଜଗତସିଂହପୁର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗତସିଂହପୁର | ଶଶାଙ୍କ ଶେଖର ପଣ୍ଡା - ୯୮୬୧୩୩୭୯୮୨ |
| ଯାଜପୁର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଯାଜପୁର | ସଦିପ୍ତ ରାୟ - ୯୪୩୯୪୯୭୬୪୫ |
| ବାଲେଶ୍ୱର | ସକାଳ-ନନ୍ଦିଘୋଷ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ପଡୁଆଁପଦା, ପ୍ରୁଫ ରୋଡ, ବାଲେଶ୍ୱର | ଅସୀମ ମହାପାତ୍ର - ୯୪୩୯୪୫୨୧୮ |
| ଭଦ୍ରକ | ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟ (ପୁରୁଣା ସରକାରୀ ବାଳିକା ବିଦ୍ୟାଳୟ), ଭଦ୍ରକ | ଉମାକଲ୍ୟାଣ ମହାପାତ୍ର - ୯୦୯୦୯୦୪୦୭୭ |

୨୩ ନଭେମ୍ବର ୨୦୨୫ | ରବିବାର

ଜୁନିୟର: ହାଇସ୍କୁଲ ଛାତ୍ରଛାତ୍ରୀ
ସିନିୟର: କଲେଜ / ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ

ପ୍ରାରମ୍ଭିକ ବିତର୍କ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯିବ।
ଭାଗ ନେଉଥିବା ସମସ୍ତ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ୍ ଅଫ୍ ପାର୍ଟିସିପେସନ୍ ପ୍ରଦାନ କରାଯିବ।

ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରର ପ୍ରତିଯୋଗିତା ପାଇଁ ଭୁବନେଶ୍ୱର ଡକାଯିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS